


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୦ ଅଗଷ୍ଟ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 20 August 2024

Vol.No. 35 ■ No.224 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଅଟୋପସି ରିପୋର୍ଟରେ ଚାଞ୍ଚଲ୍ୟକର ଖୁଲାସା

## କୋଲକାତା ମୃତ ଡାକ୍ତରଙ୍କ ଶରୀରରେ ଥିଲା ୧୪ଟି କ୍ଷତ ଚିହ୍ନ

ନୂଆଦିଲ୍ଲୀ, ୧୯/୮ :ଗୋଟେପଟେ ଆନ୍ଦୋଳନ, ଅନ୍ୟପଟେ ସିବିଆଇର ଖୋଲତାଡ ଓ ଡାକ୍ତରୀ ରିପୋର୍ଟରେ ଅନେକ ଚାଂଚଲ୍ୟକର ଖୁଲାସା ସାମ୍ନାକୁ ଆସୁଛି । ପୋଷ୍ଟମର୍ଟମ ରିପୋର୍ଟ, ଫୋରେନସିକ ରିପୋର୍ଟ ଅନେକ ଲୋମଟାଙ୍କୁରା ତଥ୍ୟ ଜଣାପଡିବା ପରେ ମାମଲାର ମୋଡ ନୂଆ ଦିଗକୁ ଯିବା ଆଶଙ୍କା ମଧ୍ୟ ପ୍ରକାଶ ପାଇଛି । ମାମଲାରେ ଏକଥା ମଧ ଦାବି କରାଯାଉଛି ଯେ କୋଲକାତାର ସବୁଠୁ ବଡ ସରକାରୀ ହସ୍ପିଟାଲ ଓ କଲେଜ ବଡ ରାକେଟ ଚାଲୁଥିଲା । ମାନବ ଅଙ୍ଗପ୍ରତ୍ୟେଙ୍ଗ ଚୋରା ଚାଲାଣ, ସେକ୍ସ ଓ ଡ୍ରଗ୍ସ ରାକେଟରେ ହସ୍ପିଟାଲର କିଛି ବରିଷ୍ଠ ବ୍ୟକ୍ତିଙ୍କ ସମ୍ପୃକ୍ତି ମଧ୍ୟ ଆଶଙ୍କା କରାଯାଉଛି । ହୁଏତ ଏହି ବାବଦରେ ଜାଣିଥିଲେ




ମୃତ ଡାକ୍ତର । ତେବେ ତାଙ୍କୁ ରାସ୍ତାର ହଟାଇବା ପାଇଁ ଏକ ଦୁଷ୍କର୍ମ ଓ ହତ୍ୟା ମାମଲାକୁ ଯୋଜନାବଦ୍ଧ କରାଯାଇଥିବା ସହପାଠୀ, ପରିବାର ସନ୍ଦେହ ପ୍ରକାଶ କରୁଛି । ସିବିଆଇ ଅଧିକାରୀ ସେହି ସେମିନାର ହଲରେ ପହଁଚିଛି ଯେଉଁଠି ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିଲା । ଲେଜର ସ୍କାନ ବ୍ୟବହାର କରି ମାଷ୍ଟରମାଇଣ୍ଡ ନିକଟରେ ପହଁଚିବାକୁ ଚେଷ୍ଟା କରାଯାଉଛି । ୩ଟି ଟିମ ସହ ଛାନଭିନ କରୁଛି ସିବିଆଇ । ତଦନ୍ତକାରୀ ସଂସ୍ଥାର ରାଡାରେ ପୂର୍ବତନ ପ୍ରିନ୍ସପାଲ ଓ ୪ଜଣ ଡାକ୍ତର ରହିଛନ୍ତି । ଏମାନଙ୍କୁ ବାରମ୍ବାର ଜେରା କରାଯାଉଛି । କୋଲକାତା ଡାକ୍ତର ଦୁଷ୍କର୍ମ ଓ ହତ୍ୟା ମାମଲାରେ ବଢୁଛି ଟିଏମିର ସମସ୍ୟା । ଘଟଣାକୁ ନେଇ ଦଳରେ କିଛି ବି ଠିକ ନାହିଁ । ମମତାଙ୍କ ନେତା,ମନ୍ତ୍ରୀ ମଧ ସ୍ୱର ଉତ୍ତୋଳନ କରିଲେଣି । ଟିଏମସି ସାଂସଦ ସୁଖେନ୍ଦୁ ଶେଖର ଦଳର ମୁଖିଆଙ୍କ ବିରୋଧରେ ମୋର୍ଚ୍ଚା ଖୋଲି ଧାରଣାରେ ବସିଥିବାବେଳେ ଏବେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ମଧ ମମତାଙ୍କୁ ସିଧାସଳଖ ଟାର୍ଗେଟ କରିଛନ୍ତି । ସୋସିଆଲ ମିଡିଆ ପୋଷ୍ଟରେ ରାହୁଲ ପଶ୍ଚିମବଙ୍ଗକୁ ଏକ ଅସୁରକ୍ଷିତ ରାଜ୍ୟ କହିବା ସହ ମମତା ସରକାର ଅପରାଧୀଙ୍କୁ ବଂଚାଉଥିବା କହିବା ପରେ ଟିଏମସି ପାଲଟା ଜବାବ ରଖିଛି । ସେପଟେ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି ଖୋଦ ରାଜ୍ୟପାଳ ସିଭି ଆନନ୍ଦବୋଷ । ପଶ୍ଚିମବଙ୍ଗ ▶▶ପୃଷ୍ଠା ୭

# ସ୍ପଷ୍ଟ କଲେ ଆଇନ୍ ମନ୍ତ୍ରୀ: ଏଥର ହେବନି ଛାତ୍ର ସଂସଦ ନିର୍ବାଚନ

ଭୁବନେଶ୍ୱର, ୧୯/୮ (ନି.ପ୍ର): ଚଳିତ ବର୍ଷ ହେବନି ଛାତ୍ର ସଂସଦ ନିର୍ବାଚନ । ଆର ବର୍ଷରେ ହେବ କଲେଜ ଇଲେକ୍ସନ । ଅର୍ଥାତ୍ ୨୦୨୫ ମସିହାରେ ହେବ ଛାତ୍ର ସଂସଦ ନିର୍ବାଚନ । ଯାଜପୁର ଜିଲ୍ଲା ବଡ଼ଚଣା ନୂଆହାଟ କଲେଜରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଏକଥା ସ୍ପଷ୍ଟ କରିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଆଇନ ମନ୍ତ୍ରୀ ଆହୁରି ମଧ କହିଛନ୍ତି, ଛାତ୍ର ସଂସଦ ନିର୍ବାଚନ ସାଧାରଣତଃ ସେପଟ୍ଟେମ୍ବର ମାସର ପ୍ରଥମ ସପ୍ତାହରେ ହୋଇଥାଏ । ହେଲେ ରାଜ୍ୟରେ ନୂଆ ସରକାର ଆସିଲା




ପରେ ଏଥର କଲେଜ ଇଲେକ୍ସନ କରିବାକୁ ପର୍ଯ୍ୟାପ୍ତ ସମୟ ମିଳିନି । ଛାତ୍ର ସଂସଦ ନିର୍ବାଚନ ପାଇଁ ପ୍ରଥମେ ଏବର୍ଷ ଆଗେ ସମସ୍ତ କଲେଜରେ ଆନୁଷଙ୍ଗିକ ପ୍ରସ୍ତୁତି କରାଯିବ । ସେ କାମ ସରିଲେ ଆସନ୍ତାବର୍ଷ କଲେଜ ଭୋଟ୍ ନିଶ୍ଚିତ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଆଇନମନ୍ତ୍ରୀ । ଆଇନମନ୍ତ୍ରୀଙ୍କଠାରୁ ସ୍ପଷ୍ଟ ଚିତ୍ର ମିଳିବା ପରେ ଏବର୍ଷକୁ ମିଶାଇ କ୍ରମାଗତ ଭାବେ ଷଷ୍ଠ ଥର ପାଇଁ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ କ୍ୟାମ୍ପସରେ ▶▶ପୃଷ୍ଠା ୭

# ଭୁବନେଶ୍ୱର, କଟକ ପରେ ରାଞ୍ଚି ଗଲା କମିଶନରେଟ୍ ପୁଲିସ୍

ଭୁବନେଶ୍ୱର, ୧୯/୮ (ନି.ପ୍ର): ଲମ୍ବି ଚାଲିଛି ସିମ୍ ବକ୍ସ କ୍ରାଇମର ନେଟୱର୍କ । ଯୋଡ଼ି ହେବାରେ ଲାଗିଛି ଗୋଟିଏ ପରେ ଗୋଟିଏ ରାଜ୍ୟ । ଗତ ୩ ଦିନର ଖୋଳତାଡ଼ ଭିତରେ ପ୍ରଥମେ ଭୁବନେଶ୍ୱର, ପରେ କଟକ ଆଉ ଆଜି ସାମ୍ନାକୁ ଆସିଛି ଝାଡ଼ଖଣ୍ଡ ଲିଙ୍କ । ଝାଡ଼ଖଣ୍ଡର ରାଞ୍ଚିରେ ମଧ କୁଆଡ଼େ ବସିଛି ସିମ୍ ବକ୍ସ ସେଟଅପ୍ ? । ଅର୍ଥାତ ବାଂଲାଦେଶରୁ ଭାୟା ପଶ୍ଚିମବଙ୍ଗ ହୋଇ ଓଡ଼ିଶା ଓ ଝାଡ଼ଖଣ୍ଡରେ ଚାଲିଥିଲା ନେଟୱର୍କ । ବାଂଲାଦେଶୀ ରିଙ୍ଗ ମାଷ୍ଟର ଆଶାଦ୍ଦୁର ଜମାନ ପଶ୍ଚିମବଙ୍ଗର



ରାଜୁ ମଣ୍ଡଳକୁ ହାତ କରି ବିଛାଇଛି ସିମବକ୍ସର ଅପରାଧିକ ନେଟୱାର୍କ । ୫ ଦିନିଆ ରିମାଣ୍ଡରେ ଥିବା ରାଜୁଠାରୁ ଏହି ତଥ୍ୟ ପାଇବା ପରେ ଏବେ ଦଳବଳ ଧରି ରାଞ୍ଚି ମୁହାଁ କମିଶନରେଟ୍ ପୁଲିସ । ତେବେ ଝାଡ଼ଖଣ୍ଡର ଏଜେଣ୍ଟ କିଏ ? ସେହି ତଥ୍ୟକୁ ଗୋପନ ରଖିଛି ପୁଲିସ । ପୁଲିସ କମିଶନର ସଞ୍ଜୀବ ପଣ୍ଡାଙ୍କ କହିବା କଥା, ସିମବକ୍ସ କ୍ରାଇମର ବଙ୍ଗୀୟ ଏଜେଣ୍ଟ ତଥା ଉତ୍ତର ଚବିଶ ପ୍ରଗଣାର ରାଜୁ ମଣ୍ଡଳ ଭୁବନେଶ୍ୱର ଓ କୋଲକାତାରୁ ଜିନିଷପତ୍ର ନେଇ ବାଂଲାଦେଶରେ ▶▶ପୃଷ୍ଠା ୭

# ପୋଖରୀରେ ବୁଡ଼ି ୨ ନାବାଳକଙ୍କ ମୃତ୍ୟୁ

ନୂଆପଡ଼ା, ୧୯/୮ (ନି.ପ୍ର): ନୂଆପଡ଼ା ଜିଲ୍ଲା ଜୋଙ୍କ ଥାନା ସରେଇପାଲି ଗାଁରେ ପୋଖରୀରେ ବୁଡ଼ି ୨ ଜଣ ନାବାଳକଙ୍କ ମୃତ୍ୟୁ ଘଟିଛି । ମୃତକ ଦ୍ୱୟ ହେଉଛନ୍ତି ଗାଁର ଜନଉ ବରିହାଙ୍କ ପୁଅ ହେମରାଜ ଓ ବେଦରାମ ବରିହାଙ୍କ ପୁଅ ଶଙ୍କର । ଉଭୟ ନାବାଳକ ଆଜି ଅପରାହ୍ନରେ ଗାଁ ନିକଟରେ ଥିବା ଦର୍ଲଭଟା ପୋଖରୀକୁ ଗାଧୋଇବାକୁ ଯାଇଥିଲେ । କିନ୍ତୁ ଆଉ ଫେରି ନଥିଲେ । ତେଣୁ ପରିବାର ଲୋକେ ଖୋଜାଖୋଜି କରିଥିଲେ । ପରେ ଦର୍ଲଭଟା ପୋଖରୀରେ ସେମାନେ ଭାସୁଥିବା ଦେଖିବାକୁ ମିଳିଥିଲା । ସେମାନଙ୍କୁ ଉଦ୍ଧାର କରାଯାଇ ନୂଆପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ ।

# ରକ୍ତରେ ଭିଜିଲା ରାକ୍ଷୀ: ଛୁରୀ ଭୁଷି ଭଉଣୀକୁ ମାରିଦେଲା ଭାଇ

ଗଞ୍ଜାମ, ୧୯/୮ (ନି.ପ୍ର): ରାକ୍ଷୀ ପୂର୍ଣ୍ଣିମାରେ ରକ୍ତରେ ଭିଜିଲା ରାକ୍ଷୀ । ଆଉ ସୁରକ୍ଷା ଦେବାର ପ୍ରତିଶ୍ରୁତି ଦେଇ ପ୍ରତାରଣା କଲା ଭାଇ । ଯେଉଁ ଭାଇର ଦୀର୍ଘାୟୁ କାମନା କରି ତା' ହାତରେ ବାନ୍ଧିଥିଲା ରାକ୍ଷୀ, ଆଜି ସିଏ ପାଲଟିଲା ନର ରାକ୍ଷସ । ଚିର ଦିନ ପାଇଁ ସୁରକ୍ଷା ଦେବାର ପ୍ରତିଶ୍ରୁତି ଦେଇ ଦିନ ଦି'ପହରରେ ସାନ ଭାଉଣୀକୁ ଅତି ବୀଭତ୍ସ ଭାବେ ଛୁରୀରେ ଭୁଷି



ହତ୍ୟା କରିଛି । ଏପରି ହୃଦୟବିଦାରକ ଘଟଣା ଗଞ୍ଜାମ ଜିଲ୍ଲା ବଡ଼ବଜାର ଥାନା ଅଞ୍ଚଳରେ ଘଟିଛି । ୧୩ ବର୍ଷୀୟା ପ୍ରଯୋକ୍ତା ପାଣିଗ୍ରାହୀ ଓ ତାଙ୍କ ଭାଇ ଆୟୁଷ୍ମାନ ପାଣିଗ୍ରାହୀ ବଡ଼ବଜାର ଥାନା ସପ୍ତମ ଗଳିରେ ରହୁଥିବା ନିଜ ସମ୍ପର୍କୀୟ ବଡ଼ବାପାଙ୍କ ଘରକୁ ଆସିଥିଲେ । କାରଣ ତାଙ୍କ ଘରେ ଚାଲିଥିଲା ଶ୍ରାଦ୍ଧ ପୂଜା । ଘରର ତଳ ମହଲାରେ ପୂଜା ଚାଲିଥିବା ବେଳେ ଉପର ମହଲାରେ ପ୍ରଯୋକ୍ତା, ଭାଇ ଆୟୁଷ୍ମାନ ଓ ସମ୍ପର୍କୀୟ ଭାଇ ଆଶୁତୋଷ ପାଣିଗ୍ରାହୀ ଥିଲେ । ହଠାତ୍ ଚିତ୍କାର ▶▶ପୃଷ୍ଠା ୭

# ଆଜିଠୁ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ

ଭୁବନେଶ୍ୱର, ୧୯/୮ (ନି.ପ୍ର): ଆସନ୍ତାକାଲିଠୁ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆରମ୍ଭ ହେବ । ଏହି ଅଧିବେଶନ ସେପଟ୍ଟେମ୍ବର ୧୩ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଛି । ଏହି ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନରେ ବିଭିନ୍ନ ବିଭାଗର ବଜେଟ୍ ଅନୁଦାନ ଦାବି ଉପରେ ଗୃହରେ ଆଲୋଚନା ଓ ପାରିତ ହେବ । ବିଧାନସଭା ସଚିବାଳୟ ପକ୍ଷରୁ ଆଜି ଜାରି କାର୍ଯ୍ୟସୂଚୀ ଅନୁସାରେ, ଆସନ୍ତାକାଲି ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ପୂର୍ବତନ ବିଧାୟକ ସୁନ୍ଦରମୋହନ ମାଝୀଙ୍କ ସମ୍ମାନରେ ଶୋକପ୍ରସ୍ତାବ ଆସିବ ।



# ବିଲରେ ବାଇକ୍ ସହ ପଡ଼ିଛି ଦୁଇ ମୃତଦେହ: ମିଳୁନି ପରିଚୟ

ମୟୂରଭଞ୍ଜ, ୧୯/୮ (ନି.ପ୍ର): ବିଲରେ ଆଣ୍ଠୁଏ ଲେଖା ପାଣି ଥିବା ବେଳେ ତା' ଭିତରେ ପଡ଼ିଥିଲା ବାଇକ୍ । ଆଉ ବାଇକ୍ ଆଖପାଖରେ ଖୋଜାଖୋଜି କରିବାରୁ ମିଳିଲା ଦୁଇ ଯୁବକଙ୍କ ମୃତଦେହ । ଏପରି ଏକ ଅଭାବନୀୟ ଘଟଣା ଆଜି ସକାଳେ ମୟୂରଭଞ୍ଜ ଜିଲ୍ଲାର ମୋରଡା ଥାନା ଅନ୍ତର୍ଗତ ଚିତ୍ରଡା-ଦାନ୍ତିଆମୁହାଁ ରାସ୍ତା ପାରିଆଉଡା ଛକ ନିକଟରେ ଘଟିଛି । ମୃତକଦ୍ୱୟଙ୍କ ପରିଚୟ ମିଳିପାରିନି । ସ୍ଥାନୀୟ ଲୋକମାନେ ଆଜି ସକାଳୁ ପାଣି ଭର୍ତ୍ତି ବିଲ ▶▶ପୃଷ୍ଠା ୭

# ଜମି ଦୁର୍ନୀତି ବିବାଦ: କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀଙ୍କୁ 'ହାଇକୋର୍ଟ' ଆଶ୍ୱସ୍ତି



ନୂଆଦିଲ୍ଲୀ, ୧୯/୮ : ମହୀଶୂର ନଗର ଉନ୍ନୟନ ପ୍ରାଧିକରଣ (ମୁଡା) ଦ୍ୱାରା ଜମି ଆବଣ୍ଟନ ଦୁର୍ନୀତି ଅଭିଯୋଗ ଘଟଣାରେ କର୍ଣ୍ଣାଟକା ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟାଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି । ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ଆଜି କର୍ଣ୍ଣାଟକା ହାଇକୋର୍ଟ ଟ୍ରାଏଲ କୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସିଦ୍ଦରମୈୟାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କର୍ଣ୍ଣାଟକା ରାଜ୍ୟପାଳ ଥାୱାର ଚାନ୍ଦ ଗେହଲଟ ଶନିବାର ଅନୁମତି ଦେଇଥିଲେ । ଏହା ବିରୋଧ ସେ ହାଇକୋର୍ଟ ଯାଇଥିଲେ । ରାଜ୍ୟପାଳଙ୍କ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିଷ୍ପତ୍ତି ରାଜନୀତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଅଭିଯୋଗ କରି ସିଦ୍ଦରମୈୟା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଏହାର ଶୁଣାଣି କରି ଆସନ୍ତା ୨୯ ତାରିଖ ଯାଏ କୌଣସି ପ୍ରକାରର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ କହିଛନ୍ତି । ଅଗଷ୍ଟ ୨୯ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ । ହାଇକୋର୍ଟ କହିଛନ୍ତି ଯେ ଏବେ ମାମଲା କୋର୍ଟରେ ରହିଛି ଓ ଆବେଦନ ଶୁଣାଣି ଶେଷ ହୋଇ ନାହିଁ । ତେଣୁ ପରବର୍ତ୍ତୀ ଶୁଣାଣି ଯାଏ ଟ୍ରାଏଲ କୋର୍ଟ ନିଜ ଶୁଣାଣିକୁ ସ୍ଥଗିତ ରଖିବେ । ଆବେଦନକାରୀ ଦାଖଲ କରିଥିବା ପିଟିସନରେ ଏକାଧିକ ପଏଣ୍ଟ ଉପସ୍ଥାପନ କରିଛନ୍ତି । ପ୍ରାଥମିକ ଭାବେ ଜଣାପଡ଼ିଛି ଯେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦିଆଯିବା ବେଳେ ନିଜ ମୁଣ୍ଡର ବ୍ୟବହାର କରାଯାଇ ନାହିଁ । ଜୁଲାଇ ୨୬ରେ ଅଭିଯୋଗ ହୋଇଥିବା ବେଳେ ▶▶ପୃଷ୍ଠା ୭

# ଯୁଦ୍ଧ ଭିତରେ ପ୍ରଥମଥର ପାଇଁ ୟୁକ୍ରେନ ଯିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ନୂଆଦିଲ୍ଲୀ, ୧୯/୮ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖୁବଶୀଘ୍ର ଯୁଦ୍ଧ କ୍ଷତିଗ୍ରସ୍ତ ୟୁକ୍ରେନ ଗସ୍ତ କରିବେ । ରୁଷ ସହ ଯୁଦ୍ଧ ଆରମ୍ଭ ହେବା ପରେ ପ୍ରଥମଥର ପାଇଁ ମୋଦି ୟୁକ୍ରେନ ଗସ୍ତ କରୁଛନ୍ତି । ଗୋଟିଏ ମାସ ତଳେ ପ୍ରଧାନମନ୍ତ୍ରୀ ମୋଦି ମସ୍କୋ ଗସ୍ତ କରି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଭେଟିଥିଲେ । ଏବେ ସେ ୟୁକ୍ରେନ ଯାଇ ସେଠାକାର ରାଷ୍ଟ୍ରପତି ଭ୍ଲୋଡିମିର ଜେଲେନସ୍କିଙ୍କୁ ସାକ୍ଷାତ କରିବେ ବୋଲି ଜଣାପଡ଼ିଛି । ମୋଦିଙ୍କ ୟୁକ୍ରେନ ଗସ୍ତକୁ ବୈଦେଶିକ ମନ୍ତ୍ରଣାଳୟ ନିଶ୍ଚିତ



କରିଛି । ବୈଦେଶିକ ମନ୍ତ୍ରଣାଳୟର ପଶ୍ଚିମ ସଚିବ ତନମୟ ଲାଲ ସୂଚନା ଦେଇ କହିଛନ୍ତି ଯେ ଅଗଷ୍ଟ ୨୧ରେ ପ୍ରଧାନମନ୍ତ୍ରୀ ମୋଦି ପୋଲାଣ୍ଡ ଗସ୍ତ କରିବେ । ଏହାର ଦୁଇ ଦିନ ପରେ ଅର୍ଥାତ ଅଗଷ୍ଟ ୨୩ରେ ସେ ୟୁକ୍ରେନ ଯିବେ । ମୋଦି ଭାରତର ପ୍ରଧାନମନ୍ତ୍ରୀ ଭାବେ ୪୫ ବର୍ଷ ମଧ୍ୟରେ ପ୍ରଥମଥର ପାଇଁ ପୋଲାଣ୍ଡ ଗସ୍ତ କରିବେ । ଏହି ସମୟରେ ଦୁଇ ଦେଶ ମଧ୍ୟରେ ୭୦ତମ କୂଟନୀତିକ ବର୍ଷପୂର୍ତ୍ତି ସେଠାରେ ପାଳନ କରାଯିବ । ସେହିପରି ୩୦ ବର୍ଷ ମଧ୍ୟରେ ଭାରତର କୌଣସି ପ୍ରଧାନମନ୍ତ୍ରୀ ୟୁକ୍ରେନ ଗସ୍ତ କରିବେ । ପୋଲାଣ୍ଡ ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କ ଓ ୟୁକ୍ରେନର ରାଷ୍ଟ୍ରପତି ଜେଲେନସ୍କିଙ୍କ ନିମନ୍ତ୍ରଣକ୍ରମେ ମୋଦି ଉଭୟ ▶▶ପୃଷ୍ଠା ୭

# ଆଳୁ ପରେ ପିଆଜ ଚିନ୍ତା: ଆଳୁ ୪୦, ପିଆଜ ୫୦

ଭୁବନେଶ୍ୱର, ୧୯/୮ (ନି.ପ୍ର): ହୁ ହୁ ହୋଇ ବଢୁଛି ପିଆଜ ଦର । ପିଆଜ କିଲୋପ୍ରତି ୫୦ରୁ ୫୫ ଟଙ୍କାରେ ବିକ୍ରି ହେଉଥବାବେଳେ ଏବେ ଚିନ୍ତାରେ ଖାଉଟି । ଦର ବୃଦ୍ଧି ଉପରେ ଲାଗୁନାହିଁ ଲଗାମ । ଖାଦ୍ୟ ଓ ଯୋଗାଣ ବିଭାଗର କଟକଣା ନଥିବାରୁ ବେଧଡକ ଭାବେ ଚଢା ଦରରେ ବିକ୍ରି ହେଉଛି ପିଆଜ । ଆଳୁ କନ୍ଦାଇଲା । ଏବେ ଆସିଲା ପିଆଜ ପାଳି । ଆଳୁ ଦର



କିଲୋପ୍ରତି ୪୦ରୁ କମୁନଥିବାବେଳେ ଏବେ ପିଆଜ କିଲୋପ୍ରତି ୫୦ ଟଙ୍କା ଲୋକଙ୍କୁ ବାଧିଲାଣି । ରାଜ୍ୟର ବିଭିନ୍ନ ସ୍ଥାନରେ ପିଆଜ ଦର ୫୦ ଟଙ୍କା ହେଲାଣି । ଭୁବନେଶ୍ୱର ଏକ ନମ୍ବର ହାଟରେ ପିଆଜ କଲୋ ପ୍ରତି ୫୦ ଟଙ୍କା ବିକ୍ରି ହେଉଥିବାବେଳେ ଖୁଚୁରା ଦୋକାନୀ ୫୨ରୁ ୫୫ ଟଙ୍କା ବିକ୍ରି କରୁଛନ୍ତି । ▶▶ପୃଷ୍ଠା ୭


ସାଗରିକା

ଧ୍ୱନି ପ୍ରତିଧ୍ୱନି

୩୫ଶ

ସ୍ୱନକ୍ଷତ୍ର ଦିବସ ସମାରୋହ-୨୦୨୪

ଅବଗଣନା

୦୫ ଦିନ ବାକି

ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ରାଜ୍ୟର ବିଶିଷ୍ଟ ସାହିତ୍ୟ ସାଧକମାନଙ୍କ ସମାଗମରେ ପ୍ରତିଭା ସମ୍ମାନ ପର୍ବ, ଏବଂ ବହୁ ଆକାଂକ୍ଷିତ 'ଧ୍ୱନିପ୍ରତିଧ୍ୱନି' ଓ 'ସାଗରିକା'ର ସ୍ୱନକ୍ଷତ୍ର ବିଶେଷାଙ୍କ ଉନ୍ମୋଚନ ଓ ସ୍ୱରଚିତ କବିତା ପାଠୋତ୍ସବ କରାଯିବ ।

ସମସ୍ତଙ୍କୁ ସାଦର ଆମନ୍ତ୍ରଣ ।

୨୫ ଅଗଷ୍ଟ, ୨୦୨୪, ରବିବାର ପୂର୍ବାହ୍ନ @ ୯.୩୦ ଘଟିକା

ସ୍ଥାନ: ଭେନିଆ ପାରାଡାଇଜ୍, ବାଲେଶ୍ୱର

# ସରକାରଙ୍କୁ ଧନ୍ୟବାଦ ଜଣାଇଲା ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି

ଭୁବନେଶ୍ୱର,୧୯/୦୮ (ନି.ପ୍ର): ଅଗଷ୍ଟ ୧୬ ଶିକ୍ଷକ ଦାବି ଦିବସରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ସହ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ପ୍ରତିନିଧି ମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନା ସକରାତ୍ମକ ଥିଲା ବୋଲି ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ଇସ୍ତାହାରରେ କହିଛନ୍ତି ।ପ୍ରକାଶଥାଉକି, ପବିତ୍ର ଶିକ୍ଷକ ଦାବି ଦିବସରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଓଡ଼ିଶାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନଙ୍କର ସଭାସ୍ଥଳକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ପହଂଚି ସରକାରଙ୍କ ତରଫରୁ ଶିକ୍ଷକମାନଙ୍କର ସମସ୍ୟାପ୍ରତି ସମ୍ବେଦନଶୀଳ ଭାବରେ ନିଜର ସହମତି ବ୍ୟକ୍ତ କରିବା ସହ ଦାବୀପତ୍ର ଗ୍ରହଣ କରିଥିଲେ । ଏହାପରେ ସମନ୍ୱୟ ସମିତିର ପ୍ରତିନିଧିଗଣ ସଚିବାଳୟ ପରିସରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଦ୍ୱାରା ଆହୂତ ବୈଠକରେ ଯୋଗଦେଇ ଦାବୀପତ୍ର ପ୍ରଦାନ ସହିତ ବିଭିନ୍ନ ସମସ୍ୟାର ସମାଧାନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଶିକ୍ଷା, ଶିକ୍ଷକ, ଶିକ୍ଷାୟତନ, ଶିକ୍ଷାକର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କର ଅନେକ ସମସ୍ୟାର ସମାଧାନ ପାଇଁ ସରକାରୀସ୍ତରରେ ବିଭାଗୀୟ ଅଧିକାରୀମାନଙ୍କ ସହିତ ପୁନର୍ବାର ବୈଠକ କରି ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି ମାନ୍ୟବର ମନ୍ତ୍ରୀ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ଏହି ପରିପ୍ରେକ୍ଷୀରେ ସମନ୍ୱୟ ସମିତି ପକ୍ଷରୁ ନୂତନ ସରକାରଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା । ସମନ୍ୱୟ ସମିତିର ପ୍ରମୁଖ ଦାବୀଗୁଡ଼ିକ ମଧ୍ୟରେ ୨୫ ରୁ ୩୦ ବର୍ଷ ବିନା ପାରିଶ୍ରମିକରେ କାର୍ଯ୍ୟରତ ଅନୁଦାନ ଯୋଗ୍ୟ ସ୍କୁଲ କଲେଜର ଶିକ୍ଷକ କର୍ମଚାରୀମାନଙ୍କୁ ଅନୁଦାନ ପ୍ରଦାନ କରିବା, ରାଜ୍ୟର ସମସ୍ତ ନୂତନ ଅନୁଦାନ ପ୍ରାପ୍ତ ସ୍କୁଲ କଲେଜକୁ ଚାକିରି ସର୍ତ୍ତାବଳୀ ସହିତ ସରକାରୀ ଅନୁଷ୍ଠାନରେ ପରିଣତ କରି ପେନ୍ସନ୍ ପ୍ରଦାନ କରିବା ଏବଂ ପୂର୍ଣ୍ଣ ଅନୁଦାନରୁ ବଂଚିତ ହୋଇଥିବା ବିଦ୍ୟାଳୟକୁ ପୂର୍ଣ୍ଣ ଅନୁଦାନ ପ୍ରଦାନ କରିବା, ନୂତନ ପେନ୍ସନ୍ ବ୍ୟବସ୍ଥାକୁ ବାତିଲ କରି ପୂର୍ବ ପ୍ରଚଳିତ ପୁରୁଣା ପେନ୍ସନ୍ ଲାଗୁ କରିବା, ୨୦୦୪ ମସିହା ଠାରୁ ଅଦ୍ୟାବଧି ଅବସର ନେଇଥିବା ଏବଂ ଆଗାମୀ ଦିନରେ ଅବସର ନେବାକୁ ଥିବା ଶିକ୍ଷକ କର୍ମଚାରୀ ମାନଙ୍କୁ ପେନ୍ସନ୍, ଚାକିରି ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ପ୍ରଦାନ କରିବା, ଅବସର ବୟସସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି କରିବା ଏବଂ ରାଜ୍ୟର ଛାତ୍ରଛାତ୍ରୀମାନଙ୍କୁ ପ୍ରଦାନ କରାଯାଇଥିବା ମଧ୍ୟାହ୍ନ ଭୋଜନର ମାନ ବୃଦ୍ଧି କରିବା ସହିତ ସମସ୍ତ ବେସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ପାଇଁ ମଧ୍ୟାହ୍ନଭୋଜନ, ସାଇକେଲ୍, ପୋଷାକ ଆଦି ଯୋଗାଇ ଦେବା ପ୍ରଭୃତି ଅନ୍ତର୍ଭୁକ୍ତ ଥିଲା । ଆଲୋଚନାରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ସଭାପତି ସୁକାନ୍ତ କୁମାର ବେହେରା, ଆବାହକ ରଞ୍ଜନ କୁମାର ଦାଶ, ଓଷ୍ଟାର ସଭାପତି ଅକ୍ଷୟ କୁମାର ମିଶ୍ର, ନିଖିଳ ଉତ୍କଳ ସଂସ୍କୃତ ଶିକ୍ଷକ ସଂଘ ପକ୍ଷରୁ ହରେକୃଷ୍ଣ ପାଣିଗ୍ରାହୀ, ମଦ୍ରାସା ଶିକ୍ଷକ ସଂଘ ପକ୍ଷରୁ ଏମ୍.ଏ. କାସିମ୍ ବେଗ୍, ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ରଞ୍ଜନ କୁମାର ପଣ୍ଡା, ୬୬୨ ବର୍ଗ କଲେଜ କର୍ମଚାରୀ ସଂଘ ତରଫରୁ ପ୍ରମୋଦ କୁମାର ହୋତାଙ୍କ ସମେତ ମାଣିକେଶ୍ୱର ସ୍ୱାଇଁ, ରମାକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ବଲାଙ୍ଗୀରରେ ବଢୁଛି ବନ୍ଧ୍ୟାଦୋଷ: ପ୍ରଦୂଷଣ, କୀଟନାଶକ ପ୍ରମୁଖ କାରଣ

ବଲାଙ୍ଗୀର,୧୯/୦୮ (ନି.ପ୍ର): ପଶ୍ଚିମ ଓଡ଼ିଶାରେ ବନ୍ଧ୍ୟାଦୋଷ କ୍ରମଶଃ ବଢ଼ିବାରେ ଲାଗିଛି । ବଲାଙ୍ଗୀର ଜିଲ୍ଲା ମଧ୍ୟ ଏହି ସମସ୍ୟାରୁ ବାଦ ପଡ଼ିନାହିଁ । ଦୁଇଟି ବେସରକାରୀ ସଂସ୍ଥାର ସର୍ଭେରୁ ଏହି ଉଦ୍‌ବେଗଜନକ ତଥ୍ୟ ସାମନାକୁ ଆସିଛି । ତଥ୍ୟ ଅନୁସାରେ, ବଲାଙ୍ଗୀର ଜିଲ୍ଲାରେ ୧୫ଜଣ ପୁରୁଷଙ୍କ ମଧ୍ୟରୁ ଜଣେ ପୁରୁଷ ଏହାଦ୍ୱାରା ପୀଡ଼ିତ । ମହିଳାଙ୍କ ସଂଖ୍ୟା ମଧ୍ୟ ପାଖାପାଖି ସମାନ ରହିଛି । ଏହି କାରଣରୁ ଦମ୍ପତିମାନେ ମାନସିକ ଅବସାଦର ଶିକାର ବି ହେଉଛନ୍ତି । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ମୁତାବକ ଏହି ଦୋଷ ପାଇଁ ପ୍ରଦୂଷଣ ଓ କୀଟନାଶକର ବହୁଳ ବ୍ୟବହାର ପ୍ରମୁଖ କାରଣ । ଦଶନ୍ଧି ତଳର ପରିସଂଖ୍ୟାନ ତୁଳନାରେ ଏବେ ବନ୍ଧ୍ୟାଦୋଷ ୩୦ ପ୍ରତିଶତ ବଢ଼ିଥିବା ଆଉ ଏକ ରିପୋର୍ଟ କହୁଛି । ପୂର୍ବରୁ ପ୍ରଦୂଷଣ ଏବଂ କୀଟନାଶକର ବ୍ୟବହାର କମ୍ ଥିବାରୁ ଦମ୍ପତିମାନେ ବିଶେଷ ଭାବେ ପ୍ରଭାବିତ ହେଉନଥିଲେ । କିନ୍ତୁ ଏବେ ପ୍ରଦୂଷଣ ମାତ୍ରା ଅହେତୁକ ଭାବେ ବଢ଼ିଛି । ଯାହାଦ୍ୱାରା ଶରୀରର ସ୍ୱାଭାବିକ କ୍ରିୟା ଗୁରୁତର ଭାବେ ପ୍ରଭାବିତ ହୋଇଛି । କୀଟନାଶକର ମାତ୍ରାଧିକ ବ୍ୟବହାର ବନ୍ଧ୍ୟାଦୋଷ ବଢ଼ାଉଛି । ପନିପରିବାଠାରୁ ଆରମ୍ଭ କରି ଧାନରେ କୀଟନାଶକ ସିଞ୍ଚନ ଅନବରତ ଭାବେ ବଢ଼ିଚାଲିଛି । କିଛି ମାତ୍ରାରେ କୀଟନାଶକ ଶରୀରର ପାଚକତନ୍ତ୍ର ପ୍ରକ୍ରିୟାକରଣ କରିବାରେ ସମର୍ଥ ହୋଇଥାଏ । କିନ୍ତୁ ଉଚ୍ଚକ୍ଷମତା ସଂପନ୍ନ କୀଟନାଶକ ଦ୍ୱାରା କିଡ୍‌ନି ଓ ଲିଭର ପ୍ରଭାବିତ ହୋଇଥାଏ । ପର୍ଯ୍ୟାୟକ୍ରମେ ଶରୀରର ଗୁରୁତ୍ୱପୂର୍ଣ୍ଣ ହରମୋନ୍‌କୁ ଏହା କ୍ଷତି ପହଞ୍ଚାଉଛି । ତେଣୁ ବନ୍ଧ୍ୟାଦୋଷ ବଢ଼ିଚାଲିଥିବା କୁହାଯାଉଛି । କେବଳ ବନ୍ଧ୍ୟାଦୋଷ ନୁହେଁ, ସାଧାରଣ ମଣିଷ ବୟସ୍କ ପରି ଦେଖାଯିବା, ଅସୁସ୍ଥ ଶିଶୁ ଜନ୍ମ ହେବା ଆଦି ସଂଖ୍ୟା ମଧ୍ୟ ବଢ଼ିଚାଲିଛି । ସ୍ୱାଭାବିକ ପ୍ରକ୍ରିୟାରେ ଶିଶୁ ଜନ୍ମ ହେବା ସଂଖ୍ୟା ମଧ୍ୟ କମି ଯାଉଛି । ଯଦିଓ ପଶ୍ଚିମ ଓଡ଼ିଶାରେ ବନ୍ଧ୍ୟାଦୋଷ ଦୂରୀକରଣ ପାଇଁ ବିଭିନ୍ନ ଚିକିତ୍ସାଳୟରେ ଅତ୍ୟାଧୁନିକ ଉପଚାର ଉପଲବ୍ଧ ରହୁଛି, କିନ୍ତୁ ମୂଳ ସମସ୍ୟାର ନିବାରଣ ପାଇଁ କିଛି ଠୋସ୍ ବ୍ୟବସ୍ଥା ନାହିଁ । ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଧାର୍ଯ୍ୟ ଗାଇଡ୍‌ଲାଇନ୍‌କୁ ସଂପୂର୍ଣ୍ଣ ଅଣଦେଖା କରାଯାଉଛି ।

## କାନାରା ବିଦ୍ୟାଜ୍ୟୋତି ଯୋଜନାରେ ୬ଜଣ ଛାତ୍ରୀଙ୍କୁ ଶିକ୍ଷାବୃତି ପ୍ରଦାନ

କେନ୍ଦ୍ରାପଡ଼ା,୧୯/୦୮ (ନି.ପ୍ର): ପବିତ୍ର ସ୍ୱାଧୀନତା ଦିବସ ଅବସରରେ କେନ୍ଦ୍ରାପଡ଼ା କାନାରା ବ୍ୟାଙ୍କ ଶାଖା ଆନୁକୂଲ୍ୟରେ କାନାରା ବିଦ୍ୟାଜ୍ୟୋତି ଯୋଜନାରେ ୬ଜଣ ଦଳିତ ଛାତ୍ରୀଙ୍କୁ ଶିକ୍ଷାବୃତି ପ୍ରଦାନ କରାଯାଇଛି । ଶାଖାର ପରିଚାଳକ ପ୍ରଜ୍ଞା ପରମିତା ସାହୁଙ୍କ ତତ୍ୱାବଧାନରେ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଢୋଲ ପଂଚାୟତର ଯମରା ଗ୍ରାମକୁ ପୋଷ୍ୟ ସନ୍ତାନ ଭାବେ ବ୍ୟାଙ୍କ ଗ୍ରହଣ କରିଥିବାରୁ ବ୍ୟାଙ୍କ ତରଫରୁ ଭଲ ପାଠ ପଢୁଥିବା ଦଳିତ ଛାତ୍ରୀଙ୍କୁ ସହାୟତା ପ୍ରଦାନ କରାଯାଇଛି । ଏହି ସହାୟତା ଯମରା ପ୍ରାଇମେରୀ ସ୍କୁଲ ଓ ହାଇସ୍କୁଲର ଛାତ୍ରୀ ଚିତ୍ରଲେଖା ମଲ୍ଲିକ, ମା ମଙ୍ଗଳା ଉଚ୍ଚ ବିଦ୍ୟାପୀଠର ଅରପିତା ମଲ୍ଲିକ, ୟୁ.ପି ସ୍କୁଲର ଲକ୍ଷ୍ମୀପ୍ରିୟା ବେହେରା, ମନିଷା ମଲ୍ଲିକ, ରୂପାଲି ମଲ୍ଲିକ, ରେଖାସେଠୀ ପ୍ରମୁଖଙ୍କୁ ସପ୍ତମ ଶ୍ରେଣୀଯାଏ ୩ଜଣ ଛାତ୍ରୀଙ୍କୁ ୨୫୦୦ ଟଙ୍କା ଓ ଅଷ୍ଟମରୁ ଦଶମ ଶ୍ରେଣୀ ଯାଏଁ ୩ ଜଣ ଛାତ୍ରୀଙ୍କୁ ୫ ହଜାର ଟଙ୍କା ଶିକ୍ଷାବୃତି ରାଶି ପ୍ରଦାନ କରାଯାଇଛି । ଏହି ରାଶି ପ୍ରଦାନ ସମୟରେ ପ୍ରଧାନ ଶିକ୍ଷକଙ୍କ ସମେତ ସ୍କୁଲର ଶିକ୍ଷକ/ଶିକ୍ଷୟିତ୍ରୀ ପ୍ରମୁଖ ସହଯୋଗ କରିଥିଲେ ।

## ସୀମା ସୁରକ୍ଷା ବଳ ତରଫରୁ ରକ୍ତଦାନ ଶିବିର

ମାଲକାନଗିରି,୧୯/୦୮ (ନି.ପ୍ର): ମାଲକାନଗିରି ଜିଲ୍ଲା ଏମ.ଭି ୩ ସ୍ଥିତ ସୀମା ସୁରକ୍ଷା ବଳ ଶିବିର ଠାରେ ଏକ ରକ୍ତଦାନ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ସୀମା ସୁରକ୍ଷା ବଳର ଉପ ନିରୀକ୍ଷକ ବିଜୟ ସିହ୍ନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ରକ୍ତଦାନ ଏକ ମହାପୁଣ୍ୟ ଓ ରକ୍ତର ବିକଳ୍ପ କେବଳ ଏକ ମଣିଷ ହିଁ ପୁରଣ କରିବ ବୋଲି ମତଦାନ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଏମ୍. ପ୍ରସାଦ, କମାଣ୍ଡାଂଟ, ବରୁଣେନ୍ଦ୍ର ପ୍ରତାପ ସିଂହ, କମାଣ୍ଡାଂଟ, ଯଶବିନ୍ଦର ସିଂହ, ଡେପୁଟୀ କମାଣ୍ଡାଂଟ, ଡାକ୍ତର ଏଚ. ଡ଼ି.ସିଂହ,ଏ.ସି.ଆଇ.ଏମ. ଓ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିରକୁ ଶୁଭକାନ୍ତ ମହାପାତ୍ର, ଡେପୁଟୀ କମାଣ୍ଡାଂଟ ପରିଚାଳନା କରିଥିଲେ । ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଯୁବ ରେଡ଼କ୍ରସ ଆବାହକ ତଥା ସମ୍ପାଦକ ଅଧ୍ୟାପକ ଡଃ. ରଞ୍ଜନ କୁମାର ସ୍ୱାଇଁ ଓ ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ସାଗର ବାଲା ଯୋଗଦାନ କରି ରକ୍ତଦାନର ମହତ୍ୱ ଓ ଲକ୍ଷଣ ବିଷୟରେ ମତଦାନ କରିଥିଲେ । ଏହି ଅବସରରେ ୨୨ ଟି ରକ୍ତ ନମୁନା ସଂଗ୍ରହ କରାଯାଇଥିଲା । ତ୍ରିନାଥ ଚରଣ ପଣ୍ଡା, ସୁଜଳ ରାୟ, ମୋହନଖେମୁଣ୍ଡୁ ରକ୍ତ ସଂଗ୍ରହ କରିବାରେ ସାହାଯ୍ୟ କରିଥିଲେ । ସୀମା ସୁରକ୍ଷାବଳ ସୀମା ସୁରକ୍ଷା ବ୍ୟତୀତ ରକ୍ତଦାନ, ବୃକ୍ଷରୋପଣ, ଗରୀବଙ୍କୁ ସାହାଯ୍ୟ ପ୍ରଦାନ ଓ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ପ୍ରଦାନ କରି ଜିଲ୍ଲାରେ ସମସ୍ତଙ୍କର ପ୍ରିୟ ପାତ୍ର ହୋଇପାରିଛନ୍ତି । କାର୍ଯ୍ୟକ୍ରମ ପରିଶେଷରେ ରେଡ଼କ୍ରସର ଆବାହକ ଡଃ. ରଞ୍ଜନ କୁମାର ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶାରଦା ବିହାରଠାରେ ମାତୃ ସମ୍ମିଳନୀ କାର୍ଯ୍ୟକ୍ରମ

ଜୟପୁର,୧୯/୦୮ (ନି.ପ୍ର): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶାରଦା ବିହାର ଠାରେ ମାଆମାନଙ୍କୁ ନେଇ ମାତୃ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ସହପ୍ରଧାନ ଆଚାର୍ଯ୍ୟ ଦିଲୀପ କୁମାର ଶତପଥୀ, ବିଦ୍ୟାମନ୍ଦିର ବିଭାଗର ପର୍ଯ୍ୟାୟ ପ୍ରମୁଖ କୈଳାସ ଚନ୍ଦ୍ର ପଣ୍ଡା, ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ କିଶୋର ଚନ୍ଦ୍ର ପଣ୍ଡା ଉପସ୍ଥିତ ରହିବା ସହ ମୁଖ୍ୟ ଅତିଥି ଭାବେ ଶ୍ରୀମତୀ ମାନସୀ ଆଚାର୍ଯ୍ୟ ପଣ୍ଡା ସହିଦ ଲକ୍ଷ୍ମଣ ନାୟକ ଡିଗ୍ରୀ କଲେଜର ଶିକ୍ଷା ଅଧ୍ୟାପିକା, ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ଶିଶୁଟିକୁ ସୁନାଗରିକ ଭାବେ ଗଢ଼ିବା ଏବଂ ତାହାର ସର୍ବାଙ୍ଗୀନ ବିକାଶ ଦିଗରେ ମାଆର ଭୂମିକା କିଭଳି ରହିବ ସେ ସମ୍ପର୍କରେ ଧାରଣା ଦେଇଥିଲେ । ଶିଶୁ ବାଟିକା ପ୍ରମୁଖ ଶ୍ରୀମତୀ ମମିତା ବରାଡ ବିଦ୍ୟାଳୟର ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦେବା ସହ ଶୃଙ୍ଖଳା ଏବଂ ଅନୁଶାସନକୁ କିଭଳି ସମ୍ମାନ ଦେବା ସେ ସମ୍ପର୍କରେ ଉପସ୍ଥାପନ କରିଥିଲେ ।

# ଜ୍ଞାନସଂସ୍କାର କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ

ଭୁବନେଶ୍ୱର ,୧୯/୦୮ (ନି.ପ୍ର): ଜୀବନରେ ପ୍ରଶିକ୍ଷଣର ଭୂମିକା ଖୁବ୍ ଗୁରୁତ୍ୱପୁର୍ଣ୍ଣ ଓ ଏହି ପ୍ରଶିକ୍ଷଣ ଉଚ୍ଚକୋଟିର ହେବା ଉଚିତ୍, ଏଠାରୁ ପ୍ରାପ୍ତ ଜ୍ଞାନକୁ କିଭଳି କାର୍ଯ୍ୟରେ ବ୍ୟବହାର କରିହେବ ସେଥିପାଇଁ ବିଧାୟକ/ବିଧାୟିକାମାନେ ଦୃଷ୍ଟି ଦେବା ଆବଶ୍ୟକ ଓ ରାଜନୈତିକ ଦଳମାନେ ନିଜର ସ୍ୱାର୍ଥକୁ ଦେଶ ହିତ ଠାରୁ ଦୁରେଇ ରଖିବା ଉଚିତ୍ ଓ ଯଦି ବିଧାୟକମାନେ ଗୃହର କାର୍ଯ୍ୟରେ ବିନା କାରଣରେ ବାଧା ଦେବେ ତେବେ ଦେଶ ଓ ରାଜ୍ୟର ବିକାଶ ବାଧାପ୍ରାପ୍ତ ହେବ ବୋଲି ରାଜ୍ୟସଭାର ଉପାଧ୍ୟକ୍ଷ ଶ୍ରୀ ହରିବଂଶ ପ୍ରକାଶ କରିଛନ୍ତି ଓ୧୭ତମ ଓଡିଶା ବିଧାନସଭାର ନିର୍ବାଚିତ ବିଧାୟକ/ବିଧାୟିକାମାନଙ୍କ ନିମନ୍ତେ ଆୟୋଜିତ ଦୁଇ ଦିନିଆ ଜ୍ଞାନସଂସ୍କାର କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଶ୍ରୀ ହରିବଂଶ କହିଛନ୍ତି ଯେ, ଜନସାଧାରଣ ଦୃଢ ବିଶ୍ୱାସର ସହ ନିଜର ଭାଗ୍ୟ ନିର୍ଦ୍ଧାରଣ କରିବାକୁ ଆପଣଙ୍କୁ ବିଧାନସଭାକୁ ସେମାନଙ୍କର ପ୍ରତିନିଧିମାନେ ପଠାଇଛନ୍ତି ଓ ଆମକୁ ଏହି ଗୁରୁଦାୟିତ୍ୱ ସୁଚାରୁରୂପେ ତୁଲାଇ ଲୋକମାନଙ୍କର ଆସ୍ଥାଭାଜନ ହେବାକୁ ପଡିବ ଓଓଡିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢୀଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ବାଚସ୍ପତି କହିଲେଯେ, ଜ୍ଞାନସଂସ୍କାର କାର୍ଯ୍ୟକ୍ରମ ଆଗାମୀ ଦିନରେ ସମସ୍ତ ନିର୍ବାଚିତ ବିଧାୟକ/ବିଧାୟିକାମାନଙ୍କୁ ନୂତନ ଦିଗଦର୍ଶନ ଦେବ ଓ ଗୃହରେ ଶିଷ୍ଟାଚାର ଓ ଉତ୍ତମ ପରଂପରା ବଜାୟ ରଖିବା ଏକ ବିକଶିତ ଓ ଜନମଙ୍ଗଳକାରୀ ରାଜ୍ୟ ପାଇଁ ନିହାତି ଦରକାର ଓ ବିଧାୟକ/ବିଧାୟିକାମାନେ ବିଧାନସଭାରେ ଶୃଙ୍ଖଳିତ କାର୍ଯ୍ୟପ୍ରଣାଳୀ ଓ ବିଭିନ୍ନ ବିଷୟରେ ଆଲୋଚନାରେ ଭାଗ ନେଇ ରାଜ୍ୟକୁ ବିକାଶ ଦିଗରେ ଆଗେଇ ନେବାସହ ଏକ ସୁସ୍ଥ ଗଣତାନ୍ତ୍ରିକ ପରଂପରା ସୃଷ୍ଟି କରିବ ଓ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂଦେଓ କହିଲେଯେ, ବିଧାନସଭା ହେଉଛି ଗଣତନ୍ତ୍ରର ମନ୍ଦିର ଓ ଜନସାଧାରଣ ଆମକୁ ଯେଉଁ ଆଶା ଓ ବିଶ୍ୱାସର ସହ ନିର୍ବାଚିତ କରି ବିଧାନସଭାକୁ ପଠାଇଛନ୍ତି ତାହାକୁ ସାକାର କରିବାକୁ ପଡିବ ଓ ବିଧାନସଭା ଗୃହରେ ନୂତନ ବିଧାୟକ/ବିଧାୟିକାମାନଙ୍କର ଉପସ୍ଥାପନ ସହଯୋଗ ଓ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ନିଶ୍ଚିତଭାବେ ଉତ୍ସାହଜନକ ଅଟେ ଓଏହି ଅବସରରେ ସମ୍ମାନୀତ ଅତିଥିଭାବେ ଯୋଗ ଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା କହିଲେ ଯେ ଜ୍ଞାନସଂସ୍କାର କାର୍ଯ୍ୟକ୍ରମର ଆୟୋଜନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଓ ଏହି କାର୍ଯ୍ୟକ୍ରମ ମାନ୍ୟବର ବିଧାୟକ ବିଧାୟିକାମାନଙ୍କୁ ବିଧାନସଭା କାର୍ଯ୍ୟଧାରା ଓ ତତସଂପର୍କୀୟ ନିୟମ ତଥା ବ୍ୟବସ୍ଥାପକମାନଙ୍କର ଦାୟିତ୍ୱ, ଅଧିକାର ଓ ସ୍ୱାଧିକାର, ବିଭିନ୍ନ ବୈଧାନିକ ପ୍ରକ୍ରିୟା, ଆଇନ ପ୍ରଣୟନ, ବଜେଟ୍ ଉପସ୍ଥାପନ, ଗୃହରେ ଶିଷ୍ଟାଚାର ଓ ଉତ୍ତମ ପରଂପରା ବଜାୟ ରଖିବା ବିଷୟରେ ମୁଲ୍ୟବାନ ତଥ୍ୟ ପ୍ରଦାନ କରିଥାଏ ଓ ଏହାର ସୁଯୋଗ ନେବା ଉଚିତ୍ ଓକାର୍ଯ୍ୟକ୍ରମ ଶେଷରେ ମାନ୍ୟବର ସଂସଦୀୟ ବ୍ୟାପାର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ. ମୁକେଶ ମହାଲିଙ୍ଗ ଜ୍ଞାନସଂସ୍କାର କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ ଓ ଜ୍ଞାନସଂସ୍କାର କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ବାଚସ୍ପତି ଶ୍ରୀମତୀ ସୁରମା ପାଢୀଙ୍କ ଅଧକ୍ଷତାରେ ସଂସଦୀୟ ପଦ୍ଧତିରେ କମିଟିର ସାମର୍ଥ୍ୟ ସଂପର୍କରେ ଆଲୋଚନା ଅନୁଷ୍ଠିତ ହୋଇଥିଲା ଓ ଲୋକସଭା ସାଂସଦ ଶ୍ରୀ ଭର୍ତ୍ତୃହରି ମହତାବ ଏହି ପ୍ରସଙ୍ଗରେ ଆଲୋଚନା କରିଥିଲେ ଓ ଶେଷରେ ବିଧାୟକ ଶ୍ରୀ ଇରାଶିଷ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।ସରକାରୀ ଦଳ ମୁଖ୍ୟ ସଚେତକ ଶ୍ରୀ ସରୋଜ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଆଇନ ପ୍ରଣୟନ ପ୍ରକ୍ରିୟା ଉପରେ ଆଲୋଚନା ହୋଇଥିଲା ଓ ଏଥିରେ ଲୋକସଭା ସଚିବାଳୟର ପୂର୍ବତନ ଯୁଗ୍ମ ସଚିବ ଶ୍ରୀ ବିନୟ କୁମାର ମୋହନ ଯୋଗ ଦେଇ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ, ଶେଷରେ ବିଧାୟିକା ସଂଜଲୀ ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ ଓବିଧାୟକ ଶ୍ରୀ ଭାସ୍କର ମଢେଇଙ୍କ ଅଧକ୍ଷତାରେ ଗଣତନ୍ତ୍ରକୁ ସୁଦୃଢ କରିବା ପ୍ରକ୍ରିୟା ବିଷୟରେ ଆଲୋଚନା ଅନୁଷ୍ଠିତ ହୋଇଥିଲା ଓ ଏଥିରେ ନୂଆଦିଲ୍ଲୀସ୍ଥିତ ପ୍ରାଇଡର ଅଧ୍ୟକ୍ଷ ଶ୍ରୀ ପ୍ରଶାନ୍ତ ମଲ୍ଲିକ ବକ୍ତବ୍ୟ ଉପସ୍ଥାପନ କରିଥିଲେ ଓ ଶେଷରେ ବିଧାୟକ ଶ୍ରୀ ନରସିଂହ ମାଡକାମୀ ଧନ୍ୟବାଦ ଅର୍ପଣ କରିଥଲେ ଓ ଏହି କାର୍ଯ୍ୟକ୍ରମରେ ବିଧାନସଭାର ସଚିବ ଶ୍ରୀ ଦାଶରଥି ଶତପଥି ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ବଜ୍ରପାତରେ କୃଷକ ମୃତ

ସୁବର୍ଣ୍ଣପୁର,୧୯/୦୮ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ବାବୁପାଲି ପଂଚାୟତ ଅନ୍ତର୍ଗତ ତିଲେଇମାଲ ଗାଁରେ ବଜ୍ରପାତ ଯୋଗୁଁ ଜଣେ କୃଷକଙ୍କ ମୃତ୍ୟୁ ହୋଇଛି ।

ମିଳିଥିବା ସୂଚନା ମୁତାବକ, ରବିବାର ତିଲେଇମାଲ ଗାଁ ହିମାଂଶୁ ମହାନନ୍ଦ (୫୨) ତଳି ରୁଆ କାର୍ଯ୍ୟ ପାଇଁ ଧାନ ବିଲକୁ ଯାଇଥିଲେ । ଦିନ ୨ଟା ବେଳେ ବର୍ଷା ହେଉଥିବା ସମୟରେ ବଜ୍ରପାତ ଯୋଗୁଁ ସେ ଗୁରୁତର ହୋଇ ପଡିଥିଲେ । ସେଠାରେ ଥିବା ଅନ୍ୟ ଶ୍ରମିକମାନେ ତାଙ୍କୁ ତୁରନ୍ତ ଗାଁକୁ ଆଣି ଆମ୍ବୁଲାନ୍ସ ଯୋଗେ ବିନିକା ଡାକ୍ତରଖାନାକୁ ନେଇଥିଲେ । ହେଲେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ଶ୍ରମଦାନ କରି ୩ କିମି ରାସ୍ତା ମରାମତି କଲେ ଗ୍ରାମବାସୀ

ଘୁ.ଉଦୟଗିରି,୧୯/୦୮ (ନି.ପ୍ର): 'ଆମ ଗାଁକୁ ପ୍ରତିଦିନ ଶହ ଶହ ପର୍ଯ୍ୟଟକ ଆସୁଛନ୍ତି । ସେମାନେ ଆମ ଗାଁର ଅତିଥି । କିନ୍ତୁ ଦୁଃଖର କଥା, ରାସ୍ତାର ଅବସ୍ଥା ଖରାପ ହୋଇଥିବାରୁ ପର୍ଯ୍ୟଟକମାନେ ବହୁ କଷ୍ଟରେ ଗାଡ଼ିରେ ଆସୁଛନ୍ତି । କିଏ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି ତ ଆଉ କିଏ ଅଧବାଟରୁ ଫେରିଯାଉଛନ୍ତି । ଏହି ଦୃଶ୍ୟ ଦେଖି ଆମକୁ କଷ୍ଟ ଲାଗୁଥିଲା । ଏଥିପାଇଁ ରାସ୍ତାଟିଏ ନିର୍ମାଣ କରିବାକୁ ବହୁବାର ପ୍ରଶାସନକୁ ଅବଗତ କରିଥିଲୁ । କିନ୍ତୁ କୌଣସି ସୁଫଳ ମିଳିଲାନି । ଶେଷରେ ନିଜେ ଶ୍ରମଦାନ କରି ୩ କିଲୋମିଟର ରାସ୍ତା ମରାମତି କାମ କରିଛୁ' । ଏହା କହିଛନ୍ତି କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରି ବ୍ଲକ୍ ମାଲିକାପୋଡ଼ି ପଞ୍ଚାୟତର ମୁକୁଲିଙ୍ଗିଆ ଗ୍ରାମବାସୀ । ଏମାନଙ୍କ ପ୍ରୟାସକୁ ନେଇ ଏବେ ସବୁଠି ଚର୍ଚ୍ଚା । ମୁକୁଲିଙ୍ଗିଆ ଗାଁରେ ରହିଛି କାଲିଗାଡୁ ହିଲଟପ୍ । ଏହି ହିଲଟପ୍‌କୁ ପ୍ରତିଦିନ ବୁଲିବାକୁ ଶତାଧିକ ପର୍ଯ୍ୟଟକ ଆସିଥା'ନ୍ତି ।



ହେଲେ ସିର୍କୀ ଠାରୁ ମୁକୁଲିଙ୍ଗିଆ ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି । କଚ୍ଚାରାସ୍ତା ସାଙ୍ଗକୁ ଖାଲଖମା ପାହାଡ଼ିଆ ରାସ୍ତାରେ ଗାଡ଼ି ଚଳାଇବା କଷ୍ଟସାଧ୍ୟ । ବାରମ୍ବାର ମୁକୁଲିଙ୍ଗିଆ ଗ୍ରାମବାସୀ ଜିଲ୍ଲାପାଳ, ବିଡିଓ, ପଞ୍ଚାୟତିରାଜ ମନ୍ତ୍ରୀ, ସଚିବ, ବିଧାୟକ ଓ ସାଂସଦଙ୍କୁ ଲିଖିତ ଭାବେ ରାସ୍ତା ନିର୍ମାଣ ପାଇଁ ଗୁହାରି କରିଥିଲେ । କିନ୍ତୁ କୌଣସି ସୁଫଳ ନମିଳିବାରୁ ବାଧ ହୋଇ ମୁକୁଲିଙ୍ଗିଆ ଗ୍ରାମବାସୀ ଏକତ୍ରିତ ହୋଇ ଏକ ବୈଠକ ଡାକିଥିଲେ । ପ୍ରତି ଘରୁ ଜଣେ ଦୁଇଜଣ ଲେଖାଏଁ ସଦସ୍ୟ ବାହାରି ନିଜ ଗାଁରୁ ସିର୍କୀ ପର୍ଯ୍ୟନ୍ତ ୩କିମି ରାସ୍ତା ଶ୍ରମଦାନ କରି ମରାମତି କରିଛନ୍ତି । ମୁକୁଲିଙ୍ଗିଆ ଗ୍ରାମବାସୀ ଏହି ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ କାଲିଗାଡୁ ହିଲଟପ୍ ଉନ୍ନୟନ କମିଟି ଗଠନ କରି ପର୍ଯ୍ୟଟକଙ୍କ ସୁବିଧା ପାଇଁ ଉଦ୍ୟମ ଜାରି ରଖିଥିବା କମିଟି ସଭାପତି ବିବେକାନନ୍ଦ ପ୍ରଧାନ, ଉପସଭାପତି ରାଜକିଶୋର ପ୍ରଧାନ, ସମ୍ପାଦକ ଟିପୁସନ ପ୍ରଧାନ ଏବଂ ଉପଦେଷ୍ଟା ସୁରେନ୍ଦ୍ର ପ୍ରଧାନ ନିଜ ପ୍ରତିକ୍ରିୟାରେ କହିଛନ୍ତି ।

# ବୁଢ଼ାରଜା ବନ ସମିତି ପକ୍ଷରୁ ବୃକ୍ଷ ରକ୍ଷାବନ୍ଧନର ରୌପ୍ୟ ଜୁବୁଲି

ସମ୍ବଲପୁର,୧୯/୦୮ (ନି.ପ୍ର): ପଚିଶ ବର୍ଷ ପୂର୍ବେ ସର୍ବ ପ୍ରଥମେ ବୁଢ଼ାରଜା ଜଙ୍ଗଲରେ ବନ ସଂରକ୍ଷଣ ସମିତି ପକ୍ଷରୁ ବୃକ୍ଷମାନଙ୍କୁ ରାକ୍ଷୀବାନ୍ଧି ଓ ପୂଜାର୍ଚ୍ଚନା କରି ରକ୍ଷାବନ୍ଧନ କାର ?ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ଚଳିତ ବର୍ଷ ଏହାର ରଜତ ଜୁବୁଲି ଉତ୍ସବ ପାଳନ କରାଯାଇଛି । ବୁଢ଼ାରଜା ଜଙ୍ଗଲ ପାଦଦେଶରେ ବନ ସଂରକ୍ଷଣ ସମିତିର କର୍ମକର୍ତ୍ତା ଓ ସଭ୍ୟସଭ୍ୟା ବୃନ୍ଦ, ରାମକଲିଦେବୀ ଟ୍ରଷ୍ଟ ଜୁନିୟର କଲେଜର ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ବୃନ୍ଦ, ସହରର ପରିବେଶପ୍ରେମୀ ବହୁ ସଂଖ୍ୟାରେ ସମବେତ ହୋଇ ବୃକ୍ଷ ମାନଙ୍କ ପୂଜାର୍ଚ୍ଚନା କରିବା ସହ ବୃକ୍ଷ ମାନଙ୍କୁ ରାକ୍ଷୀ ବାନ୍ଧିଥିଲେ । ସମିତିର ସଭାପତି ପ୍ରକୃତିବନ୍ଧୁ ମେଘୁ ମୁଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ରକ୍ଷାବନ୍ଧନ ଉତ୍ସବରେ ପୃଥ୍ୱୀରାଜ ବେହେରା ମୁଖ୍ୟଅତିଥି ଭାବରେ ଓ ସଂସ୍କୃତିରତ୍ନ କାର୍ତିକ ପ୍ରସାଦ ବହିଦାର ମୁଖ୍ୟବକ୍ତା ଭାବରେ ଏବଂ ଚାଷୀନେତା ରାମ ସାଗର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ । ସମିତିର ନାରାୟଣ ଚକ୍ରବର୍ତୀ ପୁଷ୍ପ ସିନ୍ଦୁର ଧୂପ ଦୀପ ଦ୍ୱାରା ବୃକ୍ଷ ମାନଙ୍କ ପୂଜାର୍ଚ୍ଚନା କରିବା ପରେ ଏବଂ ସମସ୍ତଙ୍କ ଦ୍ୱାରା ପୁଷ୍ପାଞ୍ଜଳି ପ୍ରଦାନ ପରେ ବୃକ୍ଷ ମାନଙ୍କୁ ରକ୍ଷାବନ୍ଧନ କରାଯାଇଥିଲା । ଉତ୍ସବରେ ଭାରତୀ ପଣ୍ଡା, ପ୍ରେମଶିଳା ନାୟକ ଫୁଲକୀ ଜାଲ, ପାର୍ବତୀ ଧନୁଓ୍ୱାର, ମିନତୀ ପଟ୍ଟନାୟକ, ମିନାକ୍ଷୀ ଲେଙ୍କା, କିଶୋର ଛତର, ଦୟାନିଧି ଲାକ୍ରା, ଧୀରେନ୍ଦ୍ର ଧନୁଓ୍ୱାର, ତ୍ରିବିକ୍ରମ ପୋଢ଼ ପ୍ରମୁଖ ଶତାଧିକ ପରିବେଶପ୍ରେମୀ ଯୋଗଦାନ କରିଥିଲେ । ପରେ ବୁଢ଼ାରଜା ପାହାଡ଼ରେ ବୃକ୍ଷଚାରା ରୋପଣ କରାଯାଇଥିଲା ।

# ଡେଲିଭରି ବୟକୁ ଭୁଜାଲିରେ ଆକ୍ରମଣ : ବନ୍ଧା ହେଲେ ଦୁଇ ଅଭିଯୁକ୍ତ

ବଲାଙ୍ଗିର,୧୯/୦୮ (ନି.ପ୍ର): ଦିନ ଦ୍ୱିପ୍ରହରରେ ଜଣେ ଫ୍ଲିପ୍‌କାର୍ଡ ଡ଼େଲିଭରି ବୟକୁ ନିଶାଖୋର ଯୁବକମାନେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ଘଟଣାରେ ଦେଓଗାଁ ପୁଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସୂଚନାନୁସାରେ, ଦେଓଗାଁ ଥାନା ଅନ୍ତର୍ଗତ ସିକୁଆଁ ମୁରସିଂ ରାସ୍ତାରେ ସଇଁତଳାର ଫ୍ଲିପ୍‌କାର୍ଡ ଡେଲିଭରି ବୟ ଶ୍ରୀତମ ସୁନା ତାଙ୍କ କାର୍ଯ୍ୟନିର୍ବାହ କରୁଥିବା ବେଳେ ଦୁଇ ଅଭିଯୁକ୍ତ ଶ୍ରୀତମଙ୍କୁ ଅଟକାଇ ଟଙ୍କା ମାଗିଥିଲେ । ଶ୍ରୀତମ ନିଜ ଜୀବନ ବଂଚାଇବା ପାଇଁ ଉଦ୍ୟମ କରିବାରୁ ଲୁଟେରାମାନେ ତାଙ୍କ ବାମ କାନ୍ଧରେ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିବାରୁ ଶ୍ରୀତମ ଭୟଭୀତ ହୋଇ ଟଙ୍କା ସେମାନଙ୍କୁ ଦେଇ ଦେଇଥିଲେ । ପରେ ଏନେଇ ପୁଲିସରେ ଅଭିଯୋଗ ହେବା ପରେ ପୁଲିସ ୨୪ ଘଂଟା ଭିତରେ ଅଭିଯୁକ୍ତମାନଙ୍କୁ କାବୁ କରି କୋର୍ଟଚାଲାଣ କରିଥିଲା । ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ଯୁବକ ଦୁଇ ଜଣ ହେଲେ ତୁଷୁରା ଥାନା ସନ୍ଦିସରା ଗାଁର ଭାସ୍କର ଭୋଇ ଏବଂ କରଲୋଖମନ ଗାଁର ଆନନ୍ଦ କୁଅଁର । ଏମାନଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ବେଳେ ଅଭିଯୁକ୍ତମାନଙ୍କ ଠାରୁ ଗୋଟିଏ ବାଇକ, ଏକ ଭୁଜାଲି ସହ ଲୁଟ ହୋଇଥିବା ହଜାରେ ଟଙ୍କା ଜବତ କରାଯାଇଛି ବୋଲି ଦେଓଗାଁ ଥାନା ଅଧିକାରୀ ହରିବନ୍ଧୁ ଗଡ଼ତ୍ୟା ସୂଚନା ଦେଇଛନ୍ତି ।

# କୋରାପୁଟ-ପୋଡାମାରୀ ଜାତୀୟ ରାଜପଥ ପ୍ରଶସ୍ତିକରଣକୁ କେନ୍ଦ୍ର ପରିବହନ ବିଭାଗର ମଂଜୁରି

କୋରାପୁଟ,୧୯/୦୮ (ନି.ପ୍ର): ଅବିଭକ୍ତ କୋରାପୁଟ ଜିଲ୍ଲାର ଲାଇଫ୍ ଲାଇନ୍ ଜୟପୁର-ବ୍ରହ୍ମପୁର ୩୨୬ନଂ ଜାତୀୟ ରାଜପଥ ୪ଲେନ୍ କରାଯିବାକୁ ତତ୍କାଳୀନ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବସିଥିବା ଉଚ୍ଚ କ୍ଷମତା ସଂପନ୍ନ ବୈଠକରେ ନିଷ୍ପତ୍ତି ନେଇ କେନ୍ଦ୍ର ସରକାରଙ୍କ ପରିବହନ ବିଭାଗକୁ ଡିପିଆର ପଠାଇଥିଲେ । ତେବେ ଏହି ପ୍ରକଳ୍ପରେ ସାମାନ୍ୟ ପରିବର୍ତ୍ତନ କରିବା ସହ ଏହାକୁ ସବୁଜ ସଙ୍କେତ ମିଳିଛି । ତେବେ ୪ଲେନ୍ ବଦଳରେ ୨ଲେନକୁ ପ୍ରଶସ୍ତିକରଣ ପାଇଁ ଅନୁମୋଦନ ମିଳିଛି । ୩୩୬ କିମି ବିଶିଷ୍ଟ ୨ ଲେନ୍ ରାଜପଥ ପାଇଁ ୩୭୫୦ କୋଟି ବ୍ୟୟ ଅଟକଳ କରାଯାଇଥିବା ବେଳେ କେନ୍ଦ୍ର ସରକାର ଏଥିରୁ ୯୦କିଲୋ ମିଟର ରାସ୍ତାକୁ କାଟି ୨୪୬ କିଲୋମିଟର କରି ୨୫୦୦କୋଟି ଟଙ୍କା ଅନୁମୋଦନ କରିଛନ୍ତି । ଏହି ରାସ୍ତାର ପ୍ରଶସ୍ତୀକରଣ ହେଲେ ୧୬ନଂ ଜାତୀୟ ରାଜପଥ ଓ ବିଜୁ ଏକ୍ସପ୍ରେସ୍ ହାଇୱେ ସହ ୩୨୬ନଂ ଜାତୀୟ ରାଜପଥକୁ ଯୋଡ଼ି ଆଦିବାସୀ ଅଧ୍ୟୁଷିତ କୋରାପୁଟ, ରାୟଗଡ଼ା ଜିଲ୍ଲାର ଅର୍ଥନୈତିକ ବିକାଶ ସହ ପ୍ରତ୍ୟକ୍ଷ ଓ ପରୋକ୍ଷରେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇ ପାରିବ । ପ୍ରକାଶଯୋଗ୍ୟ, ୩୨୬ନଂ ଜାତୀୟ ରାଜପଥ ୨ ଲେନ୍ ହୋଇଥିବା ବେଳେ ଏହାକୁ ୪ ଲେନ୍ କରିବା ପାଇଁ ନିଷ୍ପତ୍ତି କରାଯାଇଥିଲା । ଡିପିଆର୍ ପ୍ରସ୍ତୁତ କରି ତତ୍କାଳୀନ ସରକାର ବ୍ରହ୍ମପୁର-ରାୟଗଡ଼ା ୨୦୫ କିମି ଓ ରାୟଗଡ଼ା-ଜୟପୁର ୧୩୧ କିମି ରାସ୍ତାକୁ ଦୁଇ ଭାଗରେ ବିଭକ୍ତ କରିଥିଲେ । ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଦେଇ ଜୟପୁରରେ ଶେଷ ହେବାକୁ ଥିବା ରାଜପଥ ମଧ୍ୟରେ ବହୁ ଗ୍ରାମାଞ୍ଚଳ ରହିଥିବାରୁ ଟ୍ରାଫିକ୍ ଓ ଦୁର୍ଘଟଣା ଏଡ଼ାଇବାକୁ ୮୦ରୁ ୧୦୦ କିମି ବାଇପାସ୍ ରାସ୍ତା ନିର୍ମାଣ ହେବ ଏଥି ସହିତ ବହୁ ପରିମାଣର ସଂରକ୍ଷିତ ଜଙ୍ଗଲ ରହିଥିବାରୁ ନିର୍ମାଣ ପୂର୍ବରୁ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଆଞ୍ଚଳିକ କାର୍ଯ୍ୟାଳୟରୁ ଅନୁମତି ଆଣିବାକୁ ସରକାର ଚିନ୍ତା କରୁଛନ୍ତି ।

# ଗଣ ଉତ୍ସବ : ରକ୍ଷା ବନ୍ଧନ

ହେମନ୍ତ କୁମାର ପରିଡ଼ା

'ଯେନ ବଦ୍ଧ ବଳିରାଜ ଦାନବେନ୍ଦ୍ର ମହାସୁର.....'

ଏକ ସର୍ବଭାରତୀୟ ଗଣ ପର୍ବ ଭାବେ ରାକ୍ଷୀ ପୂର୍ଣ୍ଣିମା ଆନନ୍ଦ, ଉତ୍ସାହ ଓ ଉଦ୍ଦୀପନା ସହ ପାଳନ କରାଯାଇଥାଏ । ସ୍ନେହ, ଶ୍ରଦ୍ଧା ଓ ସୁରକ୍ଷାର ପ୍ରତୀକ ଏହି ରକ୍ଷା ବନ୍ଧନ ଧାର୍ମିକ, ସାଂସ୍କୃତିକ ଓ ସାମାଜିକ ଗୁରୁତ୍ୱକୁ ବହନ କରିଥାଏ । ରକ୍ଷା ବନ୍ଧନ ଏକ କୃଷି ଭିତ୍ତିକ ଜାତୀୟ ପର୍ବ । ଯେଉଁଥିରେ ଆମ ଦେଶର ଧର୍ମ, ଦର୍ଶନ, ରୀତିନୀତି, ଆଚାର ବ୍ୟବହାର, ପ୍ରଥା ପରମ୍ପରା, ସଭ୍ୟତା ସଂସ୍କୃତି ପ୍ରତିଫଳିତ ହୋଇଥାଏ । ରାକ୍ଷୀ ପର୍ବ ଦେଶବାସୀଙ୍କ ଭିତରେ ଐକ୍ୟ ଓ ଭାଇଚାରାର ଭାବ ବୃଦ୍ଧି କରି ରାଷ୍ଟ୍ରୀ ଜୀବନକୁ ସମୃଦ୍ଧ କରିଥାଏ । ସାମାଜିକ ବ୍ୟବସ୍ଥାକୁ ଦେଖିଲେ ଜଣାଯାଏ ଯେ ମାସ ଚକ୍ରର ଚତୁର୍ଥ ମାସଟି ହେଉଛି ଶ୍ରାବଣ । ଶ୍ରବଣା ନକ୍ଷତ୍ରଯୁକ୍ତ ହୋଇଥିବାରୁ ଏହାର ଏପରି ନାମକରଣ କରାଯାଇଛି । ପୃଥିବୀ ଓ ସୂର୍ଯ୍ୟଙ୍କର ଭୌଗୋଳିକ ସମ୍ବନ୍ଧ ଓ ପୃଥିବୀରେ ପଡୁଥିବା ଅନ୍ୟ ଗ୍ରହମାନଙ୍କର ପ୍ରଭାବ ହେତୁ ଏହି ମାସର କେତେକ ଗୁରୁତ୍ୱ ରହିଛି । ଏହି ତିଥିଟି ସୃଷ୍ଟି ଆରମ୍ଭର ଦିନ । ପରମେଶ୍ୱରଙ୍କ ସଂକଳ୍ପ 'ଏକୋଽହଂ ବହୁ ସ୍ୟାମ୍' ବାସ୍ତବ ରୂପ ଧାରଣ କରିଥିଲା । ଅର୍ଥାତ୍ ବହୁମୁଖୀ ସୃଷ୍ଟି ରାକ୍ଷୀ ପୂର୍ଣ୍ଣମୀ ଦିନ ହିଁ ଆରମ୍ଭ ହୋଇଥିଲା। ବେଦଶିକ୍ଷାର ଶୁଭାରମ୍ଭ ରାକ୍ଷୀ ପୂର୍ଣ୍ଣମୀରେ ହିଁ ହୋଇଥିଲା । ପ୍ରାଚୀନ ଗୁରୁକୁଳରେ ଏହି ରାକ୍ଷୀ ପୂର୍ଣ୍ଣିମା ଦିନ ନୂଆ ଶିଷ୍ୟମାନଙ୍କର ନାମ ଲେଖା ହୋଇଥାଏ । ଶ୍ରାବଣ ପୂର୍ଣ୍ଣିମା ଭାରତୀୟ ସଂସ୍କୃତି ରକ୍ଷାର ମହତ୍ତ୍ୱପୂର୍ଣ୍ଣ ସନ୍ଦେଶ ବହନ କରିଥାଏ ।

ବେଦମନ୍ତ୍ରରେ ଅଭିମନ୍ତ୍ରିତ ରକ୍ଷା ସୂତ୍ରକୁ ଆଚାର୍ଯ୍ୟମାନେ ଶିଷ୍ୟ ହାତରେ ବାନ୍ଧି ଦେଉଥିଲେ ଯାହାକି ବେଦଜ୍ଞାନ ତଥା ବୈଦିକ ପରମ୍ପରାକୁ ରକ୍ଷା କରିବାର ସୂତ୍ର ସଙ୍କେତ ବହନ କରିଥାଏ। ମହର୍ଷି ମନୁଙ୍କ ଭାଷାରେ 'ବେଦୋଽଖିଲୋ ଧର୍ମମୂଳମ୍' ଅର୍ଥାତ୍ ସମସ୍ତ ଧର୍ମର ମୂଳ ହେଉଛି ବେଦ । ବେଦ ବିନା ଜ୍ଞାନର ଉନ୍ମେଷ ଘଟେ ନାହିଁ । ଗୁରୁକୁଳର ଶିଷ୍ୟମାନେ ବର୍ଷକ ମଧ୍ୟରେ ଯେଉଁ ଯେଉଁ ବେଦଶିକ୍ଷା ଲାଭ କରିଥାନ୍ତି ତାକୁ ଶ୍ରାବଣ ପୂର୍ଣ୍ଣିମା ଦିନଠାରୁ ଆରମ୍ଭ କରି ସାତଦିନ ଗ୍ରାମେ ଗ୍ରାମେ ବୁଲି ଉପଦେଶ ଦିଅନ୍ତି । ଏହି ସାତ ଦିନକୁ ବେଦ ପ୍ରଚାର ସପ୍ତାହ କୁହାଯାଉଥିଲା । ବୈଦିକ ଋଷି ଦୃଷ୍ଟିରେ ଏହା ଶ୍ରାବଣୀ ଉତ୍ସବ ।


ପ୍ରାଚୀନ ଗୁରୁକୁଳର ବ୍ୟବସ୍ଥିତ ପରମ୍ପରା ଅନୁଯାୟୀ ଗ୍ରୀଷ୍ମ ଅବକାଶ ପରେ ଶ୍ରାବଣ ପୂର୍ଣ୍ଣିମା ଦିନ ହିଁ ଗୁରୁକୁଳରେ ଶିଷ୍ୟମାନଙ୍କୁ ବିଦ୍ୟାଦାନ ଆରମ୍ଭ କରାଯାଏ । ତେବେ ଭାରତୀୟ ପୁରାଣ, ଇତିହାସ ଓ ଜନଜୀବନରେ ଏହି ରକ୍ଷା ବନ୍ଧନକୁ ନେଇ ଅନେକ କାହାଣୀ, କଥନିକା, ଘଟଣା ଓ କିମ୍ବଦନ୍ତୀ ରହିଛି । ତେବେ ସବୁଠାରୁ ବଡ଼ କଥା ହେଉଛି ରକ୍ଷା ବନ୍ଧନର ମୂଳଭିତ୍ତି ହେଉଛି ସ୍ନେହ ଓ ଭଲପାଇବାର ସୁରକ୍ଷା ପାଇଁ ଏକ ପବିତ୍ର ବନ୍ଧନ । ସେହିପରି ସତ୍ୟଯୁଗର କଥା ଅନୁଯାୟୀ ନାରଦଙ୍କ ଉପଦେଶ କ୍ରମେ ମା'ଲକ୍ଷ୍ମୀ ଛଦ୍ମବେଶରେ ବଳୀଙ୍କ ହାତରେ ଏହି ଶ୍ରାବଣ ପୂର୍ଣ୍ଣିମା ଅବସରରେ ରାକ୍ଷୀ ବାନ୍ଧିଥିଲେ । ଯାହାଦ୍ୱାରା ବଳୀ ପ୍ରତିଦାନ ସ୍ୱରୂପ ତାଙ୍କ ସ୍ୱାମୀକୁ ବୈକୁଣ୍ଠକୁ ଫେରାଇ ଦେଇଥିଲେ । ମା'ଲକ୍ଷ୍ମୀ ବଳୀଙ୍କ ହାତରେ ହଳଦିଆ ରଙ୍ଗର ରାକ୍ଷୀ ବାନ୍ଧିଥିବାରୁ ଏହି ରଙ୍ଗର ରାକ୍ଷୀ ସାଧାରଣରେ ଲୋକମାନଙ୍କ ମଧ୍ୟରେ ଅତ୍ୟନ୍ତ ପ୍ରିୟ । ରାକ୍ଷୀ ବାନ୍ଧିବା ସମୟରେ ବୈଦିକ ଶ୍ଲୋକଟି ପାଠ କରାଯାଏ - 'ଯେନ ବଦ୍ଧ ବଳିରାଜ ଦାନବେନ୍ଦ୍ର ମହାସୁର, ତେନ ତ୍ୱାମପି ବଧ୍ନାମି ରକ୍ଷ ମା' ଚଳମାଞ୍ଚଳ' ।

କେବଳ ସତ୍ୟଯୁଗ ନୁହେଁ ତ୍ରେତୟା ଯୁଗରେ ଭଗବାନ ଶ୍ରୀରାମ ରାବଣ ସହିତ ଯୁଦ୍ଧ କରିବା ସମୟରେ ରାବଣର ମାୟାଯୁଦ୍ଧକୁ ସମ୍ମୁଖୀନ ହୋଇଥିଲେ । ମହର୍ଷି ଅଗସ୍ତ୍ୟଙ୍କ ପରାମର୍ଶକ୍ରମେ ପ୍ରଭୁ ଶ୍ରୀରାମ ରାବଣର ମାୟାକୁ ଭେଦ ପାଇଁ ଆଦିତ୍ୟ ହୃଦୟ ପାଠ କରି ଶ୍ରୀ ସୂର୍ଯ୍ୟଙ୍କର ପୂଜା ଉପାସନା କରିଥିଲେ । ତଦନୁଯାୟୀ ପ୍ରଭୁ ଶ୍ରୀରାମଙ୍କ ହାତରେ ଭଉଣୀ ସାନ୍ତା ଶ୍ରାବଣ ପୂର୍ଣ୍ଣିମା ତିଥିରେ ଅଭିମନ୍ତ୍ରିତ ରାକ୍ଷୀ ବାନ୍ଧିବା ପରେ ରାବଣର ମାୟାଶକ୍ତି ଦୂରୀଭୂତ ହୋଇଥିଲା । ଦ୍ୱାପର ଯୁଗରେ ମହାଭାରତର କାହାଣୀ ଅନୁଯାୟୀ କୁନ୍ତୀ ଶ୍ରୀକୃଷ୍ଣଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ । ପାଣ୍ଡବ ମାନଙ୍କ ସୁରକ୍ଷା ପାଇଁ ସେ ଏହି ରକ୍ଷା ବନ୍ଧନ କରିଥିଲେ । ରକ୍ଷା ପୂର୍ଣ୍ଣିମାକୁ ସାଧାରଣରେ ଗହ୍ମା ପୂର୍ଣ୍ଣିମା ବି କୁହାଯାଏ । ଶ୍ରୀବଳଭଦ୍ର ଶ୍ରବଣା ନକ୍ଷତ୍ରଯୁକ୍ତ ଶ୍ରାବଣ ମାସର ରାକ୍ଷୀ ପୂର୍ଣ୍ଣିମାରେ ମକର ଲଗ୍ନରେ ଜନ୍ମ ହୋଇଥିଲେ । ବଳଦେବଙ୍କୁ ଶଙ୍କରର୍ଷଣ ବୋଲି ଡକାଯାଏ । ଶ୍ରୀମଦ୍ ଭାଗବତ୍ ମହାପୁରାଣର ଦ୍ୱିତୀୟ ଅଧ୍ୟାୟର ତେରତମ ଶ୍ଲୋକରେ ଲେଖାହୋଇଛି - 'ଗର୍ଭସଂକର୍ଷଣାତ୍ ତଂ ବୈ ପ୍ରାହୁଃ ସଂକର୍ଷଣଂ ଭୁବି, ରାମେତି ଲୋକରମଣାଦ୍ ବଳଂ ବଳବଦୁଚ୍ଛୟାତ୍ ।' ଭାରତ ଏକ କୃଷି ପ୍ରଧାନ ଦେଶ ହୋଇଥିବାରୁ ଗୋସମ୍ପଦ ହେଉଛି ସବୁଠାରୁ ବଡ଼ ସମ୍ପତ୍ତି । ଓଡ଼ିଆ ଜାତିରେ ଗୋରୁ ଗାଈଙ୍କୁ ଦେବତା ଜ୍ଞାନରେ ପୂଜା କରାଯାଏ । ରୋହିଣୀ ନାମକ ଗାଈ ଠାରୁ ଶ୍ରୀବଳଦେବଙ୍କୁ ଜନ୍ମଲାଭର ସମ୍ପର୍କ ପୁରାଣରେ ଲିପିବଦ୍ଧ ରହିଥିବାରୁ ଗହ୍ମା ପୂର୍ଣ୍ଣିମା ଦିନ ଗାଈ ବଳଦଙ୍କୁ ସଫା ସୁତୁରା କରାଯାଇ ସିନ୍ଦୂର, ହଳଦୀ, କୁଙ୍କୁମ ପ୍ରଦାନ କରି ସୁସ୍ୱାଦୁ ଖାଦ୍ୟ ପ୍ରଦାନ କରାଯାଏ । ଶ୍ରାବଣ ଶୁକ୍ଳ ପକ୍ଷ ଦଶମୀ ତିଥିରୁ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ଦୋଳିରେ ବସାଇ ଝୁଲଣ ଯାତ୍ରା ଆରମ୍ଭ ହୋଇଥାଏ । ଯାହାକୁ ଗହ୍ମା ପୂର୍ଣ୍ଣିମା ରାତିରେ ଶେଷ ହୋଇଥାଏ । ତେବେ ଯାହାହେଉନା କାହିଁକି ସ୍ନେହ ମମତାର ମୂଲ୍ୟ ହେଉଛି ରକ୍ଷା ବନ୍ଧନର ଅଭିପ୍ରାୟ । ମାନବକୁ ପରମ୍ପରା କରି ଶ୍ରଦ୍ଧାଶୀଳ କରିବା ସହ ଶାନ୍ତି, ପ୍ରୀତି ତଥା ସ୍ନେହ ବନ୍ଧନର ପ୍ରତୀକ ଏହି ରାକ୍ଷୀ ନାରୀ ଜାତି ପ୍ରତି ସମ୍ମାନ ଓ ଦାୟିତ୍ୱବୋଧର ଜାଗରଣ ସଂଚାର କରିଥାଏ । ସମ୍ପର୍କ, ସହୃଦୟତା ଓ ସଂହତି ଭାବ ଉଦ୍ରେକ କରି ସାମାଜିକ ଜୀବନକୁ ସମୃଦ୍ଧ କରି ଗଢ଼ି ତୋଳିଥାଏ।। କେବଳ ସେତିକି ନୁହେଁ ରାଷ୍ଟ୍ରୀୟ ଜୀବନରେ ସମନ୍ୱୟ ଆଣି ସୁସଂହତ କରି ଆତ୍ମ ଜ୍ଞାନ, ଭାଇଚାରା ଓ ପବିତ୍ର ଭଲପାଇବାର ମୂଲ୍ୟବୋଧକୁ ପରିସ୍ଫୁଟିତ କରିଥାଏ ।


+ମାଳତୀକୁଞ୍ଜ, ପ୍ଲଟ ନଂ.୫୨୬/ ଡ଼ି, ସେକ୍ଟର-୧୦, ସିଡିଏ, କଟକ
ମୋ : ୮୭୬୩୧୦୭୧୨୬

# ଶ୍ୱାସ ଦୁର୍ଗନ୍ଧ ଦୂର କରନ୍ତୁ

ଆପଣଙ୍କ ଶ୍ୱାସପ୍ରଶ୍ୱାସରେ ଦୁର୍ଗନ୍ଧ ବାହାରୁଥିବା ନେଇ କେହି ଅଭିଯୋଗ କରିବା କିମ୍ବା ପାଖରେ ଠିଆ ହୋଇ କଥା ନ ହେବା ଭଳି ଅପମାନଜନକ ସ୍ଥିତିର ଯଦି ସାମ୍ନା କରୁଛନ୍ତି ତେବେ ବ୍ୟୟବହୁଳ ମାଉଥୱାସ ବ୍ୟବହାର ନକରି ନିଜ ଶରୀରକୁ ଆବଶ୍ୟକତା ଅନୁସାରେ ଜଳ ଯୋଗାନ୍ତୁ। ଭିଟାମିନ ସି ଥିବା ଖାଦ୍ୟପଦାର୍ଥ ଖାଇବା ସହ ସ୍ପେଶାଲ ଚା' ପିଇ ଏପରି ସମସ୍ୟାର ସମାଧାନ କରିପାରିବେ। ଏହି ସମସ୍ୟାରୁ ମୁକୁଳିବାରେ କେତେକ ସାଧାରଣ ଜଳ: ନିୟମିତ ବ୍ୟବଧାନରେ ପର୍ଯ୍ୟାପ୍ତ ପରିମାଣର ପାଣି ପିଇବା ସହିତ ଅଳ୍ପଅଳ୍ପ ପାଣିରେ କୁଳି କରନ୍ତୁ। ଶରୀରରେ ଜଳସ୍ତର ହ୍ରାସ ପାଇଲେ, ମୁହଁରେ ଲାଳ ସୃଷ୍ଟି ହେବା ବନ୍ଦ ହୋଇଯାଏ। ମୁହଁରେ ଲାଳ ସୃଷ୍ଟି ହେଲେ ହିଁ ସେଠାରେ ଥିବା ଜୀବାଣୁ ସଫା ହୋଇଥାନ୍ତି ଏବଂ ଲାଳର ମାତ୍ରା ହ୍ରାସ ପାଇଲେ ମୁହଁ ଶୁଖିଲା ହୋଇଯାଇ ଦୁର୍ଗନ୍ଧ ହୁଏ। ଭିଟାମିନ ସି: କମଳା ଓ ଲେମ୍ବୁ ଜାତୀୟ ମିଠା ଓ ଖଟା ପଳରେ ଭରପୂର ମାତ୍ରାରେ ଭିଟାମିନ ସି ରହିଥାଏ। ଏହି ଫଳ ମୁହଁର ଦୁର୍ଗନ୍ଧ ଦୂର କରିବାରେ ବେଶ୍ ସହାୟକ। ଭିଟାମିନସି ଦୁର୍ଗନ୍ଧ ସୃଷ୍ଟି କରୁଥିବା ଜୀବାଣୁଙ୍କୁ ନଷ୍ଟ କରିଥାଏ। ସେଓ: କୁହନ୍ତି, ଦୈନିକ ଗୋଟିଏ ସେଓ ଖାଇଲେ ଶରୀର ସୁସ୍ଥ ରହିଥାଏ। ସେଓ ମୁହଁରେ ସୃଷ୍ଟି ହେଉଥିବା ଲାଳକୁ ବୃଦ୍ଧି କରିଥାଏ। ଏହା ଦ୍ୱାରା ଆମ ମୁହଁ ଏକପ୍ରକାର ସଫା ହୋଇଥାଏ ଏବଂ ଜୀବାଣୁ ନଷ୍ଟ ହୋଇଥାନ୍ତି। ଏହାପରେ ଦୁର୍ଗନ୍ଧ ଯୁକ୍ତ ଶ୍ୱାସ ବାହାରିନଥାଏ। ଡାଲଚିନି ଚା': ପ୍ରାୟ ସମସ୍ତଙ୍କ ରୋଷେଇ ଘରେ ଡାଲଚିନିଖୁବ୍ ସହଜରେ ମିଳିଯିବ। ଡାଲଚିନି ଯୁକ୍ତ ଚା' ପିଇବା ଫଳରେ ମୁହଁର ଦୁର୍ଗନ୍ଧ ଦୂର ହୋଇଥାଏ। ନିୟମିତ ଏହାକୁ ସେବନ କରିବା ଫଳରେ ସୁଫଳ ମିଳିଥାଏ।



# ଫ୍ୟାସନ୍: କର୍ମଜୀବୀ ମହିଳାଙ୍କ ପାଇଁ



■ ଆପଣ ଯଦି କୌଣସି କର୍ପୋରେଟ୍ ସେକ୍ଟରରେ କାମ କରୁଥାନ୍ତି, ଧଳା ଲାଇଲନ୍ ଶାର୍ଟ ପିନ୍ଧିପାରନ୍ତି। ଏହା ସହିତ ଆପଣ କଲରଫୁଲ ସ୍କାର୍ଫ କିମ୍ବା ହାଲୁକା ରଙ୍ଗର ଜ୍ୟାକେଟ୍ ପିନ୍ଧିପାରିବେ।

■ ଆପଣ ଯଦି କୌଣସି ଅଫିସରେ କାମ କରୁଥାନ୍ତି ତେବେ ସିମ୍ପଲ ପ୍ୟାଣ୍ଟ ପସନ୍ଦ କରନ୍ତୁ। ଏଥିପାଇଁ ଆପଣ କଳା କିମ୍ବା ଗ୍ରେ ରଙ୍ଗ ଚୟନ କରିପାରନ୍ତି। ତେବେ ଅଫିସିଆଲ ଗେଟ୍‌ଅପ୍ ଲାଗି ଫର୍ମାଲ୍ ଡ୍ରେସ୍ ଭଲ ଲାଗିଥାଏ।

■ କର୍ମଜୀବୀ ହୋଇଥିଲେ ବ୍ଲେଜର ଆପଣଙ୍କୁ ଠିକ୍ ଲାଗିବ।

**ଯଦି ଆପଣ କର୍ମଜୀବୀ ହୋଇଥାନ୍ତି, ତେବେ ନିଜର ଡ୍ରେସ୍‌କୋଡ୍ ଉପରେ ନଜର ଦିଅନ୍ତୁ। କିପିର ଡ୍ରେସ୍ ପିନ୍ଧିଲେ ଆପଣ ସୁନ୍ଦର ସହ ସ୍ମାର୍ଟ ଦେଖାଯିବେ। ଜାଣନ୍ତୁ ସେ ସମ୍ପର୍କରେ...**

ଅଫିସ୍‌ରେ କୌଣସି ମିଟିଂ ଥିଲେ ବା କୌଣସି କ୍ଲାଏଣ୍ଟଙ୍କ ଦେଖା କରିବାକୁ ଚାହୁଁଥିଲେ ଏହି ଗେଟ୍‌ଅପ୍‌ରେ ଆପଣ ମାର୍ଜିତ ଦେଖାଯିବେ।

■ ଆପଣ ଏପରି କୁର୍ତ୍ତି ପିନ୍ଧନ୍ତୁ ଯାହା ଆରାମଦାୟକ ହୋଇଥିବ। ଏହା ଆପଣଙ୍କୁ କାମ କରିବା ସମୟରେ ହାଲୁକା ଲାଗିବ। ଆପଣ ଏଥିପାଇଁ ପର୍ପଲ ବା ବ୍ଲୁ ରଙ୍ଗ ପସନ୍ଦ କରିପାରିବେ। ଫ୍ଲାର୍ଲି ପ୍ରିଣ୍ଟର କୁର୍ତ୍ତି ସବୁଠାରୁ ଅଧିକ ଭଲ ଲାଗିବ।

# ବର୍ଷା ଦିନେ ହାତ-ଗୋଡ଼ ଯନ୍ତ୍ରଣା ହେଉଥିଲେ ଆପଣାନ୍ତୁ ଏହି ସବୁ ଖାଦ୍ୟ

ବର୍ଷା ଓ ଶୀତ ଦିନରେ ହାତ ଏବଂ ଗୋଡ଼ରେ ଯନ୍ତ୍ରଣା ବଢି ଯାଇଥାଏ। କମ୍ ବୟସର ଲୋକଙ୍କ କ୍ଷେତ୍ରରେ ମଧ୍ୟ ଏହି ସମସ୍ୟା ଦେଖିବାକୁ ମିଳୁଛି। ଏହାର ମୁଖ୍ୟ କାରଣ ହେଉଛି ଭିଟାମିନ୍ ଡି ଏବଂ କ୍ୟାଲସିୟମର ଅଭାବ। ଏହି ଦୁଇ ଉପାଦାନରୁ ଅଭାବରୁ ଗଣ୍ଠି ଯନ୍ତ୍ରଣ ସାଙ୍ଗକୁ ହାତ ଓ ଗୋଡ଼ରେ ଦରଜ ହୋଇଥାଏ। ତେବେ କେଉଁ ଖାଦ୍ୟ ଖାଇବା ଦ୍ୱାରା ଏହି ସମସ୍ୟାକୁ ଦୂର କରିପାରିବେ, ଜାଣନ୍ତୁ...



ଭିଟାମିନ୍ ଡି ଏବଂ କ୍ୟାଲସିୟମ୍ ଭରପୂର ଖାଦ୍ୟ

କ୍ଷୀର ଏବଂ ଅନ୍ୟାନ୍ୟ ଦୁଗ୍ଧଜାତ ଦ୍ରବ୍ୟ- ଶରୀରକୁ ସୁସ୍ଥ ରଖିବା ପାଇଁ କ୍ଷୀର ସର୍ବୋତ୍ତମ। କ୍ଷୀରରେ କ୍ୟାଲସିୟମ ଏବଂ ଭିଟାମିନ୍ ଡି ପ୍ରଚୁର ପରିମାଣରେ ମିଳିଥାଏ। ଗାଈ କ୍ଷୀରରେ ଭିଟାମିନ୍ ଡି ଭରପୂର ମାତ୍ରାରେ ଥାଏ।

ଫଳ ଏବଂ କମଳା- କମଳାରୁ କ୍ୟାଲସିୟମ୍ ଏବଂ ଭିଟାମିନ୍ ଡି ମିଳିଥାଏ। ଦୈନିକ ଗୋଟିଏ କିମ୍ବା ଦୁଇଟି କମଳା ଖାଇବା ଦ୍ୱାରା ହାତ ଗୋଡ ଯନ୍ତ୍ରଣା ଦୂର ହୋଇପାରିବ। ଏହା ବ୍ୟତୀତ ଅନ୍ୟାନ୍ୟ ଫଳ ଜୁସ୍ ମଧ୍ୟ ପିଇପାରିବେ।

ସବୁଜ ପତ୍ରଯୁକ୍ତ ପନିପରିବା- ଫାଷ୍ଟ୍ ଫୁଡ୍ ଏବଂ ଅନ୍ୟାନ୍ୟ ପ୍ରୋସେସ୍ଡ୍ ଫୁଡକ୍ ବାଦ୍ ଦେଇ ଡାଏଟରେ ସବୁଜ ପତ୍ରଯୁକ୍ତ ପନିପରିବାକୁ ଅନ୍ତର୍ଭୁକ୍ତ କରନ୍ତୁ। ଏହା ଶରୀରକୁ କ୍ୟାଲସିୟମ, ଆଇରନ୍ ଏବଂ ଭିଟାମିନ୍ ଡି ଭଳି ଅତ୍ୟାବଶ୍ୟକ ପୋଷକ ତତ୍ତ୍ୱ ଯୋଗାଇଥାଏ। ଅସ୍ଥି ଯନ୍ତ୍ରଣାର ସମସ୍ୟା ଏବଂ ଶରୀରକୁ ସୁସ୍ଥ ରଖିବାରେ ମଧ୍ୟ ସାହାଯ୍ୟ କରିଥାଏ ସବୁଜ ପତ୍ରଯୁକ୍ତ ପନିପରିବା।

ସୋୟାବିନ୍- ବିଶେଷ କରି ଶାକାହାରୀ ବ୍ୟକ୍ତିଙ୍କର କ୍ୟାଲସିୟମ ଅଭାବ ଦେଖାଯାଏ। ସେମାନଙ୍କ ପାଇଁ ସୋୟାବିନକୁ ସର୍ବୋତ୍ତମ ଭାବେ ବିବେଚନା କରାଯାଏ। ଏଥିରୁ ଭିଟାମିନ୍ ଡି ମଧ୍ୟ ଭରପୂର ପରିମାଣରେ ମିଳିଥାଏ। ଏହା ବ୍ୟତୀତ ଡ୍ରାଏ ଫ୍ରୁଟ୍ସ ଏବଂ ସିଡ୍ସ ମଧ୍ୟ ଖାଇପାରିବେ।

ଅଣ୍ଡା- ଅଣ୍ଡା ହେଉଛି ପ୍ରୋଟିନର ଗନ୍ତାଘର। ଏହା ବ୍ୟତୀତ ଭିଟାମିନ୍ ବି୧୨, କ୍ୟାଲସିୟମ୍ ଏବଂ ଭିଟାମିନ୍ ଡି ମଧ୍ୟ ଅଣ୍ଡାରୁ ମିଳିଥାଏ। ଅଣ୍ଡା ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଲାଭଦାୟକ। ପ୍ରତ୍ୟେହ ଗୋଟିଏ କିମ୍ବା ଦୁଇଟି ଅଣ୍ଡା ଖାଇବା ଦ୍ୱାରା କ୍ୟାଲସିୟମ ଏବଂ ଭିଟାମିନ୍ ଡିର ଅଭାବ ଦୂର ହୋଇପାରିବ।

# ପିଲାମାନଙ୍କ ସହ ବନ୍ଧୁ ଭଳି କଥାବାର୍ତ୍ତା କରିବା ଉଚିତ କି... ପିଲା ହେବେନି ତ ବାଟବଣା...

ଅନେକ ସମୟରେ ମନରେ ଏହି ଭୟ ଥାଏ ଯେ ପିଲାମାନଙ୍କ ସହିତ 'ବନ୍ଧୁତ୍ୱପୂର୍ଣ୍ଣ' କଥାବାର୍ତ୍ତା ହେବା ଦ୍ୱାରା ସେମାନଙ୍କର ଭୟ ଦୂର ହୋଇଯିବ ନି ତ ? ସେମାନେ କ'ଣ ଠିକ୍ ରାସ୍ତାରେ ଯିବେ ? ସମୟ ଆସିଲେ ସେମାନେ କ'ଣ ବାପାମାଆଙ୍କ କଥାକୁ ଗମ୍ଭୀରତାର ସହ ଗ୍ରହଣ କରିବେ ? ଏହିପରି ଅନେକ ଭୟ ବାପାମାଆଙ୍କ ମନକୁ ଆସେ। ଆସନ୍ତୁ ଏହାର ଉତ୍ତର ଜାଣିବା।

ପିଲାମାନଙ୍କର 'ବନ୍ଧୁ' ହେବା ଉଚିତ କି ? ଅଧିକାଂଶ ବାପାମାଆ ଏହି ପ୍ରଶ୍ନର ଦ୍ୱନ୍ଦ୍ୱରେ ଥାଆନ୍ତି। ପ୍ରକୃତ କଥା ହେଉଛି ଅନେକ ସମୟରେ ମନରେ ଏହି ଭୟ ଥାଏ ଯେ ପିଲାମାନଙ୍କ ସହିତ 'ବନ୍ଧୁତ୍ୱପୂର୍ଣ୍ଣ' କଥାବାର୍ତ୍ତା ହେବା ଦ୍ୱାରା ସେମାନଙ୍କର ଭୟ ଦୂର ହୋଇଯିବ ନି ତ ? ସେମାନେ କ'ଣ ଠିକ୍ ରାସ୍ତାରେ ଯିବେ ? ସମୟ ଆସିଲେ ସେମାନେ କ'ଣ ବାପାମାଆଙ୍କ କଥାକୁ ଗମ୍ଭୀରତାର ସହ ଗ୍ରହଣ କରିବେ ? ଏହିପରି ଅନେକ ଭୟ ବାପାମାଆଙ୍କ ମନକୁ ଆସେ।

ଏହା ବ୍ୟତୀତ, ଯେଉଁ ପିଢି ଆଜି ବାପାମାଆ ହେବାକୁ ଯାଉଛନ୍ତି ସେମାନଙ୍କ ପିଲାଦିନରେ ସେମାନେ ଏପରି ବାପାମାଆଙ୍କୁ ଦେଖିଛନ୍ତି ଯେଉଁମାନେ ପିଲାମାନଙ୍କ ପ୍ରତି ଏତେ ବନ୍ଧୁତ୍ୱପୂର୍ଣ୍ଣ ନ ଥିଲେ। ଅନେକ ସମୟରେ ସେମାନେ ରାଗୁଥିଲେ ଆଉ ହାତ ମଧ୍ୟ ଉଠାଉଥିଲେ।





ଏଭଳି ପରିସ୍ଥିତିରେ, ଅନେକ ସମୟରେ ବାପାମାଆ ନିଜ ପିଲାମାନଙ୍କ ସହିତ ଅତ୍ୟଧିକ ଖୋଲାଖୋଲି ହେଲେ କ୍ଷତି ଘଟାଇବେ କି ନାହିଁ ସେ ବିଷୟରେ ଦ୍ୱନ୍ଦ୍ୱରେ ଅଛନ୍ତି। ଯଦି ଆପଣଙ୍କ ମନରେ 'ବନ୍ଧୁତ୍ୱପୂର୍ଣ୍ଣ ପିତାମାତା' ସମ୍ବନ୍ଧରେ ଏହିଭଳି ପ୍ରଶ୍ନ ଉଙ୍କିମାରୁଛି, ତେବେ ଆସନ୍ତୁ ଜାଣିବା ଏହାର ସମାଧାନ କ'ଣ ?

*'ବନ୍ଧୁତ୍ୱପୂର୍ଣ୍ଣ ପିତାମାତା' ସମ୍ବନ୍ଧରେ*

ବାପାମାଆ ପିଲାମାନଙ୍କର 'ବନ୍ଧୁ' ହେବା ଉଚିତ୍ କି ? ଏହି ପ୍ରଶ୍ନର ଉତ୍ତର ହେଉଛି, 'ସଂପୂର୍ଣ୍ଣ ଭାବରେ ହଁ'।

ପିଲାମାନଙ୍କୁ ଏକ ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ଯୋଗାଇ ଆପଣ ସେମାନଙ୍କୁ ନଷ୍ଟ କରିବେ ନାହିଁ ବରଂ ସେମାନଙ୍କ ପାଇଁ ଏକ ସୁଖ ଏବଂ ଭୟମୁକ୍ତ ପରିବେଶ ସୃଷ୍ଟି କରିବେ। ଏଭଳି ପରିବେଶରେ ବଢୁଥିବା ପିଲାମାନେ ବାହାରେ ନୁହେଁ ବରଂ ଘର ଭିତରେ ନିଜ ବାପାମାଆଙ୍କ ଭିତରେ ସାଥୀଟିଏ ଖୋଜନ୍ତି।

*ବନ୍ଧୁତ୍ୱପୂର୍ଣ୍ଣ ବାପାମାଆ ହେବାର ୩ ଲାଭ – ଖୋଲାଖୋଲି କଥାବାର୍ତ୍ତାରେ ସୁଯୋଗ:*

ଆପଣ କେବେ ନିଜ ପିଲାମାନଙ୍କୁ ସେମାନଙ୍କ ସାଙ୍ଗମାନଙ୍କ ସହିତ କଥାବାର୍ତ୍ତା ହେବା ଶୁଣିଛନ୍ତି କି ? ଯଦି ହଁ, ତେବେ ଆପଣ ବୁଝିପାରୁଥିବେ ଯେ ଆପଣଙ୍କ ପିଲାମାନେ ସେମାନଙ୍କ ସାଙ୍ଗମାନଙ୍କ ସହିତ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାନ୍ତି। ସେମାନେ ସେମାନଙ୍କ ସହିତ ଖୋଲାଖୋଲି ଭାବେ କଥାବାର୍ତ୍ତା କରନ୍ତି। ଯଦି ଆପଣଙ୍କର ପିଲାମାନଙ୍କ ସହିତ ଆପଣଙ୍କର ମଧ୍ୟ ବନ୍ଧୁତ୍ୱପୂର୍ଣ୍ଣ ଆଚରଣ ହୋଇଯାଏ, ତେବେ ସେମାନେ ମଧ୍ୟ ନିଜର ସମସ୍ତ ସମସ୍ୟା, ଭାବନା ଏବଂ ଚିନ୍ତାଧାରାକୁ ଖୋଲାଖୋଲି ଭାବରେ ଆପଣଙ୍କ ସହିତ ଶେୟାର କରିପାରିବେ।

*ବିଶ୍ୱାସ ଜନ୍ମ ହୁଏ:*

ଯେତେବେଳେ ଆପଣ ନିଜ ପିଲାମାନଙ୍କ ସହିତ ଏକ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର କରନ୍ତି, ସେତେବେଳେ ପିଲାମାନଙ୍କ ପାଇଁ ଆପଣଙ୍କ ଉପରେ ବିଶ୍ୱାସ ଜନ୍ମ ହୁଏ। ଏପରି ପରିସ୍ଥିତିରେ, ସେମାନେ ମଧ୍ୟ ଆପଣଙ୍କ ସହିତ ଏପରି ଜିନିଷ ବାଣ୍ଟିବାକୁ ସକ୍ଷମ ହୁଅନ୍ତି ଯାହା ହୁଏତ ସେମାନେ ସେମାନଙ୍କର 'ବାପାମାଆ ଯେଉଁମାନେ ସର୍ବଦା ଅନୁଶାସନର ଶିକ୍ଷା ଦିଅନ୍ତି' ସହିତ ଶେୟାର କରିପାରନ୍ତି ନାହିଁ।

*ପିଲାମାନଙ୍କ ଆପଣଙ୍କ ଉପରେ ବିଶ୍ୱାସ ଜନ୍ମ ହୁଏ*

*ସକରାତ୍ମକ ମାର୍ଗଦର୍ଶନ:*

ବନ୍ଧୁତ୍ୱପୂର୍ଣ୍ଣ ପିତାମାତାଙ୍କର ସବୁଠାରୁ ବଡ ସୁବିଧା ହେଉଛି ଯେ ସେମାନେ ନିଜ ପିଲାଙ୍କୁ ଠିକ ଏବଂ ଭୁଲକୁ ଚିହ୍ନିବାରେ ସାହାଯ୍ୟ କରିପାରିବେ। ଯେତେବେଳେ ଆପଣ ସେମାନଙ୍କ କଥା ଜାଣିବାରେ ସକ୍ଷମ ହେବେ, ଆପଣ ସେମାନଙ୍କୁ ସଠିକ୍ ଉପଦେଶ ଦେଇପାରିବେ। ପିଲାମାନେ ମଧ୍ୟ ଆପଣଙ୍କ କଥା ଶୁଣିବେ। ଏହା ସହିତ, ଆପଣ ପିଲାମାନଙ୍କ ସହିତ ଆପଣଙ୍କର ସମ୍ପର୍କକୁ ମଧ୍ୟ ବହୁତ ଶକ୍ତିଶାଳୀ କରିପାରିବେ।

*ସମ୍ପର୍କକୁ ବହୁତ ଶକ୍ତିଶାଳୀ କରେ*

*କିପରି ହେବେ ବନ୍ଧୁତ୍ୱପୂର୍ଣ୍ଣ ପିତାମାତା:*

ଧ୍ୟାନର ସହ ଶୁଣିବା - ପିଲାମାନେ କ'ଣ କହୁଛନ୍ତି ତାହା ଭଲ ଭାବରେ ଶୁଣନ୍ତୁ ଏବଂ ସେମାନଙ୍କୁ ବୁଝିବାକୁ ଚେଷ୍ଟା କରନ୍ତୁ

ବିଚାର କରନ୍ତୁ ନାହିଁ - ବିଚାର ନ କରି ପିଲାମାନଙ୍କର ଭାବନା ଏବଂ ଚିନ୍ତାଧାରାକୁ ଗ୍ରହଣ କରନ୍ତୁ

ସକରାତ୍ମକ ଯୋଗାଯୋଗ - ପିଲାମାନଙ୍କ ସହିତ ସକରାତ୍ମକ ଏବଂ ଉତ୍ସାହଜନକ ବାର୍ତ୍ତାଳାପ କରନ୍ତୁ

ଏକତ୍ର ସମୟ ବିତାନ୍ତୁ - ସେମାନଙ୍କ ସହିତ ସମୟ ବିତାନ୍ତୁ, ଖେଳନ୍ତୁ ଏବଂ ସେମାନଙ୍କ ଆକ୍ଟିଭିଟିରେ ଅଂଶଗ୍ରହଣ କରନ୍ତୁ

ବିଶ୍ୱାସଭାଜନ ହେବା - ପିଲାମାନଙ୍କର ବିଶ୍ୱାସକୁ ଜିତନ୍ତୁ ଏବଂ ସେମାନଙ୍କୁ ଅନୁଭବ କରାନ୍ତୁ ଯେ ସେମାନେ ଯେପରି ଆପଣଙ୍କ ସହ କିଛି ଆଲୋଚନା କରିପାରିବେ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୨୦ ଅଗଷ୍ଟ ୨୦୨୪, ମଙ୍ଗଳବାର




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଧନୀ ବନାମ ଦରଦୀ ଗରିବ...

ବିକାଶଶୀଳ ଦେଶ ଆମ ଭାରତ ୨୦୫୦ ମସିହା ବେଳକୁ ବିକଶିତ ରାଷ୍ଟ୍ରରେ ପରିଣତ ହୋଇସାରିଥିବ ଏବଂ ୯୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ କୋଟିପତି ସୀମା ଅତିକ୍ରମ କରିଥିବେ ବୋଲି ଆକଳନ କରାଯାଉଛି। ଏହା ନିଶ୍ଚିତ ଭାବେ ଆଶ୍ୱସ୍ତିଜନକ ଖବର। କିନ୍ତୁ ଯେଉଁ ଭଳି ଧନୀ-ଗରିବ ଫାଙ୍କ ବଢୁଛି ତାହା ହିଁ ଚିନ୍ତାଜନକ। ଆହୁରି ଉଦ୍‌ବେଗଜନକ ହେଲା ଏହାଦ୍ୱାରା ମଧ୍ୟ ସାମାଜିକ ବୈଷମ୍ୟ ଓ ବିଦ୍ୱେଷ ବଢୁଛି। ନଭଶ୍ଚୁମ୍ବୀ ପ୍ରାସାଦ ଉପରେ ଥିବା ଲୋକଙ୍କ ଆଖିକୁ ତଳେ ଯାଉଥିବା ଲୋକ ଯେପରି ଛୋଟ ଦେଖାଯାନ୍ତି, ଠିକ୍ ସେହିପରି ଅନେକ ଧନୀବ୍ୟକ୍ତିଙ୍କ ଦୃଷ୍ଟିରେ ଗରିବ ଲୋକମାନଙ୍କର ସାମାଜିକ ସ୍ଥିତି ରହିଛି। ନିୟୁର୍କର ଏକ ସଂଗଠନର ଅଧ୍ୟୟନରୁ ଜଣାପଡ଼ିଛି ଅଧିକ ଆୟ କରୁଥିବା ବ୍ୟକ୍ତି କମ୍ ଆୟ କରୁଥିବା ବ୍ୟକ୍ତିଙ୍କ ତୁଳନାରେ ଅଧିକ ସ୍ୱାର୍ଥପର। ଅଧିକାଂଶ ଲୋକେ ଭାବନ୍ତି ସବୁ ଖୁସିର କାରଣ ହେଉଛି ଅର୍ଥ। ତେଣୁ ସେମାନେ ଅଧିକରୁ ଅଧିକ ଅର୍ଥ ରୋଜଗାର ପଛରେ ଧାଇଁ ସାମାଜିକ ସମ୍ପର୍କକୁ ଗୁରୁତ୍ୱ ଦିଅନ୍ତି ନାହିଁ। ଅପରପକ୍ଷରେ କମ୍ ଆୟକାରୀ ବ୍ୟକ୍ତି ଅନ୍ୟମାନଙ୍କ ସହ ସୁସମ୍ପର୍କ ରକ୍ଷାକୁ ପ୍ରାଧାନ୍ୟ ଦେଇଥା'ନ୍ତି। ସମାଜ ଓ ଅର୍ଥନୀତିର ଉପର ସ୍ତରରେ ଥିବା ଅଂଶୀଦାରମାନେ ବ୍ୟକ୍ତିଗତ ସୁଖ, ଖୁସି, ଆନନ୍ଦ ଓ ଶାନ୍ତି ଅନୁଭବ କରୁଥିବା ବେଳେ ସ୍ୱଳ୍ପ ଆୟକାରୀମାନେ ଅନ୍ୟମାନଙ୍କ ପ୍ରତି ଦୟା ଓ କରୁଣା ଭାବ ପ୍ରକାଶ କରି ନିଆରା ଆନନ୍ଦ ଅନୁଭବ କରନ୍ତି। ଗରିବ ଲୋକମାନେ ସେମାନଙ୍କ ପାରିପାର୍ଶ୍ୱିକ ବିଶ୍ୱକୁ ନେଇ ଅଧିକ ଖୁସି ଅନୁଭବ କରୁଥିବା ଗବେଷକମାନେ ଜାଣିବାକୁ ପାଇଛନ୍ତି। ଆମ ଚାରିପାଖରେ ଏଭଳି ମଧ୍ୟ ଧନିକମାନେ ଅଛନ୍ତି, ଯେଉଁମାନେ ବିପୁଳ ସମ୍ପତ୍ତିର ମାଲିକ ହେଲେ ମଧ୍ୟ ଗର୍ବ, ଅହଂକାରରୁ ମୁକ୍ତ। ଆମେରିକୀୟ ଅତ୍ୟୁଚ୍ଚ ଧନୀ ମାର୍କ କ୍ୟୁବନ୍‌ଙ୍କର ମୋଟ୍ ସମ୍ପତ୍ତିର ପରିମାଣ ୩୭ ହଜାର କୋଟି ଡଲାରରୁ ଉର୍ଦ୍ଧ୍ୱ। ସେ ଓ ତାଙ୍କ ପରିବାର ବିଳାସପୂର୍ଣ୍ଣ ଜୀବନ ଜିଇଁବା ପାଇଁ ପର୍ଯ୍ୟାପ୍ତ ସମ୍ବଳ ଓ ସୁଯୋଗ ରହିଛି। କିନ୍ତୁ ସେ ନିଜ ପିଲାମାନଙ୍କ ମନରୁ ଅର୍ଥଗର୍ବକୁ ଦୂର କରିବା ପାଇଁ ସବୁବେଳେ ମୂଲ୍ୟବୋଧର ପାଠ ଶିଖାଇ ଆସୁଛନ୍ତି। ବଡ଼ ଝିଅ ଏଲେକ୍ସିସ ୧୬ ବର୍ଷ ବୟସରୁ କଲେଜର ଛୁଟି ସମୟରେ ଇଣ୍ଟର୍ଣ୍ଣସିପ୍ କରିଥିଲେ। ରୋଜଗାର କରି ତା'ର ମୂଲ୍ୟ ବୁଝିଥିଲେ। ତା'ପରେ ଚାକିରି ଆରମ୍ଭ କରିଥିଲେ। କ୍ୟୁବନ୍‌ଙ୍କ ଘରେ ଚାକର, ଚାକରାଣୀ ନାହାନ୍ତି। ତିନି ପିଲାଙ୍କ ସହ ମିଶି କ୍ୟୁବିନ ଦମ୍ପତି ନିଜେ ରାତ୍ରି ଭୋଜନ ପ୍ରସ୍ତୁତ କରନ୍ତି। ପିଲାଙ୍କୁ ଘରକାମ ଓ ସଫେଇ ଶିଖାନ୍ତି। ଏକଥା ବି ସୁନିଶ୍ଚିତ କରନ୍ତି ସେମାନଙ୍କର ତିନି ପିଲା ପୂରା ଦିନରେ ଯେପରି ଘରର କୌଣସି ନା କୌଣସି କାମ କରିବେ। ସେମାନେ ବିଳାସପୂର୍ଣ୍ଣ ହୋଟେଲ ବଦଳରେ ନିଜ ଘରେ ହିଁ ଉତ୍ସବ ଆୟୋଜନ କରିଥା'ନ୍ତି। ପ୍ରାୟତଃ ଧନୀ ଲୋକମାନେ ନୂଆ ସାମଗ୍ରୀ କିଣିଲେ ସାମାଜିକ ଗଣମାଧ୍ୟମରେ ପ୍ରଦର୍ଶିତ କରି ନିଜର ସମ୍ପନ୍ନତା ପ୍ରଦର୍ଶିତ ଓ ପ୍ରମାଣିତ କରନ୍ତି। କ୍ୟୁବନ୍‌ଙ୍କ ଝିଅ କିନ୍ତୁ କେବଳ ପରିବାର ଓ ସାଙ୍ଗସାଥୀଙ୍କ ସହିତ ବିତାଇଥିବା ଖୁସିର ମୁହୂର୍ତ୍ତ ଗୁଡ଼ିକୁ ପ୍ରସାର କରନ୍ତି। ସାମାଜିକ ଗଣମାଧ୍ୟରେ କେବେ ବି ତାଙ୍କର ନିଜସ୍ୱ ଜେଟ୍, ୭ଏକର ପରିବ୍ୟାପ୍ତ ତାଙ୍କର ମହଲ ଭଳି ଘର, ସନ୍ତରଣ କକ୍ଷ, ସ୍କା, ସ୍କେଟବଲ୍ କୋର୍ଟ ଦେଖିବାକୁ ମିଳେନାହିଁ। କ୍ୟୁବିନ୍ କୁହନ୍ତି, 'ମୋ ପିଲାମାନଙ୍କୁ କେହି 'ଧନୀମୂର୍ଖ' କୁହନ୍ତୁ ତାହା ମୁଁ ଚାହେଁ ନାହିଁ। ମୁଁ ଓ ମୋର ପତ୍ନୀ, ପିଲାଙ୍କୁ କର୍ମଜୀବୀ ପରିବାର ଭଳି ବଡ଼ କରୁଛୁ। ଆମେ ଚାହୁଁଛୁ ଯେ ସେମାନଙ୍କ ଚାଲିଚଳନ, ବ୍ୟବହାର ଓ ଜୀବନ ଜିଇଁବାର କଳା ସହଜ ହେଉ। ଜୀବନର ମୂଲ୍ୟବୋଧକୁ ବୁଝନ୍ତୁ। ତା'ହେଲେ ଯାଇ ସେମାନେ ଭବିଷ୍ୟତରେ ଆସିବାକୁ ଥିବା ଆହ୍ୱାନର ମୁକାବିଲା କରିପାରିବେ। ଆମେ ବିଲ୍ ଓ ମିଲିଣ୍ଡା ଗେଟସ୍‌ଙ୍କ ନିକଟରୁ ପିଲାଙ୍କୁ କିଭଳି ଲାଳନ ପାଳନ କରିବାକୁ ହୁଏ ତାହା ଶିଖିଛୁ। ଆମ ଦେଶରେ ଧନୀମାନଙ୍କ ମଧ୍ୟରୁ ଅଧିକାଂଶ ଗର୍ବ, ଅହଂକାରୀ ଓ ନିର୍ଦ୍ଧନମାନଙ୍କ ଉପରେ କର୍ତ୍ତୃତ୍ୱ ଜାହିର କରୁଥିବାର ଦେଖିବାକୁ ମିଳେ। ଏଭଳି କ୍ଷେତ୍ରରେ ସେମାନଙ୍କ ଦାୟାଦ କ'ଣ ଶିକ୍ଷା କରିବେ? ଆମ ଦେଶର ଅଧିକାଂଶ ଧନୀଙ୍କ ପୁତ୍ର ଅଧିକ ଅପରାଧ ପ୍ରବଣ। ଅର୍ଥବଳରେ ସେମାନେ ଆଇନ୍‌କୁ ହାତକୁ ନେଇଥା'ନ୍ତି। ସମ୍ପତ୍ତି ବଳରେ ପ୍ରତିପତ୍ତି ହାସଲ କରିବା ଅଧିକାଂଶ ଭାରତୀୟଙ୍କ ଲାଳସା। ଅପରପକ୍ଷରେ ଆମେରିକା, ଇଂଲଣ୍ଡର ବିଶ୍ୱବିଦ୍ୟାଳୟର ଅଧ୍ୟାପକମାନେ ଅବସର ସମୟରେ ରିକ୍ସା ଟାଣିବାର ଉଦାହରଣ ରହିଛି। ଲକ୍ଷଲକ୍ଷ ଡଲାର/ପାଉଣ୍ଡର ଦରମା ପାଉଥିବା ଏହି ମଣିଷମାନେ ସାଧାରଣ ମଜୁରିଆଙ୍କ ଜୀବନ କିପରି କଷ୍ଟରେ ବିତେ ତାହା ଅନୁଭବ କରିଛନ୍ତି। ଆମ ଦେଶରେ ଶାଗଖିଆ, ପେଜପିଆକୁ ଦେଖି ପାରୁନି। ଏକାଧିକ ଲୋକ ଛାତି ଉପରେ ଛିଡ଼ା ହୋଇ ଏମାନେ ଉପରକୁ ଉଠିବାର ଅଭ୍ୟାସ କରିଥା'ନ୍ତି। ବଗର ଅଣ୍ଟ ବଢ଼ିଲେ ମାଛକୁ ବିପଦ। ଏହିଭଳି ଅଧିକ ଧନଶାଳୀ ବ୍ୟକ୍ତିଙ୍କ ଆବିର୍ଭାବ ଆମ ସାମାଜିକ-ଅର୍ଥନୀତି ପ୍ରତି ବିପଦ।

## ମଶାକୁ ନେଇ ସତର୍କତା

### ଉମେଶ ଚନ୍ଦ୍ର ପାତ୍ର



ସାରା ବିଶ୍ୱରେ ବିଭିନ୍ନ ପ୍ରକାରର ଦିବସ ପାଳନ ହେଉଥିବା ଆପଣ ଜାଣିଥିବେ। ବିଶ୍ୱ ଜଳ ଦିବସ, ଟାଇପ ରାଇଟର ଦିବସ, ବିଶ୍ୱ ଏଡ଼ସ ଦିବସ, ବିଶ୍ୱ ଯୁବକ ଦିବସ, ବିଶ୍ୱ ହସ୍ତୀ ଦିବସ, ବିଶ୍ୱ ବ୍ୟାଘ୍ର ଦିବସ ଭଳି ଅନେକ ଦିବସ ଅଛି। ହେଲେ ମଶାମାନଙ୍କର ମଧ୍ୟ ଦିବସ ରହିଛି କହିଲେ କେହିବି ବିଶ୍ୱାସ କରିବେନି। ପ୍ରତ୍ୟେକ ବର୍ଷ ଅଗଷ୍ଟ ୨୦କୁ ବିଶ୍ୱ ମଶା ଦିବସ ରୂପେ ପାଳନ କରାଯାଇଥାଏ। ଏହାର କାରଣ ମଧ୍ୟ ବେଶ ନିଆରା। ଏହି ଦିନଟି ସାର ରୋନାଲ୍ଡ ରସ୍‌ଙ୍କ ସ୍ମୃତିରେ ମଶା ଦିବସ ରୂପେ ପାଳନ କରାଯାଏ। ରୋନାଲ୍ଡ ରସ୍ ମ୍ୟାଲେରିଆ ରୋଗର କାରଣ ମାଈ ଏନୋଫିଲିସ୍ ମଶାକୁ ଚିହ୍ନଟ କରିଥିଲେ। ଦୀର୍ଘ ଦିନର ଗବେଷଣା ଓ ଅନୁସନ୍ଧାନ ପରେ ୧୮୯୭ ମସିହା ଅଗଷ୍ଟ ୨୦ ତାରିଖରେ ତାଙ୍କୁ ଏହି ସଫଳତା ମିଳିଥିଲା। ରୋନାଲ୍ଡ ରସ୍ ୧୩ ମେ ୧୮୫୭ ଉତ୍ତରାଖଣ୍ଡରେ ଅଲମୋରାରେ ଜନ୍ମ ଗ୍ରହଣ କରିଥିଲେ। ସେ ଜଣେ ମିଲିଟାରୀ ମେଡ଼ିକାଲ ଅଫିସର ଥିଲେ। ୧୯୦୨ରେ ମେଡ଼ିସିନ୍ ବିଭାଗରେ ନିଜର ଅବଦାନ ପାଇଁ ସେ ନୋବେଲ ପୁରସ୍କାର ପାଇଥିଲେ। ତାଙ୍କ ସ୍ମୃତିରେ କଲିକତାର ଏସ୍‌ଏସ୍‌କେଏମ୍ ହସ୍ପିଟାଲରେ ଏକ ସ୍ମାରକୀ ମଧ୍ୟ ନିର୍ମାଣ କରାଯାଇଛି। ଯାହାକୁ ୧୯୨୭ ମସିହା ଜାନୁଆରୀ ୭ରେ ନିଜେ ରୋନାଲ୍ଡ ରସ୍ ଉଦ୍‌ଘାଟନ କରିଥିଲେ।


ଆଜିର ଦିନରେ ବ୍ରିଟିଶ ଡାକ୍ତର ରୋନାଲ୍ଡୋ ରୋସସ୍ ୧୮୯୭ ମସିହାରେ ନିଜର ରିସର୍ଚ୍ଚରୁ ଜାଣି ପାରିଥିଲେ କି ମହିଳା ମଶା କାମୁଡ଼ିବା ଦ୍ୱାରା ହିଁ ମଣିଷ ରକ୍ତରେ ବିଷ ଖେଳି ଯାଇଥାଏ, ଯାହାଫଳରେ ମ୍ୟାଲେରିଆ ଭଳି ମାରାତ୍ମକ ରୋଗରେ ମଣିଷ ଶିକାର ହୋଇ ମୃତ୍ୟୁ ମୁଖରେ ପଡ଼ିଥାଏ। ତେଣୁ ଲୋକମାନେ କିପରି ସତର୍କ ହେବେ ଏବଂ ନିଜର ଜୀବନକୁ ବଞ୍ଚେଇ ପାରିବେ ସେଥିପାଇଁ ପ୍ରତିବର୍ଷ ଆଜିର ଦିନକୁ ମଶା ଦିବସ ରୂପେ ପାଳନ କରାଯାଏ। ଏହାକୁ ଲଣ୍ଡନ ସ୍କୁଲ ଅଫ୍ ହାଇଜେନିକ୍ ଆଣ୍ଡ ଟ୍ରେପିକାଲ ମେଡ଼ିସିନ୍ ପ୍ରତିବର୍ଷ ପାଳନ କରିଥାଏ। ରିସର୍ଚ୍ଚରୁ ଜଣାଯାଇଥିଲା ପୁରୁଷ ମଶା ଶରୀର ପାଇଁ କ୍ଷତିକାରକ ନୁହନ୍ତି ଏବଂ ମହିଳା ମଶାମାନେ ରକ୍ତ ଖାଇ କେତେକ ରୋଗ ପ୍ରସାର କରିଥାନ୍ତି। ଯେପରି ମ୍ୟାଲେରିଆ, ଫେଲେରିଆ, ଜଣ୍ଡିସ୍, ଡେଙ୍ଗୁ ପରି କେତେକ ଭୟାବହ ଜୀବନ ନେଲା ଭଳି ରୋଗ ହେବାର ଦେଖାଯାଇଥାଏ। ତେଣୁ ଏଥିପାଇଁ ରୋସସ୍ କହିଥିଲେ ପୃଥିବୀରେ ସବୁଠାରୁ ଭୟଙ୍କର ଜୀବ ହେଉଛି ମଶା। ଏହି କାରଣରୁ ବିଭିନ୍ନ ପ୍ରକାର ରୋଗ ହେବାରୁ ଆଫ୍ରିକା, ଦକ୍ଷିଣ ଆମେରିକା, ଆମେରିକା, ମେକ୍ସିକୋ, ଋଷିଆ ଏବଂ ଏସିଆ ଇତ୍ୟାଦିରେ ପ୍ରତିବର୍ଷ ସାତ ଲକ୍ଷରୁ ଅଧିକ ଲୋକ ନିଜର ଜୀବନ ହରାଇଥାନ୍ତି। ଏମାନଙ୍କ ଠାରୁ ନିଜକୁ ବଞ୍ଚେଇବା ପାଇଁ ଆଜି ପର୍ଯ୍ୟନ୍ତ କୌଣସି ସଠିକ୍ ଭାବରେ ଉପାୟ ବାହାରି ନଥିଲେ ମଧ୍ୟ କେତେକ ଉପାୟକୁ ଅବଲମ୍ବନ କରିବା ଦ୍ୱାରା କେତେକାଂଶରେ ରୋଗ ହେବାର ଆଶଙ୍କା କମିଯାଇପାରେ। ଯେପରି ଘରର ଚାରିପାଖ ସଫା ସୁତରା ରଖିବା, ଅଳିଆ ଆବର୍ଜନା ତଥା ଭଙ୍ଗାଭଙ୍ଗି ଜିନିଷକୁ ମାଟିରେ ପୋଡ଼ି ଦିଅନ୍ତୁ କିମ୍ବା ଜାଳି ଦିଅନ୍ତୁ, ଯେପରି ସେଥିରେ ପାଣି ନଜମି ପାରେ। ଏବେ ବର୍ଷା ଋତୁ ଥିବାରୁ ଓ ଡେଙ୍ଗୁର ପାର୍ଦୁଭାବ ରହିଥିବାରୁ ନିଜ ଘରର ପରିବେଶ ସହ ଘରର ଆଖପାଖ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ବର୍ଷାଦିନେ ଆଉ ଏକ ବଡ଼ କଥା ହେଉଛି ଘର ଭିତରକୁ ଯେପରି ସୂର୍ଯ୍ୟାଲୋକ ଓ ମୁକ୍ତ ପବନ ବେଶ ଖୋଲା ଭାବରେ ଯିବା ଆସିବା କରିପାରିବ ସେ ଦିଗକୁ ଦେଖନ୍ତୁ। ଘରେ କୌଣସି ପୁରୁଣା ଜିନିଷ ପତ୍ର ରଖନ୍ତୁ ନାହିଁ ଯାହାକି ମଶା ମାନଙ୍କ ରହିବା ସ୍ଥାନ ପରି ବ୍ୟବହାର ହୋଇପାରିବ। ଘର ପାଖରେ ଯଦି କୌଣସି ଗାତ କିମ୍ବା ଖାଲ ହୋଇଥାଏ ତେବେ ତାକୁ ପୋତି ଦିଅନ୍ତୁ। ସେଥିରେ ଯେପରି ପାଣି ଜମା ନହୁଏ। ମଶା କାମୁଡ଼ିବା ଦ୍ୱାରା ଯଦି ଜ୍ୱର ହୋଇଥାଏ ତେବେ ସହଜରେ ଛାଡ଼େ ନାହିଁ ତେଣୁ ତୁରନ୍ତ ଯାଇ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। କୌଣସି ପ୍ରକାର ଜ୍ୱରକୁ ସାମାନ୍ୟତମ ଅବସ୍ଥା ଭାବନ୍ତୁ ନାହିଁ। ତୁରନ୍ତ ରକ୍ତ ପରୀକ୍ଷା କରିବା ବାଞ୍ଛନୀୟ। କେତେକ ଦେଶୀୟ ଚିକିତ୍ସାକୁ ଗ୍ରହଣ କରିଥାନ୍ତି ଏହା ସେତେଟା ନିରାପଦ ନୁହେଁ। ସବୁବେଳେ ସରକାରୀ ବ୍ୟବସ୍ଥିତ ଡାକ୍ତରୀ ସେବାର ସୁଯୋଗ ନିଅନ୍ତୁ। ପରିବେଶ ପରିଷ୍କାର ପରିଚ୍ଛନ୍ନ ରହିଲେ ମଶା ମାନଙ୍କ ପାର୍ଦୁଭାବ ରହିବ ନାହିଁ। ମଶା ମାନଙ୍କ ଠାରୁ ନିରାପଦ ଦୂରତାରେ ରହି ନିଜ ସହ ପରିବାରର ଓ ସମାଜର ଉନ୍ନତ ସ୍ୱାସ୍ଥ୍ୟ ଗଠନରେ ସହାୟକ ହୁଅନ୍ତୁ।


+ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,

ମୋ : ୯୪୩୭୦୫୧୯୫୭


## ସଦ୍‌ଭାବନା ଅନୁଚିନ୍ତା

### ବିଚିତ୍ରାନନ୍ଦ ଆଚାର୍ଯ୍ୟ



ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ଜନ୍ମଦିନ ଅର୍ଥାତ୍ ଅଗଷ୍ଟ ୨୦ ତାରିଖକୁ ସଦ୍‌ଭାବନା ଦିବସ ଭାବେ ପାଳନ କରାଯାଇଥାଏ। ପରସ୍ପର ପ୍ରତି ଉତ୍ତମ ବିଚାର ରଖିବା ରାଜୀବ ଗାନ୍ଧୀଙ୍କ ସରକାରର ଏକମାତ୍ର ମିଶନ ଥିଲା। ଭାରତ ବର୍ଷରେ ବସବାସ କରୁଥିବା ସବୁ ଧର୍ମର ଲୋକମାନଙ୍କ ମଧ୍ୟରେ ସମାନତା, ରାଷ୍ଟ୍ରୀୟ ଏକତା, ଶାନ୍ତି ତଥା ଭଲ ପାଇବା ରକ୍ଷା କରିବା ପାଇଁ ରାଜୀବ ଗାନ୍ଧୀ ଶତ ଚେଷ୍ଟିତ ଥିଲେ। ଏଣୁ ତାଙ୍କ ଜନ୍ମ ବାର୍ଷିକୀକୁ ସଦ୍‌ଭାବନା ଦିବସ ଭାବେ ପାଳନ କରି ହିଂସା ବର୍ଜନ କରି ଦେଶରେ ଶାନ୍ତି ବଜାୟ ରଖିବାକୁ ଆହ୍ୱାନ ଦିଆଯାଏ।

ମା' ଇନ୍ଦିରା ଗାନ୍ଧୀଙ୍କ ମୃତ୍ୟୁ ପରେ ୧୯୮୪ ଡିସେମ୍ବର ୩୧ରେ ଦେଶର ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ପଦ ଅଳଙ୍କୃତ କରିଥିଲେ ରାଜୀବ ଗାନ୍ଧୀ। ଏହି ଅବଧି ମଧ୍ୟରେ ଅନେକ ବିକାଶମୂଳକ କାର୍ଯ୍ୟ ସେ କରିଥିଲେ। ଶିକ୍ଷା, ବୈଷୟିକ, ବିଜ୍ଞାନ ଆଦି ବିକାଶରେ ତାଙ୍କ ଉଦ୍ୟମ ଉଲ୍ଲେଖଯୋଗ୍ୟ। ଶାନ୍ତି ଓ ସଦ୍‌ଭାବନାକୁ ସେ ସବୁଠୁ ବେଶି ଗୁରୁତ୍ୱ ଦେଉଥିଲେ। ଜାତୀୟ ଏକତା ଓ ସଦ୍‌ଭାବନାକୁ ପ୍ରୋତ୍ସାହନ ଦେବା ତାଙ୍କର ଉଦ୍ଦେଶ୍ୟ ଥିଲା। ସେଥିପାଇଁ ରାଜୀବଙ୍କ ଜନ୍ମ ଦିବସକୁ ସଦ୍‌ଭାବନା ଦିବସ ରୂପେ ସମଗ୍ର ଭାରତରେ ପାଳନ କରାଯାଏ। ଏହି ଦିବସରେ ସାମ୍ପ୍ରଦାୟିକ ସଦ୍‌ଭାବନା, ଜାତୀୟ ସଂହତି ଓ ଶାନ୍ତି ପ୍ରତିଷ୍ଠାକୁ ପ୍ରୋତ୍ସାହିତ କରିଥିବା ବ୍ୟକ୍ତିଙ୍କୁ ରାଜୀବ ଗାନ୍ଧୀ ଜାତୀୟ ସଦ୍‌ଭାବନା ପୁରସ୍କାରରେ ସମ୍ମାନିତ କରାଯାଏ। ୧୯୯୧ ମେ'୨୧ରେ ଚେନ୍ନାଇର ଶ୍ରୀପେରୁମ୍ବୁଦୁର ଲୋକସଭା କଂଗ୍ରେସ ପ୍ରାର୍ଥୀ ପାଇଁ ନିର୍ବାଚନ ପ୍ରଚାର ସମୟରେ ରାଜୀବଙ୍କ ହତ୍ୟା କରାଯାଇଥିଲା। ରାଜୀବଙ୍କ ଶିକ୍ଷା ଆରମ୍ଭ ହୋଇଥିଲା ଶିବ ନିକେତନ ବିଦ୍ୟାଳୟରେ। ଚିତ୍ରାଙ୍କନ ଓ ପେଣ୍ଟିଂକୁ ସେ ଖୁବ୍ ଭଲ ପାଉଥିଲେ। କେମ୍ବ୍ରିଜ୍‌ର ଟ୍ରିନିଟି କଲେଜରେ ସେ ଇଂଜିନିୟରିଂ ଶିକ୍ଷା ଆରମ୍ଭ କରିଥିଲେ, କିନ୍ତୁ ଶେଷ କରିପାରିନଥିଲେ। ମା'ପ୍ରଧାନମନ୍ତ୍ରୀ ହେବା ପରେ ରାଜୀବ ଭାରତ ଫେରିଥିଲେ। ସେ ଦିଲ୍ଲୀ ଫ୍ଲାଇଙ୍ଗ କ୍ଲବର ସଦସ୍ୟ ହୋଇଥିଲେ। ୧୯୭୦ରେ ସେ ଏୟାର ଇଣ୍ଡିଆ ପାଇଲଟ ଦାୟିତ୍ୱ ନିର୍ବାହ କଲେ। ତାଙ୍କର ପ୍ରଥର ରାଜନୀତି ଗସ୍ତ ଥିଲା ଇଂଲଣ୍ଡକୁ। ସେଠାରେ ଯୁବରାଜ ଚାର୍ଲସ ଓ ଲେଡି ଡାଏନା ସ୍ପେନସରଙ୍କ ବିବାହ ଉତ୍ସବରେ ସେ ଯୋଗ ଦେଇଥିଲେ। ସେହି ବର୍ଷ ଭାରତୀୟ ଯୁବ କଂଗ୍ରେସର ଅଧ୍ୟକ୍ଷ ଭାବେ ସେ ନିଯୁକ୍ତ ହୋଇଥିଲେ। ୧୯୪୪ ମସିହା ଅଗଷ୍ଟ ୨୦ ତାରିଖ ଦିନ ମୁମ୍ବାଇ ଠାରେ ରାଜୀବ ଜନ୍ମ ଗ୍ରହଣ କରିଥିଲେ। ସେ ଥିଲେ ଭାରତର ୬ଷ୍ଠ ପ୍ରଧାନମନ୍ତ୍ରୀ। ଉଚ୍ଚଶିକ୍ଷା ପରେ ସେ ଜଣେ ପାଇଲଟ୍ ଭାବେ ଇଣ୍ଡିଆନ୍ ଏୟାରଲାଇନ୍ସରେ ଯୋଗ ଦେଇଥିଲେ। ସପରିବାର ରାଜନୀତି କ୍ଷେତ୍ରରେ ସାମିଲ ଥିଲେ ମଧ୍ୟ ସେ ରାଜନୀତିକୁ ପସନ୍ଦ କରୁନଥିଲେ। ରାଜନୀତିରେ ଆଦୌ ରୁଚି ନଥିଲେ ବି ସାନ ଭାଇ ସଞ୍ଜୟଙ୍କ ମୃତ୍ୟୁ ପରେ ରାଜୀବ ରାଜନୀତି ମଇଦାନକୁ ଓହ୍ଲାଇ ଥିଲେ। ହେଲେ ସାନ ଭାଇ ସଞ୍ଜୟ ଗାନ୍ଧିଙ୍କ ମୃତ୍ୟୁ ପରେ ୧୯୮୦ରେ ରାଜୀବ ରାଜନୀତିରେ ପ୍ରବେଶ କଲେ।

ସଦ୍‌ଭାବନା ଦିବସ ପାଳନ ଅବସରରେ ବିଭିନ୍ନ ସଂଗଠନ ଦ୍ୱାରା ବୃକ୍ଷରୋପଣ, ରକ୍ତଦାନ, ଖାଦ୍ୟ ବଣ୍ଟନ ଆଦି ଜନହିତକର କାର୍ଯ୍ୟ କରାଯିବା ସହ ସାମ୍ପ୍ରଦାୟିକ ସଦ୍‌ଭାବନା ରକ୍ଷା କରିବା ପାଇଁ ବୁଝାଯାଇଥାଏ। ବିଭିନ୍ନ କ୍ଷେତ୍ରରେ କୃତି ପ୍ରତିଯୋଗୀଙ୍କୁ ଏହି ଦିନ ରାଜୀବ ଗାନ୍ଧୀ ରାଷ୍ଟ୍ରୀୟ ସଦ୍‌ଭାବନା ପୁରସ୍କାରରେ ପୁରସ୍କୃତ କରାଯାଇଥାଏ। ଭାରତର ଜାତୀୟ ରାଜନୀତିକୁ ଦେଖିଲେ ଦେଶର ଅଖଣ୍ଡତା, ବିକାଶ, ସାର୍ବଭୌମତ୍ୱର ଗୌରବକୁ ବଢ଼ାଇବାରେ ସେ ରାଜୀବ ଗାନ୍ଧୀଙ୍କ ଅବଦାନ ପ୍ରାତଃ ସ୍ମରଣୀୟ। ରାଜନୀତିରେ ସାଧୁତା, ସଚ୍ଚୋଟତା, ନିରପେକ୍ଷତା, କର୍ମତତ୍ପରତା ଓ ଦଳ ତଥା ଦେଶ ପାଇଁ ସମର୍ପଣ ଭାବ ଚିନ୍ତା କଲାବେଳାକୁ ଆଖି ସାମ୍ନାକୁ ଆସନ୍ତି ଦିଂବଗତ ଜନନେତା ରାଜୀବ ଗାନ୍ଧୀ। ଦେଶ ଓ ଜାତିର ବିକାଶ ପାଇଁ ଆସନ୍ତୁ ସମସ୍ତେ ଐକ୍ୟବଦ୍ଧ ହୋଇ ପ୍ରଗତିର ଉନ୍ମୀଳନ ପାଇଁ ଶପଥ ନେବା ଏହି ସଦଭାବନା ଦିବସ ଅବସରରେ।


+ବରିଷ୍ଠ ପ୍ରମୁଖ କର୍ମକର୍ତ୍ତା, ବାଲିଗୁଡ଼ା କଂଗ୍ରେସ,

ମୋ : ୯୪୩୭୨୫୭୧୨୩


## ଦେବୀ ଦେବତା ଆଗରେ ପଛରେ

### ଅଜୟ କୁମାର ବେହେରା



ମନୁଷ୍ୟ ନିଷ୍ଟେ ତାର ଦେହ ଛାଡ଼ିବ ହେଲେ କିଛି ଦିନ କର୍ମ ମୁଖର ରହି ବାଲ୍ୟରୁ ବାର୍ଦ୍ଧକ୍ୟ ଯାଏ ସମ୍ଭାବିତ ସ୍ୱାସ୍ଥ୍ୟରେ କିଛି କର୍ମ କରିବାକୁ ପଡ଼ିବ। କର୍ମକୁ ମୂଲ୍ୟବାନ କରିବାକୁ ବିଦ୍ୟା ତାଲିମ ଅନୁଭୂତି ଅର୍ଜନ କରିବାକୁ ପଡ଼ିବ। ସର୍ବଦା ଜଣେ ବ୍ୟକ୍ତି ଭାବିବ ତା ସହିତ ଆହୁରି ୯୯ଜଣ ପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ପଦବୀ ପାଇଁ ୯୯ଜଣଙ୍କୁ କାଟିପାରିଲେ ପଦବୀଟିର ପ୍ରାପ୍ତି ଘଟିବ ଏହା ନଭାବି ଯାହି ତାହା କିଛି ମିଳିଯାଉ ଚିନ୍ତନରେ ରହିଲେ କେବେ ଭଲ ମିଳିନପାରେ। ଅନେକ ଭାବନ୍ତି ପାଠପଢ଼ା ଯାହା ହେଉ ଯଦି ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ ସରସ୍ୱତୀ ଓ ସିଦ୍ଧିଦାତା ଗଣେଶଙ୍କୁ ପୂଜା କରାଯାଏ ତେବେ ଭଲ ପାଠ ହୋଇଯିବ। ପ୍ରକୃତରେ ପରିଶ୍ରମ ପାଠପଢ଼ାରେ ଉପଯୁକ୍ତ ଧାରାରେ ନକଲେ ଦେବ କରୁଣା କେବେ ପ୍ରଥମ କରାଇ ନପାରେ। ଏଠାରେ ଦେବତାଙ୍କୁ ଆଗରେ ରଖିବା ଧାରାରେ ଚେଷ୍ଟାଟି ଆସୁଛି। ମାତ୍ର ଭଲ କରି ବିଚାର କରିବା ଦରକାର ଜଣେ କୁଶଳୀ ପରିଶ୍ରମୀ ନହୋଇ ଦେବତାଙ୍କୁ ଆଗ ଭରି କରି ଦେବତାଙ୍କୁ ଲଜ୍ଜିତ ଏଠାରେ କରାଯିବା ହୋଇଯାଉଛି। ଆଗ ପାଠପଢ଼ିବା ସହିତ ଦେବତାଙ୍କୁ ପରେ ପରେ ଡାକିଲେ ଦେବ କରୁଣା ପରିଶ୍ରମୀକୁ ମିଳିଥାଏ। ଏଠାରେ ଦେବତା ପଛରେ ପ୍ରେରଣାଦାୟୀ ହୋଇପାରନ୍ତି।

ଦେବତା ପୂଜା ବିବାହାଦି କାର୍ଯ୍ୟରେ ଗ୍ରାମଦେବତୀ ଅର୍ଚ୍ଚନା ଆଗ କରାଯାଏ। ଦେବତୀ କରିଆ କନା ପିନ୍ଧନ୍ତି, ହେଲେ କନ୍ୟାବର କନ୍ୟାର ମାଆ କନ୍ୟାର ବାପା, ବାରର ମାଆ ବରର ପିତା ବନ୍ଧୁବାନ୍ଧବ ମୂଲ୍ୟବାନ ଲୁଗା ପିନ୍ଧନ୍ତି ବା ବନ୍ଧୁ ବାନ୍ଧବଙ୍କୁ ସୁନା ଚାନ୍ଦୀ ବେଭାର ପ୍ରଦାନ ଅନୁଯାୟୀ ବସ୍ତ୍ରୀ ବ୍ୟବସ୍ଥା କରାଯାଏ। ତେବେ ଗ୍ରାମ ଦେବତୀ ଏପରି ବ୍ୟବହାରରେ ନିମ୍ନ ପ୍ରୟୋଗରେ ଆସନ୍ତି ମାତ୍ର କାରୁଣାଟିର ମାଗଣା ଭିକ୍ଷା ବର କନ୍ୟା କର କରିଥାନ୍ତି। ଆମର ନର ଓ ଦେବତାରେ ଫରକ ଅଛି। ମାତ୍ର ବିଶ୍ୱାସ ଦେବତା କ୍ଷମା କରି ଫଳ ଦେବେ। ଘରର ପୁରୋହିତ ଆଶା କରିଥାନ୍ତି ଲୋକର ପୁଅ ଝିଅ ବିବାହକୁ ସେମାନେ କିଛି ଭଲ ଦକ୍ଷିଣା ପାଇବେ ମାତ୍ର ଏବେ ଗୋଠଛଡ଼ା ନନା ସହର ବଜାରରେ ରୋଜଗାରୀ ଲୋକଙ୍କର ବିବାହ ଘର ଆରମ୍ଭ ଘର ପ୍ରତିଷ୍ଠା କରି ଲାଭବାନ ଅର୍ଥାତ୍ ଗ୍ରାମରେ ପୁରୋହିତ ପରିବାର ଅବହେଳିତ ହେଉଛନ୍ତି। ଲୋକଟିର ପିଲା କାଳର ନାମକରଣ କରିଥିବା ଗ୍ରାମର ପୁରୋହିତ ଏବେ କାହାରି ମନେ ରହି ନାହାଁନ୍ତି।

ଗୁରୁ ଦିବସ, ଗୁରୁ ପୂର୍ଣ୍ଣିମାରେ ସଭା ସମିତିରେ ଗୁରୁ ମହିମା ଅନେକ ବଖାଣନ୍ତି, ମାତ୍ର ତାଙ୍କୁ ଶିକ୍ଷିତ କରିବାରେ ପ୍ରାଥମିକ ଶିକ୍ଷକ ଅକ୍ଷର ପରିଚୟକାରୀ ଶିକ୍ଷକ ଗଣିତର ସଂଖ୍ୟା ଓ ଗଣିତର ମିଶାଣ ଫେଡ଼ାଣ ହରଣ ଗୁଣନ ଶିକ୍ଷା ଦେବା ଶିକ୍ଷକ ଏବେ ମନେ ପଡୁନାହାଁନ୍ତି। ଏମାନେ ବହୁ ଦିନ ଅତୀତର ଶିକ୍ଷକ ଖୁବ କମ ଦିନର ଶିକ୍ଷକ ପ୍ରଫେସର ସଭାରେ ପ୍ରଶଂସା ପାଉଛନ୍ତି। ନେତାମାନେ ଗୁରୁ ଦିବସର କୌଣସି ସଭାରେ ପିଲାମାନଙ୍କର ଗୁରୁଙ୍କର ଗୁଣଗାନରେ ମୁଗ୍ଧ ହୋଇଥାନ୍ତତି ଅଥଚ ନିଜର ଗୁରୁ ଅଛନ୍ତି ଏକଥା ସେ ସଭାରେ କେବେ ତାଙ୍କର ଗୁଣଗାନ କରିବା ମୁଁ ଶୁଣି ନାହିଁ। ବ୍ୟାସଦେବ ଜଣେ ସିଅଳ ଠାରୁ ଗଛ ନୁଆଁଇବା ମନ୍ତ୍ର ଶିକ୍ଷା କରିଥିଲେ ବୋଲି ତାକୁ ତାଙ୍କର ଶିଷ୍ୟଙ୍କୁ ଶିକ୍ଷାଦାନ ବେଳେ ଗୁରୁଙ୍କୁ ଦେଖି ତାଙ୍କୁ ସମ୍ମାନ ଜଣାଇବାକୁ ଧାଇଁ ଯାଇଥିଲେ। ଏକଲବ୍ୟ ଗୁରୁଙ୍କ ପାଖରେ ପାଠପଢ଼ି ନଥିଲେ ହେଲେ ଦିନେ ଦ୍ୱାରସ୍ଥ ହୋଇଥିଲେ। ସେ ଦ୍ରୋଣଙ୍କୁ ପରିସ୍ଥିତି ତାଡ଼ନାରେ ରାଜପୁତ୍ର ମାନଙ୍କୁ ଘରୋଇ ଭାବରେ ପଢ଼ାଉ ଥିବାରୁ ଏକଲବ୍ୟଙ୍କୁ ଶିକ୍ଷା ଦେବାକୁ ମନା କରିଥିଲେ ହେଲେ ବନେ ଏକଲବ୍ୟର ଶିକ୍ଷା ସ୍ଥାନ ଦିନେ ଗୁରୁ ପହଞ୍ଚି ତାଙ୍କର ମୃତ୍ତିକା ପ୍ରତିମୂର୍ତ୍ତି ଦେଖିଥିଲେ ଏକଲବ୍ୟ ସାଧନା କରିବା ଦେଖି ମୁଗ୍ଧ ହୋଇଥିଲେ ଓ ତାର ଗୁରୁଭକ୍ତି ପ୍ରଗାଢ଼ ଜାଣିବା ପାଇଁ ପରୀକ୍ଷା ପାଇଁ ଏ ଗୁରୁଦକ୍ଷିଣା ମାଗିଥିଲେ ଯହିଁରେ ଥିଲା ଡାହାଣ ହାତର ବୁଢ଼ା ଆଙ୍ଗୁଳି ହାଣି ଆଙ୍ଗୁଳିଟିକୁ ଦକ୍ଷିଣା ନେବାକୁ କହିଥିଲେ। ଏକଲବ୍ୟ ଜାଣୁଛି ସେ ଆଉ ତୀର ଚାଳନା କରିପାରିବ ନାହିଁ ତଥାପି ସେ ଗୁରୁଦକ୍ଷିଣା ଅଚିରେ ପ୍ରଦାନ କରିଥିଲା। ଯାହା ଦ୍ୱାପର ଯୁଗରୁ ଏ ପର୍ଯ୍ୟନ୍ତ ଲୋକଙ୍କ ମୁଖରେ ନିଦର୍ଶନ ରହିଛି। ଏଠାରେ ଗୁରୁ ଅଶୀର୍ବାଦ ପଛରୁ ପ୍ରେରଣା ପ୍ରଦାନ କରୁଥିଲା।

ଜଗନ୍ନାଥଙ୍କ ଚକ୍ଷୁ ଏକ୍ସରେ ଆଇ ସେ ସବୁ ଦେଖୁଛନ୍ତି। ତାଙ୍କ ପାଖରେ କିଛି ଲୁଚାଛପା ରହେନାହିଁ। ସ୍ୱାମୀ-ସ୍ତ୍ରୀ ଦର୍ଶନରେ ଉଭୟ ତାଙ୍କ ସାନ୍ନିଧରେ ଗୁପ୍ତଭାବ ଲୁଚାଇ ରଖି କେବଳ ଉପର ଠାଉରିଆ ଦର୍ଶନ କଲେ କିଛି ଫଳ ଦମ୍ପତ୍ତି ପାଇପାରନ୍ତି ନାହିଁ। ଭ୍ରମ ରହିଥାଏ ମିଛରେ ଆମେ ଠାକୁର ଦର୍ଶନ କରିଲୁ ଏମିତି ଉଚ୍ଚାରଣ କେବେ ଆଚରଣ ବଦଳାଇବାରେ ସହାୟକ ହୁଏନାହିଁ। ବରକନ୍ୟା ଅଗ୍ନୀକୁ ସାକ୍ଷୀ କରି ବେଦୀରେ ବିବାହିତ ହୁଅନ୍ତି। ମାତ୍ର କେହି ସ୍ୱାର୍ଥ ଛାଡ଼ନ୍ତି ନାହିଁ। ବହୁ ମାୟା ଲୁଚାଇ କାର୍ଯ୍ୟ ଚଳାଇ ନେବାକୁ ଚେଷ୍ଟା କରି ବିଦ୍ୟାବାନ ହୁଅନ୍ତି ଶେଷରେ ଅଦାଲତ ଦ୍ୱାରସ୍ଥ ହୋଇ ମିଥ୍ୟାଶ୍ରୟୀ ହୁଅନ୍ତି। ଏହା ଆଗର ଅଗ୍ନୀ ପୁଣି ପଛର ଅଗ୍ନୀ ହୁଅନ୍ତି। ସାଆନ୍ତାଣି ଚାକରାଣୀ ଜୀବନ ଭେଗପୁରେ ଲାଗୁ ହୁଏ। ପ୍ରଥମ ସ୍ତ୍ରୀର ପୁତ୍ର ଔରସ ଜାତ ଦାୟଭାଗରେ ସେ ହିଁ ଶ୍ରାଦ୍ଧର ମୂଳ ଅଧିକାରୀ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)




### ଇର୍ଷାଳୁ ଲୋକେ

#### ନିରଞ୍ଜନ ସାହୁ




ସଂସାରେ ଏମିତି ଅନେକ ଥାଆନ୍ତି
ପାରନ୍ତିନି ଜମା ସହି
କାହାର ମଙ୍ଗଳ ଦେହରେ ଯାଏନା
ଶାନ୍ତିରେ ନଥାନ୍ତି ରହି ।
ଈର୍ଷା ପରାୟଣ ହୁଅନ୍ତି ସେମାନେ
ଅନ୍ୟର ଉନ୍ନତି ଦେଖି
ହିଂସାର ଭାବନା ତାଙ୍କ ମୁଣ୍ଡେ ଭର୍ତ୍ତି
ଏହିକଥା ରଖ ଲେଖି
ଅପନିନ୍ଦା , ଅପବାଦ ମନେ ଗଢ଼ି
ବୁଲନ୍ତି ସେମାନେ କହି ।
ନିଜକୁ ନିଜେ ସେ ପ୍ରଂଶସା ବାଢ଼ନ୍ତି
ଭାବନ୍ତି ସବୁଠୁଁ ଭଲ
ଅନ୍ୟ ଜୀବନକୁ କରନ୍ତି ସେମାନେ
ସଦାବେଳେ କଲବଲ
ବୁଝନ୍ତିନି କେବେ ଚକ ଘୁରୁଥିଲେ
ଘୁରି ଯାଉଥାଏ ପହି ।
ଅନ୍ୟର ଦୁଃଖରେ ଉପରେ ଉପରେ
ମିଛରେ ଗଡ଼ାନ୍ତି ଲୁହ
ଭିତରେ ଭିତରେ ଖୁସି ହୋଇଥାନ୍ତି
ଏହା ସତ୍ୟ ବୋଲି କୁହ
ହେ ଈଶ୍ୱର ତାଙ୍କୁ କ୍ଷମା କରିଦିଅ
କ୍ଷମାଗୁଣେ ଦୟାବହି ।


+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ -୭୫୯୦୧୬
ମୋ : ୯୯୩୮୭୪୧୫୮୩


### ଜୀବନର ଭାଷା

#### ସୁଧାକର ରାଉତ



କଙ୍କାଳସାର ମଣିଷ ଓଠରେ
ଚେନାଏ ହସର ଗାର ଟାଣିବାକୁ
ଆଖିରେ ବୁନ୍ଦେ ସପନ ଭରିଦେବାକୁ
ମନରେ ପ୍ରତ୍ୟୟର ସମୀର ବିଞ୍ଚିବାକୁ
ପ୍ରଥମେ ପରଖି ନିଅ ନିଜକୁ ।

ଖୋଲିଦିଅ ଆଖିରେ ବସା କରିଥିବା
ବିଗତ ଦିନର ସେ ଅନ୍ଧପୁଟୁଳିକୁ
ପ୍ରତାରଣାର ସେ ମାୟା ଜାଲକୁ
ଆତ୍ମବଡିମାର ସେ ତୁଚ୍ଛା ଗରିମାକୁ ।

ପାରୁଛତ ଖୋଲା ରଖ
ନିଜ ବିବେକର ଝରକାକୁ
ପ୍ରବେଶ କରିବାକୁ ଦିଅ
ମଣିଷପଣିଆର ସକାଳ
କଅଁଳ କିରଣକୁ
ପରହିତକାରୀ ବରଷା ଟୋପାକୁ
ଅନ୍ୟର ଯନ୍ତ୍ରଣାର ସ୍ୱର ଶୁଣିବାକୁ
ତାପରେ ତୁମେ ବୁଝିବ
ଜୀବନର ପ୍ରକୃତ ପରିଭାଷା ଆଉ
ସାଉଁଟା ସୁଖର ମନମୁଗ୍ଧକର ଭାଷା।


+ପ୍ରତାପ ନଗରୀ, କଟକ
ମୋ - ୮୨୪୯୯୩୨୭୯୨


### ବାବୁ ବୁଉଟୁ ସୁଉଟ୍ ପିନ୍ଧା

#### ଜିତେନ୍ଦ୍ର ଚନ୍ଦ୍ର ସାହୁ



ବନ ମହୋତ୍ସବ ପାଳନ ହୋଇବ
ବ୍ୟାନର ହୋଇଛି ବନ୍ଧା
ବାବୁ ବୁଉଟୁ ସୁଉଟୁ ପିନ୍ଧା
ଦୁଇ ଦିନ ହେଲା ଗାତ ଖୋଳିଅଛି
ଚପରାଶି ବୁଢ଼ା ଗଙ୍ଗା
ପାଖ ନର୍ସରୀରୁ ଆସିଅଛି ଚାରା
ଝୁଡ଼ିରେ ହୋଇଛି ବନ୍ଧା
ବାବୁ ......... ।
କରଞ୍ଜ, ଅଁଳା, ବେଲ ଓ ବାହାଡ଼ା
ନିମ୍ବ ଆଉ ଅଶ୍ୱଗନ୍ଧା
ଔଷଧୀୟ ଗଛ ଲାଗିଲେ ହତାରେ
ହେବ ନାହିଁ ମୁଣ୍ଡ ବିନ୍ଧା
ବାବୁ........... ।
ବାବୁ, ବାବୁଆଣି , ପିଅନ କିରାଣୀ
ହୋଇଲେ ଧାଡ଼ିର ବନ୍ଧା
ଅତି ଯତନରେ ଚାରା ଟି ଧରିଣ
ମୁଖେ ହସ ମୁଚୁକୁନ୍ଦା
ବାବୁ........... ।
ଧରି ମୋବାଇଲ୍ ଉଠାଇଲେ ଫଟୋ
ହେଲା ଆଗ ପଛ ଧନ୍ଦା
ଚାରା ପେତିବାଠୁ ପାଣି ଦେବା ଯାଏ
ଉଠାଏ ମୁକୁନ୍ଦ ଚନ୍ଦା
ବାବୁ........... ।
ବ୍ୟାନରଟା ଖୋଲି ଯତନେ ରଖିବ
ଆର ବରଷକୁ ବନ୍ଧା
ଫଟୋକୁ ସେୟାର କରିଦିଅ ଏବେ
ଖୋଲ ଟିଫିନ୍ ପୁଡ଼ିଆ ବନ୍ଧା
ବାବୁ............ ।
ସପ୍ତାହ ସରିଲା ମାସେ ହୋଇଗଲା
ନ ପଡ଼େ ଜଳର ବୁନ୍ଦା
ନ ଦିଶଇ ଗଛ କେଉଁଠି ରହିଛି
ହୋଇଛନ୍ତି ଘାସ ଛନ୍ଦା
ବାବୁ ........... ।
ସପ୍ତାହ ପାଳନ କର ସଚେତନ
ଭାବ ନାହିଁ ଇଏ ଧନ୍ଦା
ବୃକ୍ଷହିଁ ଜୀବନ ମନେ ରଖ ଧ୍ୟାନ
ହୁଅନା ଅର୍ଥରେ ବନ୍ଧା
ବାବୁ .......... ।


+ବସୋଇ, ପରଜଙ୍ଗ, ଢେଙ୍କାନାଳ
ମୋ: ୯୭୭୬୪୫୪୮୦୦

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୨୦ ଅଗଷ୍ଟ ୨୦୨୪, ମଙ୍ଗଳବାର

# କବିତାମାଳା

## ପ୍ରେମମୁଗ୍ଧା
### ହରିଶ୍ଚନ୍ଦ୍ର ବେହେରା



ସେ ନଈ ପଠାରେ ବସିଲେ
ଆଖି ଆଗରେ ଚହଲି ଯାଏ
କେତେ କାହାଣୀ
ଜଳ ଦେହରେ କେତେ ଆଂଚୁଡ଼ା ଦାଗ
ଦରିଆରେ ଜୁଆର ଉଠିଲେ କେମିତି
ପ୍ରେମମୁଗଧା ହୋଇଯାଏ ସେ

ରିମଝିମ ସ୍ୱର ତୋଳି ବର୍ଷା ନାଚେ କେବେ
କେବେ
ଏଇ ଶ୍ରାବଣରେ
ଅଙ୍ଗରେ ଭରା ଶିହରଣ
କଦମ୍ବ ରୋମାଂଚ
ପାଗଳ ବତାସ କାନ ପାଖେ
କ'ଣ ସବୁ କହେ
ସେ ଜାଣେ

କିଏ ଜଣେ ବଂଶୀ ବଜାଉଛି କି କେଉଁଠି
ନା ଝାଉଁ ବଣରୁ ସୁସୁରି ଶୁଭୁଛି !!

ନଈ ଠୁଁ ଚିରନ୍ତନ ପ୍ରେମିକା କିଏ ଅଛି
ଦିନ ରାତି ଧାଉଁ ଥାଏ ମିଳନ ପିୟାସୀ
ଆହ୍ଲାଦ ରେ କୋଳେଇ ନିଏ ସମୁଦ୍ର
ଅସରନ୍ତି ଲୋଡିବାପଣ ଚହଟୁ ଥାଏ
ମୋଟେ ସରେ ନାହିଁ


କେବେ ବିପ୍ରଲବ୍ଧା । ତ କେବେ ବାସକ ସଜ୍ଜା
କେବେ କଳହନ୍ତରିତା ତ କେବେ
ଅଭିସାରିକା
କେବେ ପ୍ରୋଷିତଭତୃକା ସାଜି
ଜୁଆରକୁ ଟାଣି ଆଣେ
ଛାତି ଉପରକୁ ମୋହିନୀ ମାୟାରେ

କେତେ ଭଙ୍ଗାରୁଜା ଜାହାଜର ଡେକ୍
ପଡ଼ିଛି ପଠାରେ ସ୍ମୃତି ହୋଇ
ନଈ ଦେଖି ହସିଦିଏ
ଝୁରେ ନାହିଁ ଅତୀତ କୁ
ସେତ ଆଡ଼ ପାଗଳୀ ଝିଅଟିଏ

ତା' ମଥାରୁ କେବେ ଲିଭିବ ନାହିଁ ସିନ୍ଦୂର
ଭାଙ୍ଗିବ ନାହିଁ ହାତରୁ ଶଙ୍ଖା
ଏମିତି ପ୍ରେମ ମୁଗ୍ଧା ହୋଇ
ବହୁଥିବ ଚିରକାଳ
ଋତୁ ପରେ ଋତୁର ଚୌକାଠ ଡେଇଁ ।।

❤ କଲ୍ୟାଣ ନଗର, ବାଲେଶ୍ୱର -୧
ମୋ-୯୪୩୭୮୧୩୭୦୮

## ଗଣ ଦୁଷ୍କର୍ମ
### ଶୁଭଶ୍ରୀ ଦାସ



ବିଚିତ୍ର ମାନବିକତା ଶୂନ୍ୟ
ନିଷ୍ଠୁର ଏ ଦୁନିଆ
ଅନେକ ଲୋକଙ୍କର କାମନାର ନିଆଁ
ସଜାଏ କାହା ପାଇଁ ଜୁଇ ନିଆଁ...

ଗଣ ଦୁଷ୍କର୍ମ ତ କୁକର୍ମ
କାହା ଜୀବନ କରିଯାଏ ସେ ନର୍କ
ନିଜର ପୌରୁଷତ୍ୱକୁ ଜାହିର୍ କରି
ଏକାଧିକ କାପୁରୁଷ ମିଶି ନାରୀର କରନ୍ତି
ଚରିତ୍ର ସଂହାର
କେବେ ଛୋଟ କୁନି ଝିଅମାନେ ବି ହୁଅନ୍ତି
ତାର ଶିକାର...

ଇତର ଜନ୍ତୁ ଭଳି ବ୍ୟବହାରରେ
କେବେ ରାଜ ରାସ୍ତାରେ,
କେବେ ଅନୁଷ୍ଠାନରେ
କେବେ ପରିବାରର ସଦସ୍ୟ ଭିତରେ
ନର ରୂପୀ ରାକ୍ଷସ ଜୀବନ୍ତ ସମାଜର
ଭିତରେ....

ଶାରୀରିକ ଭୋକକୁ ମେଣ୍ଟେଇ ପାଆନ୍ତି
ଆତ୍ମତୃପ୍ତି
ନିରିହ ପାଏ ଶାସ୍ତି
ମହମବତୀର ଶୋଭାଯାତ୍ରାରେ
ମିଳିଯାଏ କ୍ଷଣିକ ଆଶ୍ୱସ୍ତି
ଏକାଧିକ ରାକ୍ଷସ ନିରିହ ଶିଶୁକୁ
ଯନ୍ତ୍ରଣାଦାୟକ ଚିର ନିଦ୍ରାରେ ଶୁଏଇ
ଶାନ୍ତିରେ ବୁଲୁଥାନ୍ତି....

ସମାଜର ସମାଲୋଚନାରେ,
ନାରୀଟିଏ ରାତିରେ ବାହାରକୁ
ଯିବା ଠିକ୍ ନୁହେଁ
ପରିବାରରେ ସେ ସୁରକ୍ଷିତ ନୁହେଁ
ଦିନରେ ବି ନର ରାକ୍ଷସ କିଛି କମ୍ ନୁହେଁ
ବାହାଘର ପରେ ବି ମେରିଟାଲ୍ ରେପ୍
ଆମର ନାରୀ ପୂଜନ ପରଂପରାକୁ ହଜାଏ...

କିଏ କହେ ଝିଅଟି ପାଇଁ
ବାର୍ କି କ୍ଲବ୍ ତ ସୁରକ୍ଷିତ ନୁହେଁ
ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚରେ
ଧର୍ମୀୟ ଶୋଭାଯାତ୍ରାରେ ବି
ସେ ସୁରକ୍ଷିତ ନୁହେଁ...

ପୋଷାକ ପରିଧାନକୁ ନେଇ
ପ୍ରଶ୍ନ ଆସେ ଯେବେ
ବୟସ୍କା ମହିଳାଙ୍କ ସହ ଗଣଦୁଷ୍କର୍ମ
କେବେ ନିରିହ ସ୍କୁଲ ପିଲାମାନଙ୍କ ସହ
ସେ ଆମଣିଷମାନଙ୍କର କର୍ମ ଶୁଣି
ଆଖିଭିଜେ....

ନାରୀର କର୍ମ ବା ଜୀବିକାକୁ ନେଇ
ଆଲୋଚନା ହୁଏ
ନାରୀ ସଶକ୍ତିକରଣର ନାରା ଦେଇ ହୁଏ
ତେବେ କହି ଦିଅ ସେ ଡାକ୍ତରାଣୀଙ୍କର
କି ଦୋଷ
ଜୀବନ ରକ୍ଷା କରୁଥିବା ମଣିଷ
ଜୀବନ ବଳି ଦେଇଯାଏ...

ନ୍ୟାୟ ଏଠି ହାରି ଯାଏ
ଅନ୍ୟାୟ ଜିତିଯାଏ
ଟଙ୍କାର ଖେଳରେ ଦୋଷୀ ଖସିଯାଏ
ନ୍ୟାୟର କ୍ଷୀଣ ଆଶାଟିଏ ହଜିଯାଏ
ବାରମ୍ବାର ଆରୋପୀ
ନ୍ୟାୟାଳୟର ଦ୍ୱାରସ୍ଥ ହୁଏ
ମିଡିଆ, ଓକିଲ, ପୋଲିସ୍‌ମାନଙ୍କର
ଡେଢ଼ା ପ୍ରଶ୍ନରେ
କେବେ ସମାଜର ସମାଲୋଚନାରେ
ସେ ଘଟଣାକୁ ମନେପକେଇ ଶବ୍ଦରେ
ସବୁବେଳେ ମରୁଥାଏ...

ସମୟ ସହ ବିବଶତାର
କାହାଣୀଟିଏ ହେଇଯାଏ
ହସ, ଖୁସିର ଦୁନିଆ
ଗୋଟିଏ ମୂହୁର୍ତ୍ତରେ ଉଜୁଡିଯାଏ
ହସ ଲୁହର ରୂପ ନିଏ
ହସୁଥିବା ଝିଅଟି ଜୀବନ୍ତ ଶବ ସାଜି
ଜୀବନରେ ସଂଗ୍ରାମ କରୁଥାଏ
ଅସହ୍ୟ ଯନ୍ତ୍ରଣାକୁ ସହି ସେ ବିଦାୟ ନିଏ
ମା'ଟିଏ ନିଜ ସନ୍ତାନମାନଙ୍କୁ ହରାଏ
କେବେ ସନ୍ତାନମାନେ ମା'ଙ୍କୁ
ନ୍ୟାୟର ଆଶାରଖି ଯୁଝ ପାଉଁଶ ସେ
ହେଇଯାଏ....

ଅପରାଧୀ ମାନଙ୍କୁ କଠୋର ଶାସ୍ତି
ଦେଇ ପାରେ ସେ ପବିତ୍ର ଆତ୍ମାକୁ ସଦ୍‌ଗତି
ସେମାନଙ୍କ ପାଇଁ ବି ପ୍ରଯୁଜ୍ୟ
ଯନ୍ତ୍ରଣା ଦାୟକ ଶାସ୍ତି
ନୈତିକତାର ଶିକ୍ଷା
ଯାହା ପରବର୍ତ୍ତୀ ପୀଢିକୁ ରୋକିଯିବ
କରିବାକୁ ଏମିତି ଜବରଦସ୍ତି...

❤ ବାଲେଶ୍ୱର

## ଧନ୍ୟ ସାହିତ୍ୟର ପ୍ରୀତି
### ପ୍ରତିମା ମେହେର



ମଧୁର ମଞ୍ଜୁଳ ଆହେ କବିବର
ପ୍ରକୃତି'ର ଉପାସକ
କାବ୍ୟ ମହାକାବ୍ୟ ମଧୁମୟ ଭବ୍ୟ
ବାସେ ଶବ୍ଦର ମହକ ।

ପ୍ରଣୟ ବଲ୍ଲରୀ ମଧୁ ଯାଏ ଝରି
ପ୍ରେମରେ ତଲ୍ଲୀନ ମନ
ତପେ ତପସ୍ୱିନୀ ଭାବେ ଇନ୍ଦୁମତୀ
କିଣି ନେଲ ଜନମନ ।

ଦରିଦ୍ର କୁଟୀରେ ସଞ୍ଜ ଦୀପ ତଳେ
ରଚିଲ ଅନନ୍ୟ ସୃଷ୍ଟି
ଅମୂଲ୍ୟ ରତନ ଅଟେ ବିଦ୍ୟା ଧନ
କରିଥିଲ ଭାବ ବୃଷ୍ଟି ।

କବିତାର ଛନ୍ଦେ ପ୍ରକୃତି କୁ ବନ୍ଦେ
ଦେଲ ସତେ ଜୀବନ୍ୟାସ
ଲାଗିଲା ଜୀବନ୍ତ ଫଗୁଣ ବସନ୍ତ
ସୁନ୍ଦର ଶୃଙ୍ଗାର ରସ ।

ସ୍ତୁରେ ନାହିଁ ଭାଷା ବଢୁଥାଏ ତୃଷା
ଅତୁଳନୀୟ ବର୍ଣ୍ଣନା
ସାହିତ୍ୟ ଜଗତେ ଧ୍ରୁବ ତାରା ସତେ
କରୁ ସଦା ଉପାସନା ।

ଆସି ପୂର୍ଣ୍ଣମୀରେ କରିଲ ଉଜ୍ଜ୍ୱଳ
ଧରାଧାମେ ହେଲ ଖ୍ୟାତ
ଗଲ ଅମାବାସ୍ୟେ ଅନ୍ଧାରର ପଥେ
ଯୋଗଜନ୍ମା ନାମେ ଜାତ ।

ବାସୁଥିବ ବାସ ସାହିତ୍ୟର ରସ
ରସାପ୍ଲୁତ ରସମୟ
ମଧୁର ଝରଣ କରିବ ହରଣ
ବିଶ୍ୱଦେଖ ମଧୁମୟ ।

ପ୍ରଣମ୍ୟ ପୁରୁଷ ତୁମ ଗୁଣ ଯଶ
ସୂର୍ଯ୍ୟ ସମ ତବ ଜ୍ୟୋତି
ଆହେ ଗଙ୍ଗାଧର ଜ୍ଞାନର ସାଗର
ଧନ୍ୟ ସାହିତ୍ୟ'ର ପ୍ରୀତି ।

ପାଟଣାଗଡ଼, ଜିଲ୍ଲା.ବଲାଙ୍ଗିର
ମୋ:୮୯୦୮୭୫୫୭୦୫

## ତୁ କ'ଣ ଭାବିଛୁ....
### ସ୍ୱାଗତ ମିଶ୍ର



ତୁ ନାରୀ, ତୁ ସର୍ବସଂହା ବୋଲି
ବିଧାତା ଦେଲା ତତେ ପ୍ରସବର ବେଦନା,
ସ୍ୱାମୀ ବିନା ଜୀବନ ସାରା
ଭୋଗିବାକୁ ପଡ଼େ ତତେ ବୈଧବ୍ୟର
ଯନ୍ତ୍ରଣା,
ତଥାପି ଏ ସମାଜରେ ନାହିଁ ଟିକେ
ତୋ ପାଇଁ ସୁରକ୍ଷିତ ଠିକଣା,
ଦିନକୁ ଦିନ ତୋ ପ୍ରତି ବଢ଼ିବାରେ ଲାଗିଛି
ଶାରୀରିକ ଶୋଷଣ ଓ ଯୌନ ନିର୍ଯାତନା ।

ଏମିତି ଆଉ କେତେଦିନ
ଅନ୍ଧାରରେ ଲୁଚାଇ ରଖିବୁ ନିଜକୁ,
ନିଜ ଠାରୁ ଦୂରେଇ ରଖିବୁ
ଭିନ୍ନ ଏକ ଅଭୋଗ୍ୟ ପୃଥିବୀକୁ,
ନିରବରେ ସହି ଚାଲିଥିବୁ
ତୋ ସହ ଘଟୁଥିବା ଅଘଟଣକୁ,
ଅନ୍ୟାୟ, ଅତ୍ୟାଚାର ଓ ବଳାତ୍କାରକୁ ।

ତୁ କ'ଣ ଭାବିଛୁ
ରାମ ମନ୍ଦିର ପ୍ରତିଷ୍ଠା ହୋଇଗଲେ
ଆଜିର ଏ ସମାଜ ଗାନ୍ଧୀଙ୍କ ସ୍ୱପ୍ନର
ରାମରାଜ୍ୟ ପାଲଟି ଯିବ,
ତୋ ଭାବନାକୁ ଫିଙ୍ଗିଦେ ଅଳିଆଗଦାରେ
ଲୁଚାଇଦେ ଇତିହାସର କଳଙ୍କିତ ପୃଷ୍ଠାରେ
ସ୍ୱଚକ୍ଷୁରେ ଚେଷ୍ଟା କରେ ପରଖିବାକୁ
ଏଠି ସହସ୍ର ରାବଣ ବୁଲୁଥା'ନ୍ତି ନିତି
ତୋ ଚତୁଃପାର୍ଶ୍ୱରେ
ରାମଙ୍କ ଛଦ୍ମ ବେଶରେ ।

ତୁ କ'ଣ ଭାବିଛୁ
ତୋର ଧର୍ଷଣ ଆଉ ସତୀତ୍ୱ ହରଣ ବେଳେ
ଲଜ୍ୟା ନିବାରଣ ପାଇଁ ମହାଭାରତର କୃଷ୍ଣ
ଧାଇଁ ଆସିବେ କି ଘେନି ନୂଆ ଅବତାର,
ଭୁଲିଯା ତୁ ଅତୀତକୁ
ପୁରାଣର ପୁରୁଣା କାହାଣୀକୁ
ବେଦ, ବାଇବେଲ, କୋରାନ ପୋଥି,
ପ୍ରତି ପାଦେ ପାଦେ ତୋର ବିପଦର ଛାଇ
ନିଜ ରକ୍ଷା ପାଇଁ ନିଜେ କରିବୁ ଲଢ଼େଇ
ପାଖେ କେହି ନଥିବେ
ତୋ ସାଥି କି ସାରଥୀ ।

ତୁ କ'ଣ ଭାବିଛୁ
କେହି ଜଣେ ଲେଖିବ କି
ତୋ' ମୃତ୍ୟୁ ରହସ୍ୟକୁ ନେଇ
ପୁଣିଥରେ ମହାଭାରତ ଆଉ ରାମାୟଣ,
ସେମିତି କିଛି ବି ହେବନି
ଟିଭି ଓ ପେପରରେ ଖବର ଛାପି
ଶୋକ କରିବେ ଦିନେ କି ଦୁଇଦିନ,
ଅତିବେଶୀରେ କିଛି ଲୋକ
'ୱି ୱାଣ୍ଟ୍ ଜଷ୍ଟିସ୍' ସ୍ଲୋଗାନ୍ ଦେବେ
ପୋଷ୍ଟର ଓ ବ୍ୟାନର ଧରି ରାଜରାସ୍ତାରେ,
ଆଉ କିଛି ମିଡିଆକୁ ଡାକି
ବାହାରି ପଡ଼ିବେ ମହମବତୀ
ଶୋଭାଯାତ୍ରାରେ ।

ତୁ କ'ଣ ଭାବିଛୁ
ନ୍ୟାୟ ମିଳିଯିବ ତତେ ଏତେ ସହଜରେ,
ବେଳେ ବେଳେ ପ୍ରମାଣପତ୍ର ଅଭାବରେ
ଦୋଷୀ ମଧ୍ୟ ନିର୍ଦୋଷରେ ଖଲାସ ହୁଏ
ଶାସନ ଓ ପ୍ରଶାସନର ମିଳିତ ଉଦ୍ୟମରେ,
ନଚେତ୍ ଦୋଷୀକୁ ଶାସ୍ତି ମିଳେ
ଫାଶୀ ଖୁଣ୍ଟରେ କିମ୍ବା ଏନକାଉଣ୍ଟରରେ ।
ଏତେ ସବୁ ହେଲା ପରେ
ତୁ କ'ଣ ଫେରି ପାଇବୁ
ତୋର ଅମୂଲ୍ୟ ଜୀବନ ?
ତୋର ରୂପ ଯୌବନ ?
ତୋର ମାନ ସମ୍ମାନ ?

ଏମିତି କେତେ ଯୁଗ ପର୍ଯ୍ୟନ୍ତ
ଆଖିର ଲୁହକୁ ଓଠରେ ପିଇ
ମଥାପାତି ସବୁ ସହିଯିବୁ,
ଅବଳା, ଦୁର୍ବଳାର ଖୋଳପାକୁ ଫୋପାଡ଼ି
ପ୍ରଜାପତି ବଦଳରେ ତୁ ମହୁମାଛି ହେବୁ,
ପଦ୍ମାବତୀ ବଦଳରେ ତୁ ଲକ୍ଷ୍ମୀବାଇ
ସାଜିବୁ,
ଘରର ଲକ୍ଷ୍ମୀ ହେବା ବଦଳରେ ତୁ
ଦଶଭୂଜା ଦୁର୍ଗା ଅବତାର ନେବୁ.....

❤ ପଦ୍ମାଦେଇପୁର, ନୟାଗଡ଼
ମୋ: ୯୯୩୮୭୬୧୨୨୪

## ଅଜଣା ଆବେଗ
### ରାଧାରାଣୀ ପାତ୍ର



ମନର ମୂର୍ଚ୍ଛନାରେ ତୁମ ଅଶ୍ରୁବିନ୍ଦୁ ଧାର
ପ୍ରେମର ମାଧୁର୍ଯ୍ୟରେ ପ୍ରାଣ ମୋ ବିହ୍ୱଳ।

ପୂର୍ଣ୍ଣାଙ୍ଗ ଶରୀରେ କଳ୍ପନାର ଭାବଧାରା,
ଭାବନା ସବୁ ଯେ ଥିଲା ମୋ ପାଇଁ ଅଜଣା।

ସମୟର ପ୍ରତି ଗତି ଛଟପଟ କରେ,
ତୁମ କଥା ଭାବୁଥାଏ ସ୍ୱପ୍ନ ଇଲାକାରେ।

ତୁମ କଥା, ହସ ମୋର ଭାବନା ଆକର୍ଷେ,
ପ୍ରତି କ୍ଷଣେ ହୃଦୟ ମୋ
କୌତୂହଳେ ଭରେ।

ଏ କେଉଁ ଅବେଗତା ନ ଥିଲା ତ ଜଣା,
ତୁମ ସ୍ମୃତି ଆଜି ମୋତେ କରେ ବାଟବଣା।

ନିଷ୍କପଟ ସହରରେ ଖୋଜିବୁଲେ ପ୍ରିୟା,
କ୍ଷଣେ ଦେଖା ଦେଇ ପୁଣି ଚାଲିଯାଅ କିଆଁ।

ଆଖି ସାମ୍ନେ ତାର ଛବି ସ୍ପନ୍ଦନ ବଢାଏ,
ପୂର୍ଣ୍ଣାଙ୍ଗ ପ୍ରେୟସୀ ଛବି ପ୍ରଣୟ ଜଗାଏ।

ଅପୂର୍ବ ଭାବନା ରଜ୍ଜୁରେ ଆମେ ଦୁହେଁ
ବନ୍ଧା,
ଶାଶ୍ୱତ ପ୍ରେମର ଅଙ୍ଗେ ପ୍ରେମ ଆମ ସଜା।

❤ କୋଠିଆ,ଦରଡା, ବସ୍ତା, ବାଲେଶ୍ୱର
ପିନ୍-୭୫୬୦୨୨
ମୋ-୯୧୭୮୫୯୪୯୧୬

## ଆଶୀର୍ବାଦ ନାଇଁ
### ଗଜାନନ ମିଶ୍ର

ଆଳୁରେ, ପିଆଜରେ, ଡାଲିରେ
ବନ୍ଧା ପଡିଛି ଆମର ସ୍ୱାଧୀନତା।
କେଁକଟ୍ କଟ୍ ଦିନସାରା ରାତିସାରା,
ଲହରେଇ ଲହରେଇ ଉଡୁଥିବା
ପ୍ରାଥମିକ ବିଦ୍ୟାଳୟରୁ, ସ୍ୱାସ୍ଥ୍ୟ କେନ୍ଦ୍ରରୁ
ଜାତୀୟ ପତାକା ହୋଇଛି ଚୋରୀ।
ପଡୋଶୀ ଦେଶର ସବୁ ରଦ୍ଦି ଗଦ୍ଦାର
ଆସି ଗମାତ୍ କଲେଣି ଏଇଠି।

ଆମେ ଆମର କେବେ ନ ଥିଲୁଁ କି ନୁହଁ,
ଆମେ କାହାରି ହୋଇ ବି ନ ଥିଲୁଁ କି
ନୁହଁ,
ବୁଲେଇ ବଙ୍କେଇ
ଯେତେ ଯାହା କହିଲେ ବି
ଆତ୍ମନିର୍ଭର ନୋହୁଁ କେତେବେଳେ
ଆମେ।

ରକ୍ତରେ ରକ୍ତରେ ତଉଲା ବଢିଚାଲିଛି,
ରଙ୍ଗକୁ ରଙ୍ଗ ଚାଲିଛି ଖେଳା, ଠିଆ
ପାଲା,
ଦରିଦ୍ରତା ଧରି ରଖିଛି ଜୀବନସାରା,
ଅଭାବ, ଘୋର ଅଭାବ ଉପଯୁକ୍ତ ଶିକ୍ଷା।

ସବୁ ବାଡ ସତକୁ ସତ ଫସଲଖିଆ,
ଆମେ ଆମଠି ଭ୍ରମିତ, ଚକିତ, ଅଚେତ।
ନାହିଁ କିଛି ଆମଠି ଜ୍ଞାନ, ମାନ।
ନାହିଁ କିଛି
ରାସ୍ତା ବାହାର କରିବାକୁ
ସମସ୍ୟାର ସମାଧାନ।

ଦାୟ ନାଇଁ କି ରାୟ ନାଇଁ, ଆମେ କିଏ
ଆମେ କଣ, ଆମେ କୋଉଠି କାହାକୁ
ମାଲୁମ ନାଇଁ।

ଆଉ ତ ଆଉ ଆମ ପାଖରେ ଆମର
ଭାଷା ନାଇଁ।
ନାଇଁ, ନାଇଁ, କିଛି ନାଇଁ, ସ୍ୱାଭିମାନ
ଟିକିଏ ନାଇଁ,
ନାଇଁ, ନାଇଁ, ମା, ମାଟିର ଆଶୀର୍ବାଦ
ନାଇଁ।

❤ ତପୋବନ,
ଟିଟିଲାଗଡ - ୭୬୭୦୩୩

## ସୂର୍ଯ୍ୟ ରଶ୍ମିର ପ୍ରତିଫଳନରେ...
### ପ୍ରଶ୍ନ କୁମାର ଶତପଥୀ



ଚମତ୍କାର ଅନୁଭବ ହୁଏ,
ଅତି ସୁନ୍ଦର ମନେହୁଏ,
ଯେଉଁଥି ପାଇଁ ହୃଦୟଭାବ
ରଙ୍ଗମୟ ହୋଇଯାଏ...
ଯେତେବେଳେ ଲାଲ ସୂର୍ଯ୍ୟ
ମେଘ ଆବରଣରୁ ଧୀରେ ଧୀରେ
ବାହାରିଯାଉଥାନ୍ତି ପର୍ବତ ମଥାପାଖକୁ,
ଠିକ୍ ସେଇ ସମୟରେ,
ଆକାଶର ମେଘସବୁ ପହଁରି ପହଁରି
ସୂର୍ଯ୍ୟ ରଶ୍ମିର ବିଭିନ୍ନ ରଙ୍ଗରେ
ପରିମାର୍ଜିତ ହେଉଥାନ୍ତି...
ସୂର୍ଯ୍ୟ ରଶ୍ମି ମାଟିକୁ ସ୍ପର୍ଶ କରନ୍ତି ଖୁବ୍
ପ୍ରୀତିରେ...
ରଙ୍ଗିନ୍ ମେଘରେ,ସୂର୍ଯ୍ୟ ରଶ୍ମିରେ
ସବୁଜ ଦୁନିଆ ଅତିଶୟ ରଙ୍ଗରେ
ପ୍ରତିଫଳିତ ହେଉଥାଏ,
ଯାହା ମୋ ଦୁନିଆ ରଙ୍ଗମୟ ହୋଇଯାଏ...
ଯେତେବେଳେ ସୂର୍ଯ୍ୟ
ପର୍ବତ ସେପାଖରେ ସମ୍ପୂର୍ଣ୍ଣ ଲୁଚିଯାଏ,
ସେତେବେଳେ
ପ୍ରେମର ସନ୍ଧ୍ୟା ମୋ ଦୁନିଆରେ
ବିସ୍ତାରିତ ହେଉଥାଏ ଆଉ
ପଶ୍ଚିମ ଆକାଶ ହସୁଥାଏ
ଅପୂର୍ବ ଅଦୃଶ ସୂର୍ଯ୍ୟ ରଶ୍ମିର
ପ୍ରତିଫଳନରେ,
ମୋ ମନସାରା
ଶବ୍ଦସବୁ ରଙ୍ଗିନ ଭାବରେ
ବିସ୍ତାରିତ ହେଉଥାଏ
ଠିକ୍ ସୂର୍ଯ୍ୟାସ୍ତ ଶେଷରେ...

❤ ଦୁମାଡ଼ିହି,ଜାମଦା,ମୟୂରଭଞ୍ଜ
ମୋ-୮୯୧୭୬୨୪୯୫୮

## ଅତୃପ୍ତ
### ଲକ୍ଷ୍ମୀପ୍ରିୟା ସାହୁ(ମାଇତି)



ଋତୁ ବଦଳେ ଭିନ୍ନ ଭିନ୍ନ ତରିକାରେ
ଗ୍ରୀଷ୍ମରୁ ବର୍ଷା... ବର୍ଷାରୁ ଶରତ
ଶରତରୁ ହେମନ୍ତ...ହେମରୁ ଶୀତ...
ଶୀତ ରୁ ବସନ୍ତ।

ମଣିଷ ବି ବଦଳେନା...
ବୋଧେ ହେଇଥିବ ମୋ ପରି
ମୁଁ ଯେମିତି...
ଚାତକ ସାଜୁନି...
ଟୋପାଏ ସଜ ଜଳ ପାଇଁ
ଆକାଶର ଗୋଟାଏ ଚୁମ୍ବନର
ଢ଼ୋକାଏ ଓଦା ଓଠକୁ।

ଚାହୁଁନି ବାଟ...
ବାଟବଣା ହୋଇ ଆସିବକି କେହି ଅଫେରା
ବାଟୋଇ
ହାତରେ ମୌଳିକ ମଶାଲ ଧରି
ମୋ ତମ୍ବୁ ଅନ୍ତରସ୍ଥ
ଘୋର ଅନ୍ଧକାରକୁ ଦୂରୀଭୂତ କରିବାକୁ।

ମାଗୁନି ସମୟ...
ସୂର୍ଯ୍ୟ ଆଉ ଚନ୍ଦ୍ରକୁ
ଦେବ କି ଘଡିଏ ଅଧିଏ ବକ୍ତ
ବାକିତକ ସମ୍ପର୍କ ର ଅଡୁଆ ସୂତାକୁ
ତନଖି ତନଖି ସଜାଡିବାକୁ।

ମୁଁ ଆଉ ଯାଉନି...
ସ୍ମୃତି ସାଉଁଟା ପାହାଡ଼ ଝରଣା
ନଈପଠା... ସାଗରର ବିସ୍ତିର୍ଣ୍ଣ ବେଳା ଭୂଇଁ
ପାଦଦେଶକୁ।

ମୁଁ ଆଉ ନେଉନି...
କାହାଠୁଁ ପ୍ରଶଂସା, ପ୍ରତ୍ୟାଶା
ସମ୍ପର୍କ, ଭାବ ଦିଆନିଆର
ଗଭୀର ଆଦାନ ପ୍ରଦାନକୁ।

ଯେମିତି ନିଶ୍ଚିନ୍ତ...
ତେଲ ଲୁଣର ହିସାବ କିତାବର
ମୁଁ ଏକ ବଡ଼ ସୌଦାଗର
ଏଠି ସ୍ୱପ୍ନ ନାହିଁ, ନାହିଁ ମରୀଚିକା
ସତ କେବଳ ସତ
କାନ୍ଥର ଛାତିରେ ସତଶଆ
ଲାଙ୍ଗୁଡ଼ ପିଟିଲା... ହଁ ସତ !ସତ ! ସତ !
ସତରେ ମୁଁ ବି ଋତୁ ପରି ବଦଳି ଯାଇଛି
ବଦଳି ଯାଇଛି ।

❤ ସମ୍ପାଦିକା - ଅନ୍ତରୀକ୍ଷ ସାହିତ୍ୟ ପତ୍ରିକା
ମୋ- ୯୪୩୯୫୩୭୫୯୨

# ୟୁରିଆ ହେରଫେର୍ ଘଟଣାକୁ ନେଇ ଯାଂଚ୍

ଜୟପୁର,୧୯/୦୮ (ନି.ପ୍ର): କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକର ୨ ଗୋଟି ରିଟେଲରଙ୍କ ନିକଟକୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏକ ୮ ଜଣିଆ କମିଟି ପହଂଚି ଥିଲେ । ଉକ୍ତ କମିଟିରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ସହ ଜିଲ୍ଲା କୃଷି ଅଧିକାରୀ - ଲୋଚନ ମାଝୀ, ବ୍ଲକ କୃଷି ଅଧିକାରୀ-ତାପସ ଚନ୍ଦ୍ର ରୟ, ଅତିରିକ୍ତ ମାଜିଷ୍ଟ୍ରେଟ /ଡେପୁଟି ଜିଲ୍ଲାପାଳ-ବାବୁଲାଲ ସାମଲ, କ୍ୱାଲିଟି ଇନ୍ସପେକ୍ଟର -ଅଇନ ବିଷୋୟୀ, ଜୟପୁର ସଦର ଥାନା ୧୧୨ ପାଟ୍ରୋଲିଙ୍ଗ ଦାୟିତ୍ୱଧିକାରୀ - ଏସ ଆଇ - ସୁଲୋଚନା ପ୍ରାଧାନ ଓ ଟିମ୍ ପ୍ରଥମେ ଭେଜାହାଣ୍ଡି ରିଟେଲରଙ୍କ ଅଫିସ ରେ ପହଂଚି ଥିଲେ । ଥଣ୍ଡା ପାନୀୟ ସହ ଜଳଖିଆ ପାନ କରି ପ୍ରାୟ ଏକ ଘଂଟାରୁ ଊର୍ଦ୍ଧ୍ୱ ସମୟ ଅନେକ କିଛି ଆଲୋଚନା କରିଥିଲେ ଏବଂ ରିଟେଲରଙ୍କ ସହ ଫୋଟୋ ଉତୋଳନ କରି ଖୁସୀରେ ଖୁସୀରେ ପୁଣି ଲିମା ଏବଂ ଅନ୍ୟ ଏକ ରିଟେଲରଙ୍କ ନିକଟକୁ ଯାଇଥିଲେ । ଲିମାରେ ମଧ ଔପଚାରିକତା ପୂରଣ କରି ଖୁସୀରେ ଫେରିଥିଲେ । ଏହି ଯାଂଚ୍ କୁ କେବଳ ଏକ ରୁଟିନ ଯାଂଚ୍ ବୋଲି କହିଥିଲେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ମହାନ୍ତି। ଏହି ଯାଂଚ୍ କୁ ନେଇ ବୁଦ୍ଧିଜୀବୀ ଓ କୃଷକ ନେତା ମାନଙ୍କ ମଧରେ ଏକ ପ୍ରକାର ସନ୍ଦେହ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। କେବଳ କାଗଜ କଲମରେ ସବୁ ଠିକ ଦର୍ଶାଇବା ପାଇଁ ଏହି ଯାଂଚ୍ କରାଯାଉଛି ବୋଲି ସାଧାରଣ ମହଲରେ ଚର୍ଚ୍ଚା ଜୋର୍ ଧରିଛି। କୋରାପୁଟ ଜିଲ୍ଲାରେ ହଜାର ହଜାର ବସ୍ତା ୟୁରିଆ ସାର ଜାଲିଆତି ହୋଇଛି, ଯିଏ ପ୍ରକୃତ ଚାଷୀ ସେ ୟୁରିଆ ପାଇପାରୁ ନାହିଁ ବୋଲି ସାଧାରଣ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ରିଟେଲର ହେଉ ବ୍ୟବସାୟୀ ଯାହା ପାଖରେ ବି ୟୁରିଆ ଅଛି ସେ ସରକାରୀ ଦର ଠାରୁ ଅଧିକା ଦରରେ ସାର ବିକ୍ରି କରୁଥିବା ଚାଷୀ ମାନେ କହିଛନ୍ତି। ଆମ ପଡୋଶୀ ଜିଲ୍ଲାକୁ କଳାବଜାରୀ ମାନେ ୟୁରିଆ ପଠାଉଥିବା ମଧ ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ଚାଷୀ। ଗତ ବର୍ଷ ମଧ ୟୁରିଆ ନ ମିଳିବା ହେତୁ ଚାଷୀ ୟୁରିଆ ପାଇଁ ହନ୍ତସନ୍ତ ହେବାକୁ ପଡ଼ିଥିଲା। କୁନ୍ଦୁରା ଲ୍ୟାମ୍ପ୍ ଗତ ବର୍ଷ ଜଣକୁ ମଧ ୟୁରିଆ ଦେଇ ନ ଥିବା ଅଭିଯୋଗ କରିଛନ୍ତି ଚାଷୀ। ଚଳିତ ବର୍ଷ ମଧ ଆଜି ପର୍ଯ୍ୟନ୍ତ କୁନ୍ଦୁରା ଲ୍ୟାମ୍ପସ ଦ୍ୱାରା ୟୁରିଆ ଯୋଗାଇବା ଅସମ୍ଭବ ବୋଲି ଚାଷି ମାନେ ଅସନ୍ତୁଷ୍ଟ ହୋଇ ମତବ୍ୟକ୍ତ କରିଛନ୍ତି। ବର୍ତମାନ କୁନ୍ଦୁରା ବ୍ଲକରେ ମୋଟ ୩୧ ଜଣ ପଞ୍ଜିକୃତ ଡିଲର ରହିଛନ୍ତି ସେମାନଙ୍କ ମଧ୍ୟରୁ ୨୯ ଜଣ ଡିଲର ଫୋଟିଲେଇଜର ବିକ୍ରି ପାଇଁ ପଞ୍ଜିକରଣ କରିଛନ୍ତି । ସେଥି ମଧ୍ୟରୁ କିଛି ଡିଲର କାର୍ଯ୍ୟ କରୁଥିବା ବେଳେ କିଛି ସୁପ୍ତ ଅବସ୍ଥାରେ ରହିଛନ୍ତି । ବିଡମ୍ବନାର ବିଷୟ ଏହା ଯେ ଯେଉଁ ରିଟେଲର ଏବଂ ଡିଲର ମାନେ ହୋଲ୍ ସେଲ୍ ଠାରୁ ଫର୍ଟିଲାଇଜର ଆଣୁଥିବା ବେଳେ ଏହି ରିପୋର୍ଟ ବ୍ଲକ କୃଷି ଅଧିକାରୀଙ୍କ ନିକଟକୁ ପହଂଚି ପାରୁନାହିଁ । ଯଦ୍ୱାରା ବ୍ଲକ କୃଷି ଅଧିକାରୀ ଫର୍ଟିଲାଇଜର ବଂଟନ ବିଷୟରେ ଜାଣିବାରେ ଅସୁବିଧା ହେଉଥିବା ସୂଚନା ରହିଛି । ଡିଲର ମାନେ ଯେଉଁ ସବୁ ଚାଷୀଙ୍କୁ ୟୁରିଆ ବିକ୍ରି କରିଛନ୍ତି, ସେମାନେ କେତେ ପରିମାଣର ୟୁରିଆ ନେଇଛନ୍ତି, କେତେ ଏକର ଚାଷ କରିଛନ୍ତି, ଏକର ଜମିରେ କେତେ ୟୁରିଆ ଲାଗିବ ଆଉ ସେହି ଚାଷୀକୁ କେତେ ୟୁରିଆ ଦିଆଯାଇଛି, ଯଦି କୌଣସି ଭାଗ ଚାଷୀ ୟୁରିଆ ନେଇଛି ତେବେ ସେ ଯାହାର ଜମି ଭାଗ ଚାଷ କରିଛି ସେହି ଜମି ମାଲିକ ପୁଣି କେତେ ବସ୍ତା ୟୁରିଆ ନେଇଛି, ଅଣଚାଷି ୟୁରିଆ କ୍ରେତା ଅଛନ୍ତି କି ନାହିଁ ଏସବୁ ଯାଂଚ୍ କରାଯାଉ ନ ଥିବାରୁ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହାର ସୂଚନା କୃଷି ବିଭାଗର ଯୁଗ୍ମ ନିର୍ଦ୍ଦେଶକଙ୍କ ନିକଟକୁ ପହଂଚିବା ପରେ କୃଷି ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଚିଠି କରିଥିଲେ । ପ୍ରତିଷ୍ଠାନ ପରିଦର୍ଶନ ଏବଂ ଗୋଦାମ ଷ୍ଟୋକ ଯାଂଚ୍ କରିବା ପାଇଁ ନିର୍ଦ୍ଦେଶ ହୋଇଥିଲା, କିନ୍ତୁ ଆଜି କେବଳ ପ୍ରତିଷ୍ଠାନ ପରିଦର୍ଶନ ଓ ଜଳ ପାନରେ କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିବା ଦେଖିବାକୁ ମିଳିଛି । ଏମିତିରେ କ'ଣ ସବୁ ଏହି ଟିମ୍ ଯାଂଚ୍ କରିଛନ୍ତି ତାହା ଅନୁମାନରେ ଜଣାପଡିଯାଉଛି ବୋଲି ସ୍ଥାନୀୟ ଚାଷୀ କହିଛନ୍ତି। ନୂତନ ସରକାର ଗଠନ ହୋଇଛି, ନୂଆ ନିୟମ ଲାଗୁ ହୋଇଛି, ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ଡିଣ୍ଡିମ ପିଟୁଥିବା ବେଳେ ଗତ ସରକାରରେ ଯାହା ହେଉଥିଲା ବର୍ତମାନ ମଧ ସେହିଭଳି ଚାଲିଛି। ଲୋକଙ୍କ ଭିତରେ ଅସନ୍ତୋଷ ବଢ଼ିବାରେ ଲାଗିଲାଣି। ଚାଷୀଙ୍କ ସମସ୍ୟା ଯେମିତି କି ସେମିତି ରହିଛି କିଛି ବି ବଦଳିନାହିଁ ବୋଲି ଚାଷୀ ମାନେ ଅଭିଯୋଗ କରିବା ସହିତ ଚାଷୀ ନେତା ମାନେ ଏନେଇ କ୍ଷୋଭ ପ୍ରକାଶ କରିଛନ୍ତି।

# ଅଗଷ୍ଟ ୨୨ ତାରିଖରେ ଇଡି ଅଫିସ ଘେରାଉ କରିବ କଂଗ୍ରେସ

ଭୁବନେଶ୍ୱର ,୧୯/୦୮ (ନି.ପ୍ର): ଅଖିଳ ଭାରତ କଂଗ୍ରେସ କମିଟି ଆହ୍ୱାନକ୍ରମେ ଦେଶବ୍ୟାପି ଇଡି ଅଫିସ (ପ୍ରବର୍ତନ ନିର୍ଦ୍ଦେଶାଳୟ) ସମ୍ମୁଖରେ ଆସନ୍ତା ତା. ୨୨.୮.୨୦୨୪ ରିଖ ଗୁରୁବାର ବିକ୍ଷୋଭ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଅଗଷ୍ଟ ୨୨ ତାରିଖ ଦିନ ଭୁବନେଶ୍ୱର ନୟାପଲ୍ଲି ସ୍ଥିତ ଇଡି ଅଫିସ (ପ୍ରବର୍ତନ ନିର୍ଦ୍ଦେଶାଳୟ) ସମ୍ମୁଖରେ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ଆଜି ଭୁବନେଶ୍ୱର କଂଗ୍ରେସ ଭବନ ଠାରେ ଏହି କାର୍ଯ୍ୟକ୍ରମର ସଂଯୋଜକ ଭାବେ ନିଯୁକ୍ତି ପାଇଥିବା ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଇଂ ମହମ୍ମଦ ମୋକିମଙ୍କ ଅଧକ୍ଷତାରେ ସମସ୍ତ ଜିଲ୍ଲା କଂଗ୍ରେସ କମିଟି ସଭାପତି ଓ ପିସିସିର ସମସ୍ତ ଛାମୁଆ ସଂଗଠନ ଏବଂ ଅନ୍ୟାନ ସାମ୍ମୁଖ୍ୟ ପୂର୍ବତନ କର୍ମକର୍ତା ମାନଙ୍କର ପୃଥକ ପୃଥକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଶ୍ରୀ ମୋକିମ କହିଥିଲେ ଯେ ଦେଶରେ ଗଣତନ୍ତ୍ର ଓ ସମ୍ବିଧାନକୁ ବଂଚାଇବାପାଇଁ ଆମର ନେତା ରାହୁଲ ଗାନ୍ଧୀ ଯେଉଁପରି ଭାବେ ଲଢ଼େଇ ଜାରି ରଖିଛନ୍ତି ସେହି ଲଢ଼େଇକୁ ତ୍ୱରାନ୍ୱିତ କରିବାପାଇଁ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରୁ ନେତୃବୃନ୍ଦ, କର୍ମକର୍ତା ଓ କର୍ମୀମାନେ ବିପୁଳ ସଂଖ୍ୟାରେ ଏହି କାର୍ଯ୍ୟକ୍ରମରେ ଯୋଗଦେଲେ ଏହି ଲଢ଼େଇ ସଫଳ ହୋଇପାରିବ। ଏଥିପାଇଁ ସମସ୍ତ ବରିଷ୍ଠ ନେତା, ଜିଲ୍ଲା ସଭାପତି ଓ ଅନ୍ୟାନ୍ୟ ସମସ୍ତ ଛାମୁଆ ସଂଗଠନର ସଦସ୍ୟ ମାନଙ୍କ ସହ ଆଲୋଚନା କରି ସେମାନଙ୍କର ମତାମତ ନେଇ ସଫଳ କରିବାକୁ ଶ୍ରୀ ମୋକିମ ଆହ୍ୱାନ ଦେଇଥିଲେ। ଏଥିପାଇଁ ପିସିସି ଷ୍ଟିୟରିଂ କମିଟିର ସଦସ୍ୟ ବୃନ୍ଦ/ ସମସ୍ତ ପୂର୍ବତନ ପିସିସି ସଭାପତି ଓ କର୍ମକର୍ତା / ବିଧାୟକ ଦଳ ନେତା ଓ ପୂର୍ବତନ ବିଧାୟକ ଦଳ ନେତା / ସାଂସଦ ଓ ବିଧାୟକ/ ପୂର୍ବତନ ସାଂସଦ ଓ ପୂର୍ବତନ ବିଧାୟକ/ ଜିଲ୍ଲା କଂଗ୍ରେସ ସଭାପତି /ରାଜ୍ୟ ସାମ୍ମୁଖ୍ୟ, ବିଭାଗ ଓ ପ୍ରକୋଷ୍ଠର ପୂର୍ବତନ କର୍ମକର୍ତା / ରାଜ୍ୟ ଛାତ୍ର କଂଗ୍ରେସ ସଭାପତି/ ବ୍ଲକ ଓ ନଗର କଂଗ୍ରେସ ପୂର୍ବତନ ସଭାପତି/ ଗତ ଲୋକସଭା ଓ ବିଧାନସଭା ନିର୍ବାଚନର ପ୍ରାର୍ଥୀମାନଙ୍କୁ ପତ୍ର ମାଧମରେ ଅନୁରୋଧ କରାଯାଇଛି। କୌଣସି କାରଣବଶତଃ କେହି ଯଦି ଉକ୍ତ ପତ୍ର ପାଇ ନଥାନ୍ତି ତେବେ ଏହାକୁ ନିମନ୍ତ୍ରଣ ମନେକରି ୨୨ ତାରିଖ ବିକ୍ଷୋଭ କାର୍ଯ୍ୟକ୍ରମରେ ଯୋଗଦେବାକୁ ଶ୍ରୀ ମୋକିମ ଅନୁରୋଧ କରିଥିଲେ। ଉଦବୋଧନ ଦେଇ ଷ୍ଟିଅରିଂ କମିଟିର ଅନ୍ୟତମ ସଦସ୍ୟ ଶ୍ରୀ ଜୟଦେବ ଜେନା, ବିଧାୟକ ଦଳର ଉପନେତା ଅଶୋକ ଦାସ, ଶ୍ରୀ ଅନନ୍ତ ପ୍ରସାଦ ସେଠୀ, ଡ. ବିଶ୍ୱରଞ୍ଜନ ମହାନ୍ତି, ଉପସ୍ଥିତ ଥିବା ସମସ୍ତ ଜିଲ୍ଲା ସଭାପତି ଓ ଅନ୍ୟାନ୍ୟ ବରିଷ୍ଠ ନେତୃବୃନ୍ଦ ମାନେ ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ।

# ସରକାରୀ କଲେଜ ଅବସରପ୍ରାପ୍ତ ଶିକ୍ଷକ ସଂଘର ବୃଦ୍ଧାଶ୍ରମକୁ ସାମଗ୍ରୀ ଯୋଗାଣ

କଟକ,୧୯/୦୮ (ନି.ପ୍ର): ଓଡ଼ିଶା ସରକାରୀ କଲେଜ ଅବସରପ୍ରାପ୍ତ ଶିକ୍ଷକ ସଂଘ ରାଜ୍ୟବ୍ୟାପୀ ବିଭିନ୍ନ ସେବାମୂଳକ ଓ ଜନହିତକର କାର୍ଯ୍ୟ ହାତକୁ ନେଇଆସୁଛି । ସେହି ଅନୁସାରେ, ସ୍ୱାଧୀନତା ଦିବସ ଅବସରରେ ସଂଘର କାର୍ଯ୍ୟକର୍ତାମାନେ ନରାଜ ଓ ସୁବୁଦ୍ଧିପୁରସ୍ଥିତ ବୃଦ୍ଧାଶ୍ରମକୁ ଯାଇ ଅନ୍ତେବାସୀମାନଙ୍କ ପାଇଁ ଏକମାସର ଖାଦ୍ୟସାମଗ୍ରୀ ଓ ଅନ୍ୟାନ୍ୟ ଉପକରଣ ପ୍ରଦାନ କରିଥିଲେ। ତା'ଛଡ଼ା ସେମାନେ ଅନ୍ତେବାସୀମାନଙ୍କ ସହ ବେଶ୍ ସମୟ ବିତାଇ ସେମାନଙ୍କର ଭଲମନ୍ଦ ପଚାରି ବୁଝିଥିଲେ। ସଂଘର ସଭାପତି ଡକ୍ଟର ମିହିର ଦାସ, ଉପସଭାପତି ଡକ୍ଟର ନାରାୟଣ ମହାନ୍ତି, ସମ୍ପାଦକ ଡକ୍ଟର କୈଳାସ ଚନ୍ଦ୍ର ଦାଶ, ଉପଦେଷ୍ଟା ପ୍ରଫେସର କାଂଚନବାଳା ପଟ୍ଟନାୟକଙ୍କ ସମେତ ସଂଘର ବରିଷ୍ଠ ସଦସ୍ୟମାନେ ବୃଦ୍ଧାଶ୍ରମ ପରିଦର୍ଶନ କରିଥିଲେ। ବୃଦ୍ଧବୃଦ୍ଧାମାନଙ୍କ ମୁହଁରେ ହସଫୁଟାଇ ଫେରିବା ଏକ ନିଆରା ଅନୁଭୂତି ଥିଲା ବୋଲି ସଭାପତି ଡକ୍ଟର ଦାସ କହିଛନ୍ତି।

# ରାଷ୍ଟ୍ରବାଦୀ ନାଗରିକ ମଂଚ ପକ୍ଷରୁ ବିଶାଳ ତ୍ରିରଙ୍ଗା ଶୋଭା ଯାତ୍ରା

ପଟ୍ଟାମୁଣ୍ଡାଇ ,୧୯/୦୮ (ନି.ପ୍ର): ବର୍ଷରେ ଏକତା ଓ ଅଖଣ୍ଡତା ବଜାଇ ରଖିବା ସହିତ ପୁନଷ୍ଟ ସ୍ୱାଧୀନତା ଦିବସକୁ ସ୍ମରଣ କରିବା ପାଇଁ ରାଷ୍ଟ୍ରବାଦୀ ନାଗରିକ ମଂଚ ପକ୍ଷରୁ ଏକ ବିଶାଳ ତ୍ରିରଙ୍ଗା ଶୋଭା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରୁ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ୫ କିମି ବ୍ୟାପୀ ପଟ୍ଟାମୁଣ୍ଡାଇ ସହରକୁ ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାରେ ଏକ ବିଶାଳ ତ୍ରିରଙ୍ଗା ପତକାକୁ ସାମିଲ କାରାଯାଇଥିଲା। ରାଷ୍ଟ୍ରବାଦୀ ନାଗରିକ ମଂଚ ପକ୍ଷରୁ ଆଡଭୋକେଟ ସଞ୍ଜୟ ସାହୁ, ଗୋକୁଳ ଚନ୍ଦ୍ର ଦାଶ, ଆଡଭୋକେଟ ତପନ ମିଶ୍ର, ଭବାନୀ ଶଙ୍କର ପଣ୍ଡା, ଉପେନ୍ଦ୍ର ନାୟକ, ରାଜେନ୍ଦ୍ର ଗିରି, ରାଧାମୋହନ ଦାଶ, ପ୍ରତିଭା ତ୍ରିପାଠୀ ପ୍ରମୁଖଙ୍କ ନେତୃତ୍ୱରେ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରାରେ ବଳରାମ ମଲିକ, ସନ୍ତୋଷ ସ୍ୱାଇଁ, ରଞ୍ଜନ ଦାସ, ଦୀପକ ସାହୁ, ଶୁଭ୍ରାଂଶୁ ଜେନା, ପୀତାମ୍ବର କର, ଅଭିରାମ ସାମଲ, ରାକେଶ ରୋଷନ ସାହୁ, ମୃତ୍ୟୁଞ୍ଜୟ ପଣ୍ଡା, ସମରେଶ ସାହୁ, ଶୁଭକାନ୍ତ ପଣ୍ଡା, ଶ୍ରୀ ଧର ପ୍ରଧାନ, ଦୀପକ ମଲିକ, କିଶୋର ସାହୁ, କ୍ଷୀରୋଦ ରାଉତ ପ୍ରମୁଖ ରାଷ୍ଟ୍ରବାଦୀ ନାଗରିକ ମଂଚର ଶତାଧିକ ସଦସ୍ୟଙ୍କ ସମେତ ଏକ ହଜାରରୁ ଊର୍ଦ୍ଧ୍ୱ ବରିଷ୍ଠ ଓ ବୟଜ୍ୟେଷ୍ଠ ନାଗରିକ, ବିଦ୍ୟାଳୟ ଛାତ୍ର ଛାତ୍ରୀମାନେ ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରା ସରସ୍ୱତୀ ଶିଶୁ ମନ୍ଦିରରୁ ବାହାରି ସହର ପରିକ୍ରମା କରିବା ପରେ ପୁନରାୟ ଶିଶୁ ମନ୍ଦିର ପ୍ରାଙ୍ଗଣରେ ପହଁଚିଥିଲା।

# ବାବା ବର୍ଫାନି କାୱଡ଼ିଆ ସେବା ମଣ୍ଡଳ ପକ୍ଷରୁ ବୋଲବମ୍ ଭକ୍ତଙ୍କୁ ଭଣ୍ଡାରା ସେବା

ବଲାଙ୍ଗିର,୧୯/୦୮ (ନି.ପ୍ର): ପବିତ୍ର ଶ୍ରାବଣରେ ଗତ ଦୁଇଦିନ ଧରି ଆହୋରାତ୍ର ବଲାଙ୍ଗିର ସଦର ବ୍ଲକ ସ୍ଥିତ ବାରପୁଡୁଗିଆ ଠାରେ ବଲାଙ୍ଗିର ବାବା ବର୍ଫାନି କାୱଡ଼ିଆ ସେବା ମଣ୍ଡଳ ପକ୍ଷରୁ ଭଣ୍ଡାରା ଆୟୋଜନ କରାଯାଇଛି । ଗତ ୧୫ ବର୍ଷ ହେଲା ଏହି ଅନୁଷ୍ଠାନର ମୂଖ୍ୟ ନରେନ୍ଦ୍ର କୁମାର ସାହୁଙ୍କ ଦ୍ୱାରା ନିରବଛିନ ଭାବେ ଏହି ଅନୁଷ୍ଠାନ ସେବା ଯୋଗାଇ ଆସୁଛି । ଶୈବପିଠ ହରିଶଙ୍କର ଝରଣାରୁ କାୱଡ଼ିଆମାନେ ପାଣି ଆଣି ବଲାଙ୍ଗିର, ସୋନପୁର, ବୌଦ୍ଧ ଏପରିକି ଗଂଜାମ, ଭୁବନେଶ୍ୱରକୁ ନେଇ ମହାଦେବଙ୍କୁ ଜଳାଭିଶେକ କରିଥାନ୍ତି । ଶନିବାର ସକାଳୁ କର୍ତା ରୁପେ ମୁକେଶ ପଟେଲ ଓ ହୀନା ପଟେଲଙ୍କ ଦ୍ୱାରା ବାବା ବର୍ଫାନିଙ୍କ ପୂଜା କରାଯାଇଥିଲା । ପୂଜା ପରେ ଭଣ୍ଡାରା ଆରମ୍ଭ ହୋଇଥିଲା । ରାସ୍ତାରେ ଗଲା ସମୟରେ କାୱଡ଼ିଆ ଭକ୍ତମାନେ ହଜାର ହଜାର ସଂଖ୍ୟାରେ ବାବା ବର୍ଫାନି କୱଡ଼ିଆ ସେବା ମଣ୍ଡଳର ଆୟୋଜିତ ଭଣ୍ଡାରାର ସେବା ନେବା ସହ ବଲାଙ୍ଗିର ସହରର ବିଭିନ୍ନ ବର୍ଗର ଲୋକେ ଏବଂ ଆଖପାଖ ଗ୍ରାମର ଲୋକେ ମଧ ଆସି ଏହି ଭଣ୍ଡାରର ଯୋଗଦେଇଥାନ୍ତି । ଏହି ଠାରେ ବିଭିନ୍ନ ପ୍ରକାର ଖାଦ୍ୟ, ମିଠା, ଚା, ବିସ୍କୁଟ ପରସା ଯିବା ସହ କାୱଡ଼ିଆମାନଙ୍କ ସୋଇବା ଏବଂ ତାଙ୍କ ଶାରିରିକ କ୍ଲାନ୍ତି ମେଂଟାଇବା ପାଇଁ ଅନୁଷ୍ଠାନ ପକ୍ଷରୁ ଗରମ ପାଣି ଏବଂ ବିଭିନ୍ନ ପ୍ରକାର ତୌଳରେ ତାଙ୍କର ଗୋଡ ମାଲିସ ମଧ କରାଯାଏ । ବଲାଙ୍ଗିର ସହରର ଏକ ମେଡିକାଲ ଟିମ୍ ମଧ ଦୁଇଦିନ ଧରି ୨୪ ଘଂଟା ସେବା ଯୋଗଇ ଦେଇଥାନ୍ତି । ଦୁଇଦିନ ଧରି ସଂଧ୍ୟାରେ ବଲାଙ୍ଗିର ପଂଚମ କଳା ପରିଷଦର କଳାକାରମାନଙ୍କ ଦ୍ୱାରା ଭଜନ ସଂଧ୍ୟା ଅନୁଷ୍ଠିତ ହୋଇଥିଲା ଏବଂ ଉକ୍ତ ସ୍ଥାନରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଏହି ଦୁଇଦିନ ହଜାର ହଜାର ସଂଖ୍ୟାରେ କାୱଡ଼ିଆଙ୍କ ସମେତ ସହରର ବିଭିନ୍ନ ଅନୁଷ୍ଠାନର ଲୋକମାନେ ଏଠାରେ ଭିଡ଼ ଜମାଇଥାନ୍ତି । ଚଗଲା ପରିଛା, ଆକାଶ ମିଶ୍ର, ସୁଦ୍ଧାର୍ଥ ପଟେଲ, ମନୋଜ କୁମାର ସାହୁ, ମନୋଜ ମହାନ୍ତି, ସନ୍ତୋଷ ଅଗ୍ରୱାଲ, ସୁରନ୍ଦ୍ର କୁମାର ସାହୁ, ମୁନ୍ନାଲାଲ ଅଗ୍ରୱାଲ, ସୀତାରମ ମେହେର, ସୁରିନ୍ଦର ସିଂ, ରାହୁଲ ସାହୁ, ଦର୍ଶନ ଭମର, ରାଜେନ୍ଦ୍ର ପରମାର, ସୀମାଂଚଳ ପଣ୍ଡା, ପ୍ରଶାନ୍ତ ସାହୁ, ଦେବଦତ ମିଶ୍ର, ସୁରଜ ବେହେରା, ରାଜ କୁମାର ହୋତାଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତ ରହି କାୱଡ଼ିଆମାନଙ୍କୁ ସେବା ଯୋଗେଇଥିଲେ ।

# ପଟ୍ଟାମୁଣ୍ଡାଇ ବଜ୍ରପାତରେ ୨ ମୃତ

ପଟ୍ଟାମୁଣ୍ଡାଇ,୧୯/୦୮ (ନି.ପ୍ର): ପଟ୍ଟାମୁଣ୍ଡାଇ ଅଂଚଳରେ ଆଜି ଏକ ଅଭାବନୀୟ ଦୁଃଖଦ ଘଟଣା ଘଟିଯାଇଛି ଓ ପ୍ରବଳ ବର୍ଷା ଓ ବଜ୍ରପାତରେ ୨ ଜଣ ଗରିବ ଚାଷୀଙ୍କ ଅକାଳ ମୃତ୍ୟୁ ସମଗ୍ର ଅଂଚଳରେ ଶୋକର ଛାୟା ଖେଳାଇ ଦେଇଛି । ପ୍ରକାଶ ଯେ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବିଲିକଣା ପଂଚାୟତ ଡଗରା ଗ୍ରାମର ରାଜ କିଶୋର ପ୍ରଧାନ (୬୫)ଆଜି ସକାଳ ୧୦. ୩୦ମିନିଟ ସମୟରେ ଚାଷ ଜମିରେ ଚାଷ କରୁଥିବା ସମୟରେ ପ୍ରବଳ ବର୍ଷା ସାଙ୍ଗକୁ ଆକସ୍ମିକ ବଜ୍ରପାତ ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି । ସେ ଜଣେ ମିଷ୍ଟଭାଷୀ ପରୋପକାରୀ ଚାଷୀ ଭାବେ ପରିଚିତ ଥିଲେ ଓ ଗରିବ ଶ୍ରେଣୀର ଚାଷୀ ହୋଇଥିବାରୁ ଚାଷକୁ ବେଉସା କରି ପରିବାର ଚଳାଉଥିଲେ । ତାଙ୍କ ଅକାଳ ମୃତ୍ୟୁରେ ସ୍ଥାନୀୟ ଅଂଚଳ ରେ ଶୋକର ଛାୟା ଖେଳିଯାଇଛି। ବ୍ଲକ ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ବିଲିକଣା ସରପଂଚ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ପ୍ରଦୀପ ପଣ୍ଡା, ସଂସାରଫଳ ସରପଂଚ ମିନତୀ ପାତ୍ର, ଯୁବସମାଜସେବୀ ଅନୁପ ରାଉତ,ନଳିନୀକାନ୍ତ ସ୍ୱାଇଁ, ପ୍ରହଲ୍ଲାଦ ପ୍ରଧାନ ଓ ଗଣେଶ୍ୱର ସାହୁ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ ।ସେହିପରି ପଟ୍ଟାମୁଣ୍ଡାଇ ବ୍ଲକ ଦୋଷିଆ ପଂଚାୟତ ବାସୁଦେବପୁର ଗ୍ରାମର ଗରିବ ଚାଷୀ ବିଜୟ ମଲିକ (୫୫) ଆଜି ଦିବା ୧୦. ୩୦ମିନିଟ ସମୟରେ ନିଜ ଚାଷ ଜମିରେ ଚାଷ କରୁଥିବାବେଳେ ପ୍ରବଳ ବର୍ଷା ସାଙ୍ଗକୁ ଆକସ୍ମିକ ବଜ୍ରପାତ ଫଳରେ ସେ ଘଟଣା ସ୍ଥଳରେ ସଂଜ୍ଞାହୀନ ହୋଇ ପଡ଼ିଥିଲେ । ଖବର ପାଇଁ ପରିବାର ଲୋକ ଓ ଗ୍ରାମବାସୀ ତାଙ୍କୁ ସେଠାରୁ ଉଦ୍ଧାର କରି ତତ୍କାଳ ଚିକିତ୍ସା ପାଇଁ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ ନେଇଥିଲେ । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେ ଜଣେ ମିଷ୍ଟଭାଷୀ ପରୋପକାରୀ ଚାଷୀ ଭାବେ ପରିଚିତ ଓ ଗରିବ ଚାଷୀ ହୋଇଥିବାରୁ ବିଜୟ ଜମି ଚାଷ କରି ପରିବାର ଚଳାଉଥିଲେ ଓ ତାଙ୍କର ଅକାଳ ବିୟୋଗରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ପୂର୍ବତନ ସରପଂଚ ପ୍ରଭାତ ପ୍ରଧାନ, ଶ୍ୟାମସୁନ୍ଦରପୁର ସୋସାଇଟି ସଭାପତି ସୁଦାମ ରାଉତ ପୂର୍ବତନ ସଭାପତି ଗୌରାଙ୍ଗ ସ୍ୱାଇଁ ଯୁବନେତା ଜ୍ୟୋତିପ୍ରକାଶ ପ୍ରଧାନ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶବାଧାରରେ ପୁଷ୍ପଗୁଚ୍ଛ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଆକସ୍ମିକ ବଜ୍ରପାତରେ ପଟ୍ଟାମୁଣ୍ଡାଇ ଅଂଚଳର ଦୁଇ ଚାଷୀଙ୍କ ମୃତ୍ୟୁ ଘଟିଥିବାରୁ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଂଚି ମୃତ ଶବ ଦୁଇଟିକୁ ବ୍ୟବଛେଦ ପାଇଁ ଆଳି ଡାକ୍ତରଖାନାକୁ ପଠାଇଛି।

## ପିକଅପ୍ ଭ୍ୟାନ ସହ କଣ୍ଟେନର ଧକ୍କା: ୫ଆହତ

ଘଟଗାଁ ,୧୯/୦୮ (ନି.ପ୍ର): ପିକପ୍ ଭ୍ୟାନ ସହ କଣ୍ଟେନର ମୁହାଁମୁହି ଧକ୍କା ହେବା ଫଳରେ ୫ ଜଣ ମହିଳା ଆହତ ହେଇ ଆନନ୍ଦପୁର୍ ଡାକ୍ତଖାନାରେ ଭର୍ତ୍ତି ହୋଇଥିବା ଜଣାପଡିଛି । ସୁଚନାରୁ ପ୍ରକାଶ ମହୁଲଡିହା ଥାନା ଅନ୍ତର୍ଗତ ଭାଦୁବେଡା ଗ୍ରାମର ମହିଳା ମାନେ ପିକପ୍ ଭ୍ୟାନ ଯୋଗେ ଛେନାପଦି ଅଂଚଳକୁ ବିଲକମା କରିବାପାଇଁ ଆସିଥିଲେ। କାମସାରି ଫେରିବା ବେଳେ ମହିଳାଡ଼ିହା ଥାନା ଗୋଡ଼ଭଙ୍ଗା ଘାଟି ନିକଟରେ କରଞ୍ଜିଆ ଆଡୁ ଆସିଥିବା କଣ୍ଟେନର ପିକପ୍ ଭ୍ୟାନ କୁଧକା ଦେଇଥିଲା ଫଳରେ ପିକପ୍ ଭ୍ୟାନ ଟି ଓଲଟି ପଡ଼ି ୫ ଜଣ ମହିଳା ଗୁରୁତର ଆହତ ହୋଇ ଥିଲେ ସ୍ଥାନୀୟ ଲୋକଙ୍କ ସହଯୋଗ ରେ ୧୦୮ ଯୋଗେ ସେମାନଙ୍କୁ ଆନନ୍ଦପୁର ଡାକ୍ତଖାନାରେ ଭର୍ତ୍ତି କରାଯାଇଛି । ସେମାନେ ହେଲେ ପଦ୍ମାବତୀ ନାୟକ(୩୫)ଅଜନ୍ତା ବେହେରା (୩୦)ନୁକି ନାୟକ (୩୮) ବାସନ୍ତୀ ନାୟକ( ୩୬) ସମସ୍ତ ଙ୍କ ଘର ଭୋଦ ବେଡା ବୋଲି ଜଣାପଡିଛି ।

# ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ଆଗାମୀ ଗୁରୁଦିବସ ପାଇଁ ପ୍ରସ୍ତୁତି ବୈଠକ: ସମ୍ବର୍ଦ୍ଧିତ ହେବେ ଜିଲ୍ଲାର କର୍ତବ୍ୟନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ

କନ୍ଧମାଳ,୧୯/୦୮ (ନି.ପ୍ର): କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦ ତରଫରୁ ଆଗାମୀ ସେପ୍ଟେମ୍ବର ୫ ତାରିଖ (ଗୁରୁବାର) ଅପରାହ୍ନରେ ଜିଲ୍ଲା ସ୍ତରୀୟ ଗୁରୁ ପୂଜନ ଓ ଶିକ୍ଷକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କରିବା ପାଇଁ ଅନୁଷ୍ଠାନର ସଭାପତି ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ କୁମାର ବେହେରାଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୫ବର୍ଷ ହେଲା କେନ୍ଦ୍ର, ରାଜ୍ୟ ଓ ଜିଲ୍ଲା ସ୍ତରୀୟ ଶିକ୍ଷକ ପୁରସ୍କାର ବନ୍ଦ ରହିଥିବା ବେଳେ, ଚଳିତ ବର୍ଷ ଠାରୁ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦ, ଫୁଲବାଣୀ ତରଫରୁ ଶିକ୍ଷକ ମାନଙ୍କୁ ଚିହ୍ନଟ କରାଯାଇ କାର୍ଯ୍ୟରତ ୩୦ ଜଣ ଶିକ୍ଷକ ଏବଂ ଶିକ୍ଷୟିତ୍ରୀଙ୍କୁ ଆଗାମୀ ଗୁରୁ ଦିବସରେ ସମ୍ବର୍ଦ୍ଧିତ କରାଯିବା ନେଇ ନିଷ୍ପତି ହୋଇଥିଲା । ଏଥିପାଇଁ ଜିଲ୍ଲାର ୧୨ ଟି ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ,ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି । ଏହି ପୁରସ୍କାର ପାଇଁ କେବଳ କନ୍ଧମାଳ ଜିଲ୍ଲାର ୧୨ ଜଣ ପ୍ରାଥମିକ,୧୨ ଜଣ ଉଚ୍ଚ ଇଂରାଜୀ, ୬ ଜଣ ଜିଲ୍ଲାମଙ୍ଗଳ ବିଭାଗ ସରୀୟ ଶିକ୍ଷକଙ୍କୁ ସେମାନଙ୍କ ଶିକ୍ଷା ଦାନ, କର୍ତବ୍ୟନିଷ୍ଠ ଓ ଏହି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଚୟନ କରାଯିବ । ଏହି ପ୍ରସଙ୍ଗକୁ ନେଇ ଜିଲାର ସମସ୍ତ ବି.ଇ.ଓ, ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଉତମ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କ ନାମ ଚୟନ କରି ଆଗାମୀ ୨୫.୮.୨୪ ମଧରେ ଦେବାପାଇଁ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି । ସେମାନଙ୍କ ଚୟନକୁ ନେଇ ଅନୁଷ୍ଠାନ ତରଫରୁ ସମ୍ପୃକ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିମନ୍ତ୍ରଣ କରାଯିବ । ଯଦି ଉପରୋକ୍ତ ପର୍ଯ୍ୟାୟର କୌଣସି ଶିକ୍ଷକ,ଶିକ୍ଷିକା ସିଧା ଆବେଦନ କରିବାକୁ ଚାହିଁ ବେ ସେମାନେ ମଧ ୨୫.୮.୨୪ ମଧରେ ନିଜସ୍ୱ ବିବରଣୀ ଓ ଫଟୋ ହ୍ୱାଟସପ୍ ନମ୍ବର ୯୪୩୮୩୬୪୩୨୩ ରେ ଆବେଦନ କରିପାରିବେ । କିନ୍ତୁ ସେମାନଙ୍କ ବିଦ୍ୟାଳୟ ର ପଦସ୍ଥ କର୍ମକର୍ତା ମାନଙ୍କ ସହ ଆଲୋଚନା ତଥା ସମ୍ମତି ପରେ ସେମାନଙ୍କୁ ପୁରସ୍କାର ପ୍ରଦାନ ପାଇଁ ଚୟନ କରାଯିବ । ପୁରସ୍କାର ଗୁଡିକ ନିର୍ବିବାଦୀୟ କରିବା ପାଇଁ ବିଭିନ୍ନ ଚୟନ କମିଟି ମଧ କରା ଯାଇଛି । ବୈଠକରେ ସଂସଦର ଉପ ସଭାପତି ଶରତଚନ୍ଦ୍ର ମହାନ୍ତିଙ୍କ ସମେତ ଶ୍ରୀମତୀ ସୁନିତୀ ଆଚାରୀ, ବିରାଜିନୀ ମହାପାତ୍ର, ରୂପସ୍ୱିକା ତ୍ରିପାଠୀ, ସୁଶ୍ରୀ ମୁସ୍କାନ, ସୋମନାଥ ସାହୁ ଅଂଶଗ୍ରହଣ କରିବା ସହ ଅନୁଷ୍ଠାନର ମୁଖ୍ୟ ସମ୍ପାଦକ ଡକ୍ଟର କାହ୍ନୁ ଚରଣ ଶତପଥୀ ବୈଠକ ପରିଚାଳନା କରିଥିଲେ ।

# ସ୍ୱାଧିନତା ଦିବସରେ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,୧୯/୦୮ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବଗଡ଼ା କୃଷି ସମବାୟ ସମିତିରେ ୭୮ତମ ସ୍ୱାଧିନତା ଦିବସ ପାଳନ ହୋଇଯାଇଛି । ସରପଂଚ ସୁବନି ସାହୁ ଜାତୀୟ ପତାକା ଉତୋଳନ କରିଥିବା ବେଳେ କୃଷି ସମବାୟ ସମିତିର ସଭାପତି ଅକ୍ଷୟ କୁମାର ପାଣି, ରବିନ୍ଦ୍ର ପ୍ରସାଦ ଜେନା, ଯୋଗ ଦେଇ ଦେଶ ସ୍ୱାଧିନତା ପାଇଁ ବଳିଦାନ ଦେଇଥିବା ମହାନ ସଂଗ୍ରାମୀମାନଙ୍କର ଆଦର୍ଶ ଓ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିଦ୍ଧ ମରିଚାଣୀ ନୋଡାଲ ବିଦ୍ୟାପୀଠର ଜ୍ୟୋତିର୍ମୟୀ ମହାପାତ୍ର, ସ୍ୱାଗତିକା ବେହେରା, ଶୁଶ୍ରୀ କଳ୍ପନା ପ୍ରିୟଦର୍ଶିନୀ, ତୁଣ୍ଡୁପୁର ଉଚ୍ଚ ବିଦ୍ୟାଳୟର ସ୍ୱଦେଶ ରଂଜନ ପଣ୍ଡା, ଅପର୍ଣ୍ଣ ସୂତାର, ସାଗର ସୁମନ ପ୍ରଧାନ ଓ ଅଶୁତୋଷ ପଣ୍ଡାଙ୍କୁ ସରପଂଚଙ୍କ ପକ୍ଷରୁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରା ଯାଇଥିବାବେଳେ ମଧୁବାବୁ ପେନଶନ ଯୋଜନାରେ ରଞ୍ଜୁବାଳା ପ୍ରଧାନ, ଅଜିତ ମଲିକ ଓ ଖଗେଶ୍ୱର ସ୍ୱାଇଁଙ୍କୁ ନୂତନ ହିତାଧିକାରୀ ଭାବେ ଭତା ପ୍ରଦାନ କରାଯାଇ ଥିଲା । ସୌଦାମିନୀ ଦାଶ, ପ୍ୟାକ୍ସ ସଂପାଦକ କାଳନ୍ଦୀ ବିଶ୍ୱାଳ, ନାଏବ ସରପଂଚ କୁନିଲତା ପ୍ରଧାନ, ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ଦାସଙ୍କ ସମେତ ସ୍ଥାନୀୟ ଅଂଚଳର ବୁଦ୍ଧିଜୀବି ଓ ପ୍ୟାକ୍ସର ନିର୍ଦ୍ଦେଶକ ଉପସ୍ଥିତ ଥିଲେ।

# ବ୍ରାହ୍ମଣ ସମାଜର ମାସିକ ବୈଠକ ଓ ନୂଆଁଖାଇ ଭେଟ୍‌ଘାଟ ପ୍ରସ୍ତୁତି

ବଲାଙ୍ଗୀର,୧୯/୦୮ (ନି.ପ୍ର): ବ୍ରାହ୍ମଣ ମହାସଭାର ମାସିକ ବୈଠକ ପଣ୍ଡିତ ଧନଞ୍ଜୟ ମିଶ୍ରଙ୍କ ଅଧକ୍ଷତାରେ ସ୍ଥାନୀୟ ନୃସିଂହ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ଚିରାଚରିତ ପ୍ରଥା ଅନୁଯାୟୀ ସଭା ପ୍ରାରମ୍ଭରେ ଓଁ ଉଚ୍ଚାରଣ କରାଯାଇ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା। ଆସନ୍ତା ତା.୧୫.୦୯.୨୦୨୪ ରବିବାର ଦିନ ବ୍ରାହ୍ମଣ ମହାସଭା ତରଫରୁ ଭଗବାନ ବାମନ ଜନ୍ମୋତ୍ସବ ସହିତ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ କରାଯିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ଗ୍ରହଣ କରାଗଲା। ବାଂଲାଦେଶରେ ହିନ୍ଦୁମାନଙ୍କୁ ଅତ୍ୟାଚାର ତଥା ରୋହିଙ୍ଗିଆ ମୁସଲମାନମାନଙ୍କର ଭାରତ ରେ ଅବାଧ ପ୍ରବେଶକୁ ଏହି ମହାସଭାରେ ଦୃଢ ଭାବେ ନିନ୍ଦା କରାଯାଇଥିଲା। ଆଗାମୀ ଦିନରେ ସାଂଗଠନିକ ଅଭିଯାନକୁ ସୁଦୃଢ କରିବା ପାଇଁ ସମସ୍ତଙ୍କ ମତାମତ ସହିତ ସହଯୋଗ ଲୋଡାଯାଇଥିଲା। ଏହି ମହାସଭାରେ ବ୍ରାହ୍ମଣ ମହାସଭାର ଉପସଭାପତି ଗୋପବନ୍ଧୁ ପୁରୋହିତ, କୋଷାଧକ୍ଷ ପର୍ଶୁରାମ ନାୟକ, ସଂଗଠନ ସମ୍ପାଦକ କିଶୋର ପୁରୋହିତ, ନଗର ସମ୍ପାଦକ ସଂକିର୍ତନ ତ୍ରିପାଠୀ, କାର୍ଯ୍ୟକାରୀ ସଦସ୍ୟ ପୁରୁଷୋତମ ପଣ୍ଡା, ବରିଷ୍ଠ ସଦସ୍ୟ ଲୋକନାଥ ନେପାକ, ବଂଶୀଧର ଦାନୀ, ବିପିନ ବିହାରୀ ପୁରୋହିତ, ବ୍ରଜ କିଶୋର ପଣ୍ଡା, ଶଙ୍କର୍ଷଣ ମିଶ୍ର, ଗୋପାଳ ଚନ୍ଦ୍ର ମିଶ୍ର, ସନ୍ତୋଷ କୁମାର ଶତପଥି, ରାଜ କିଶୋର ପଣ୍ଡା, ପ୍ରଭୁଦତ ଶତପଥି ଇତ୍ୟାଦି ଅନେକ ସଭ୍ୟ ଉପସ୍ଥିତ ଥିଲେ। ପରିଶେଷରେ ମହାସଭାର ଉପସଭାପତି ଶ୍ରୀ ପୁରୋହିତ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରାଯାଇଥିଲା।

# ବିଦ୍ୟୁତ ବିଭାଗର ଅବହେଳା ପାଇଁ ଅନ୍ଧାରରେ ରହିଛନ୍ତି ୩ଟି ଗାଁ

ମାଲକାନଗିରି ,୧୯/୦୮ (ନି.ପ୍ର): ଅନ୍ଧାରରେ ଦିନ କାଟୁଛନ୍ତି ଲୋକେ, ଡିବି ଆଲୁଅ ହିଁ ସାହା ଭରସା ପାଲଟିଛି । କିଛି ଏପରି ଅଭିଯୋଗ ଆସିଛି ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ମାନ୍ୟାମକୋଣ୍ଡା ପଂଚାୟତର ରାମଚନ୍ଦ୍ରପୁର, ସାଇଲୁର ଏବଂ ଗୁଣ୍ଡାବେଡା ଗ୍ରାମରୁ ।ଯେଉଁଠି ଦୀର୍ଘ ଦୁଇ ମାସ ଧରି ଲୋକେ ବିଦ୍ୟୁତ୍ ସମସ୍ୟା ଭୋଗୁଥିବା ନେଇ ଅଭିଯୋଗ କରିଛନ୍ତି । ସୂଚନା ମୁତାବକ ଗତ ଦୁଇ ମାସ ତଳେ ଅଂଚଳରେ ଥିବା ଟ୍ରାନ୍ସଫର୍ମରଟି ଖରାପ ହେବା ସହ ବିଜୁଳି ତାର ଛିଡି ରାସ୍ତାରେ ପଡିଛି । ଏନେଇ ଲୋକେ ବିଦ୍ୟୁତ୍ ବିଭାଗକୁ ବାରମ୍ବାର ଜଣାଇବା ସତ୍ୱେ ସମସ୍ୟାର କୌଣସି ସମାଧାନ ହୋଇ ପାରୁନଥିବା ବେଳେ ଇତି ମଧ୍ୟରେ ଦୁଇମାସ ବୀତି ଯାଇଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଆଦିବାସୀ ଅଧୁଷିତ ଦୁର୍ଗମ ଅଂଚଳ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ଯେମିତି ଦୁର୍ଗମ ଅଂଚଳରେ ଲୋକେ ସମସ୍ତ ପ୍ରକାର ସୁବିଧା ପାଇ ପାରିବେ । ଏହା ରାଜ୍ୟ ସରକାରଙ୍କ ମୂଳ ମନ୍ତ୍ର ଥିବା ସତ୍ୱେ ବିଭାଗୀୟ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ଓ ଅବହେଳା ପାଇଁ ଆଜିବି ଏମିତି ଦୃଶ୍ୟ ଦେଖିବାକୁ ମିଳୁଛି । ଯେଉଁଠି ଲୋକେ ବିଜୁଳି ଭଳି ମୌଳିକ ସୁବିଧାରୁ ମାସ ମାସ ଧରି ବଂଚିତ ରହିଥିବା ପ୍ରକାଶ କରିଛନ୍ତି । ଦିନ ବେଳା ଯେକୌଣସି ମତେ ଲୋକେ ସମୟ କାଟୁ ଥିବା ବେଳେ ରାତି ହେଲେ ଅଂଚଳବାସୀ ଡିବିରି ଆଲୁଅ ଉପରେ ନିର୍ଭର କରୁଥିବା ବେଳେ ପିଲାମାନଙ୍କ ପାଠ ପଢ଼ା ଏକ ପ୍ରକାର ଠପ ହୋଇ ପଡୁଛି । ଯାହାକୁ ନେଇ ଅଭିଭାବକ ମାନେ ଚିନ୍ତାରେ ପଡ଼ିବା ସହ ଅନ୍ଧାରରେ ରହିଥିବା ଏହି ପିଲାମାନଙ୍କ ଜୀବନକୁ ବିଦ୍ୟୁତ୍ ବିଭାଗ ବିପଦକୁ ଠେଲୁଥିବା କହିଛନ୍ତି । ତେବେ ଏନେଇ କାଲିମେଲା ବିଦ୍ୟୁତ ବିଭାଗୀୟ ଅଧିକାରୀଙ୍କ ସହ ଯୋଗା ଯୋଗ କରିବାରୁ ସେ ନିଜେ ଯଥାଶୀଘ୍ର ଘଟଣା ସ୍ଥଳକୁ ଯାଇ ଏହି ସମସ୍ୟା ର ସମାଧାନ କରିବେ ବୋଲି କହିଛନ୍ତି।

# ଗୁରୁକୁଳରେ ଶ୍ରାବଣୀ ଉପାକର୍ମ ଉତ୍ସବ




ରୁପସା, ୧୯/୮ (ନି.ପ୍ର): ଭାରତୀୟ ପର୍ବ ମାନଙ୍କ ମଧ୍ୟରେ ଶ୍ରାବଣୀ ଏକ ମହାନ ପର୍ବ।ଶ୍ରବଣା ନକ୍ଷତ୍ର ଯୁକ୍ତ ପୂର୍ଣ୍ଣିମା ରେ ଏହି ପର୍ବ ପାଳିତ ହୁଏ। ଲୋକମାନଙ୍କୁ ଈଶ୍ୱରୀୟ ବାଣୀ 'ବେଦ'ସହିତ ପରିଚୟ କରାଇବା ଏ ପର୍ବର ମୂଳଲକ୍ଷ୍ୟ। 'ବେଦ'ର ଅର୍ଥ ଜ୍ଞାନ।ଜ୍ଞାନ ବିନା ମାନବ ଜୀବନ ନିରର୍ଥକ। ଯେପରି ଅନ୍ନ ସେବନ ଶାରିରୀକ ସ୍ୱାସ୍ଥ୍ୟ ର କାରଣ ହୋଇଥାଏ, ସେହିପରି ଜ୍ଞାନ ମାନସିକ ଓ ଆତ୍ମିକ ଉନ୍ନତି ର ଉତ୍କର୍ଷ ହୋଇଥାଏ। ସେଥିପାଇଁ ବୈଦିକ ସଂସ୍କୃତି ରେ ଶ୍ରାବଣୀ ପୂର୍ଣ୍ଣିମା ଠାରୁ ଜନ୍ମାଷ୍ଟମୀ ପର୍ଯ୍ୟନ୍ତ ଦୀର୍ଘ ଆଠ ଦିନ ବିଭିନ୍ନ ସ୍ଥାନରେ ଯଜ୍ଞାନୁଷ୍ଠାନ ଆୟୋଜନ କରାଇ ଲୋକମାନଙ୍କୁ ବେଦ ର ପଠନ ପାଠନ ଓ ଶ୍ରବଣ ଶ୍ରାବଣ କରାଯାଏ। ପରବର୍ତ୍ତୀ କାଳରେ ଏହାର ସର୍ବ ପ୍ରାଚୀନ ନାମ 'ଶ୍ରାବଣୀ ଉପାକର୍ମ' ହୋଇଥିଲେ ସୁଦ୍ଧା ପରେ ଏହା ଶ୍ରାବଣୀ ଉପାକର୍ମ ଅପେକ୍ଷା, ରକ୍ଷାବନ୍ଧନ,ଗହ୍ମା ପୂର୍ଣ୍ଣିମା ଆଦି ନାମରେ ବେଶୀ ପରିଚିତ। ଏହି ମହାନ ପ୍ରାଚୀନ ସଂସ୍କୃତିକୁ ଉଦ୍ଜୀବିତ କରିବା ପାଇଁ ସଦର ବ୍ଲକ ଅନ୍ତର୍ଗତ ରୂପ୍ସା ସାମିଲ ହସନପୁର ପଞ୍ଚାୟତ ଅଧୀନସ୍ଥ ପିଞ୍ଛାବଣିଆଁ ଗ୍ରାମରେ ଥିବା ବୈଦିକ ଗୁରୁକୁଳ ଆଶ୍ରମ ରେ ଆଶ୍ରମର ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରାବଣୀ ଉପାକର୍ମ ପାଳିତ ହୋଇଯାଇଅଛି। ଏହି ଅବସରରେ ଗୁରୁକୁଳରେ ବିଶ୍ୱ କଲ୍ୟାଣ ଦେବଯଜ୍ଞ,ବେଦର ପଠନ ପାଠନ ସହିତ ଏକ ଆଧାତ୍ମିକ ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ବେଦାନ୍ତ ଶାସ୍ତ୍ରୀ ପଣ୍ଡିତ ନିରଞ୍ଜନ ପଣ୍ଡା ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି 'ବେଦ'ଅପୌ। ରୁଷେୟ ହେତୁ,ବେଦର ଜ୍ଞାନ ସର୍ବକାଳୀନ, ସାର୍ବଜନୀନ ବୋଲି ମତବ୍ୟକ୍ତ କରିଥିଲେ।ବେଦ ସମସ୍ତ ସତ୍ୟ ବିଦ୍ୟାର ଗ୍ରନ୍ଥ ବୋଲି ମୁଖ୍ୟ ବକ୍ତା ପଣ୍ଡିତ ସୁରେନ୍ଦ୍ର ଆର୍ଯ୍ୟ ଉପଦେଶ କରିଥିଲେ। ବିଶିଷ୍ଟ ସମାଜସେବୀ ଶ୍ରୀ ଭଗବାନ ମହାପାତ୍ର,ଶ୍ରୀ ଅକ୍ଷୟ କୁମାର ମିଶ୍ର ବରେଣ୍ୟ ଅତିଥି ଭାବେ ଯୋଗଦାନ କରିବା ସହ ଯୋଗ ମହୋତ୍ସବ ସମିତିର ପୂର୍ବତନ ସଭାପତି ଶ୍ରୀଯୁକ୍ତ ସୁଜିତ୍ କୁମାର ଜେନା ସମ୍ମାନିତ ବକ୍ତା ଭାବେ ଯୋଗଦାନ କରି ଆଜିର ସମାଜରେ ବେଦର ଉପାଦେୟତା ଉପରେ ଆଲୋଚନା କରିଥିଲେ। ହଳଦୀପଦା ମହୋତ୍ସବ ସମିତିର ସଭାପତି ଶ୍ରୀଯୁକ୍ତ ଅଜୟ କୁମାର ଜେନା ଓ ଶ୍ରୀ ରବୀନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଶ୍ରୀ ଅନନ୍ତ କୁମାର ସାହୁ ଓ ମିନାକ୍ଷୀ ସାହୁ,ଶ୍ରୀ ରତ୍ନାକର ବେହେରା ଓ ନିୟତୀ ବେହେରା ତଥା ଶାସ୍ୱତ ଓ ଅର୍ଚ୍ଚନା ଯଜ୍ଞ ରେ ଯଜମାନ ଆସନ ଅଳଙ୍କୃତ କରି ଆହୁତି ପ୍ରଦାନ କରିଥିଲେ। ଆଚାର୍ଯ୍ୟ ବିଜୟ ଜୀ ଓ ପଣ୍ଡିତ ସୁରେନ୍ଦ୍ର ଆର୍ଯ୍ୟ ମନ୍ତ୍ରପାଠ କରିବା ସହ ରେବତୀ ଖୁଣ୍ଟିଆ,ସୋନାଲି ସାହୁ ଓ ଗୁରୁମା ପ୍ରମିଳା ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବେଦାନ୍ତ ଶାସ୍ତ୍ରୀ ପଣ୍ଡିତ ନିରଞ୍ଜନ ପଣ୍ଡା ଶର୍ମା ଙ୍କୁ ଗୁରୁକୁଳ ତରଫରୁ ସମ୍ବର୍ଦ୍ଧନା କରାଯାଇଥିଲା ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ହରିନାରାୟଣ ସାହୁ,ଶ୍ରୀହରି ଦାସ,ବ୍ୟାସଦେବ ରାଉତ,ରୀତା ରାଉତ, ସଞ୍ଜୁଲତା ପୃଷ୍ଟି,ଶ୍ରୀ ପ୍ରଫୁଲ୍ଲ କୁମାର ବେହେରା ଙ୍କ ସମେତ ବିଭିନ୍ନ ସ୍ଥାନରୁ ଅନେକ ଶ୍ରଦ୍ଧାଳୁ ବେଦପ୍ରେମୀ ଯୋଗଦାନ କରିଥିଲେ। ପରିଶେଷରେ ଅନନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଳେଶ୍ୱରରେ ପାଳିତ ହେଲା ପରିବେଶ ପଂଚାୟତ




ଜଳେଶ୍ୱର, ୧୯/୮ (ନି.ପ୍ର): ପ୍ରକୃତି ଓ ମଣିଷ ମଧ୍ୟରେ ଗଭୀର ସମ୍ପର୍କ ରହିଛି।କୁହାଯାଏ ପ୍ରକୃତି ବିନା ଜୀବନ ସମ୍ଭବ ନୁହେଁ।ନିଜର ସୁଖ,ସ୍ୱାଚ୍ଛନ୍ଦ୍ୟ ପାଇଁ ପ୍ରତିମୁହୂର୍ତ୍ତରେ ମଣିଷ ପ୍ରକୃତିକୁ ବଳି ପକାଇ ଚାଲିଛି।ପରିଣତି ସ୍ୱରୂପ ପ୍ରକୃତି ଏବେ ମଣିଷ ଉପରେ ଦାଉ ସାଧିବା ଆରମ୍ଭ କରିଛି।ତଥାପି ମଣିଷର ଚେତା ପଶୁନାହିଁ।ଏଭଳି ସ୍ଥିତିରେ ପ୍ରକୃତିର ସୁରକ୍ଷା ସହିତ ସାରା ଜୀବଜଗତ ପାଇଁ ଏକ ସୁସ୍ଥ ପରିବେଶ ବଜାୟ ରଖିବାକୁ ପଡିବ।ମଣିଷ ନିଜର ଉନ୍ନତି କରୁକରୁ ନିଜ ଅଜାଣତରେ ପରିବେଶ ପ୍ରତି ଅନେକ ଅନ୍ୟାୟ କରିଛି।ଗଛ କାଟିବା, କଳକାରଖାନାରୁ ନିର୍ଗତ ଧୂଆଁ ଓ ଯାନବାହନର ପ୍ରବଳ ବ୍ୟବହାର ଯୋଗୁଁ ପରିବେଶ ପ୍ରଦୂଷଣ ବହୁମାତ୍ରାରେ ବଢ଼ିଛି। ପ୍ଲାଷ୍ଟିକର ବହୁଳ ବ୍ୟବହାର ହିଁ ପରିବେଶ ପ୍ରଦୂଷଣ ଅନ୍ୟ ଏକ କାରଣ ହୋଇ ଛିଡ଼ାହୋଇଛି। ମୁଖ୍ୟତଃ ଜୀବନ ବଞ୍ଚିବାକୁ ହେଲେ ନିର୍ମଳ ବାୟୁ,ସ୍ୱଚ୍ଛ ଜଳ ଏବଂ ବୃକ୍ଷର ଆବଶ୍ୟକତା ନିହାତି ଜରୁରୀ।ମଣିଷ ଯଦି ନିଜ ପରିବେଶକୁ ପରିଷ୍କାର ଓ ପରିଚ୍ଛନ୍ନ ରଖିବାକୁ ଯଥାସାଧ ପ୍ରଯତ୍ନ କରେ,ତେବେ ପ୍ରକୃତିରାଣୀ ହସିଉଠିବ। ଅନ୍ୟଥା ଏହା ମଣିଷର ପ୍ରତିଟି ପରିବେଶ ପ୍ରତିକୂଳ ପଦକ୍ଷେପର ହିସାବ ନେବ ଏବଂ ପ୍ରତିକ୍ରିୟା ପ୍ରକାଶ କରିବ।ଏ ପ୍ରତିକ୍ରିୟା ସାମାନ୍ୟ ନୁହେଁ, ବରଂ ଅତ୍ୟନ୍ତ ଭୟଙ୍କର ହେବ,ଯାହା ଜଳବାୟୁ ପରିବର୍ତ୍ତନକୁ ଅସ୍ୱାଭାବିକତା ଭାବେ ବିକୃତ କରିପକାଇବ। ପରିଶେଷରେ ଏହା ବନ୍ୟା, ବାତ୍ୟା, ଭୂମିକମ୍ପ, ମରୁଡ଼ି, ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଭଳି ମାନବ ବିଧ୍ୱଂସକାରୀ ଘଟଣାକୁ ବହୁଗୁଣିତ କରିଦେବ। ତେଣୁ ଆଉଥରେ ବିଚାର କରି ପ୍ରକୃତି ଓ ପରିବେଶ ସୁରକ୍ଷିତ ରଖିବା ପାଇଁ ବଦ୍ଧପରିକର ହେବା ଜରୁରୀ।ପରିବେଶ ସୁରକ୍ଷା ଓ ସଂରକ୍ଷଣ ପ୍ରତି ଲୋକଙ୍କୁ ଅବଗତ ତଥା ସଚେତନ କରାଇବା ହେଉଛି ଏହି ଦିବସର ଉଦ୍ଦେଶ୍ୟ।ସୁସ୍ଥ ଓ ସ୍ଥିର ପରିବେଶ ହିଁ ଏକ ସୁସ୍ଥ ସମାଜର ମୂଳଦୁଆ। ପରିବେଶ ବଞ୍ଚିଲେ ଜୀବନ ତିଷ୍ଠି ରହିବ।ଏଣୁ ମାନବଜାତିକୁ ପୃଥିବୀ ଓ ଏହାର ସମ୍ବଳର ଉପଯୁକ୍ତ ସଂରକ୍ଷଣ କରିବା ଆବଶ୍ୟକ। ଜାଣତରେ ହେଉ ଅବା ଅଜାଣତରେ,ମଣିଷ ପ୍ରକୃତିକୁ ଦେଉଥିବା କଷ୍ଟକୁ ଅନୁତାପ କରିବାର ସମୟ ଆସିଛି।ତେବେ କେବଳ ଯେ ଏଥିପାଇଁ ପଶ୍ଚାତାପ କଲେ ହେବନି ପ୍ରକୃତିର ରକ୍ଷଣାବେକ୍ଷଣ ଏବଂ ସୁରକ୍ଷା ଦିଗରେ ଠୋସ୍ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ।ବର୍ତ୍ତମାନ ପ୍ରଯୁକ୍ତି ବିଦ୍ୟାର ଦ୍ରୁତ ବିକାଶ ସାଙ୍ଗକୁ ଜଳବାୟୁ ପରିବର୍ତ୍ତନ,ପରିବେଶ ପ୍ରଦୂଷଣ,ବଢ଼ୁଥିବା ତାପମାତ୍ରା ଏବଂ ମୃତ୍ତିକା କ୍ଷୟ ଆଦି ଯୋଗୁଁ ପ୍ରାକୃତିକ ପରିବେଶ ବହୁମାତ୍ରାରେ ପ୍ରଭାବିତ ହେଉଛି।ଏଣୁ ପୃଥିବୀ ସମେତ ପାଣି,ପବନ,ଖଣିଜପଦାର୍ଥ ଆଦିର ସୁବିନିଯୋଗ କରିବା ଦିଗରେ ସମସ୍ତଙ୍କୁ ସଚେତନ ହେବା ଦରକାର।ତା'ସହ ଏହାର ସଂରକ୍ଷଣ ଦ୍ୱାରା ଆଗାମୀ ପିଢ଼ି ସୁରକ୍ଷିତ ରହିବା ସହ ସେମାନେ ମଧ୍ୟ ଏ ଦିଗରେ ଯତ୍ନବାନ ହୋଇପାରିବେ। ବିଶ୍ୱ ତାପନ, ଜଳବାୟୁ ପରିବର୍ତ୍ତନ ଆଦି ସମସ୍ୟାର ସମାଧାନ ପାଇଁ ପର୍ଯ୍ୟାପ୍ତ ପରିମାଣରେ ବନୀକରଣ କରି ଜଙ୍ଗଲ ସମ୍ପଦର ଅଭିବୃଦ୍ଧି ସହିତ ତା'ର ସୁରକ୍ଷା, କ୍ଷୟଶୀଳ ଅରଣ୍ୟ ସମ୍ପଦର ପୁନରୁଦ୍ଧାର ଅପରିହାର୍ଯ୍ୟ ହୋଇପଡ଼ିଛି। ଏହାଛଡ଼ା ଉଜୁଡ଼ା ଜଙ୍ଗଲ ଜମିର ପୁନରୁଦ୍ଧାର, କୃତ୍ରିମ ଜଙ୍ଗଲ ସୃଷ୍ଟି, ସହରାଞ୍ଚଳ ବନୀକରଣ, ପଥପାର୍ଶ୍ୱ ବନୀକରଣ ପାଇଁ ବ୍ୟାପକ ଚାରାରୋପଣର ଆବଶ୍ୟକତା ଅଛି ବୋଲି ଆଜି ଅପରାହ୍ନ ୪ ଘଟିକା ସମୟରେ ଜଳେଶ୍ୱର ବ୍ଲକ ଲକ୍ଷ୍ମଣନାଥ ପଂଚାୟତ ବିରିସପୁର ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟ ପରିସରରେ ସମ୍ବାଦ ଉତ୍ତର ଓଡ଼ିଶା ସଂସ୍କରଣ ମୁଖ୍ୟ ଚିତ୍ତରଞ୍ଜନ ଚିରଞ୍ଜିବଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି ପରିବେଶ ପଂଚାୟତ ସଚେତନତା କାର୍ଯ୍ୟକ୍ରମ।ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଅଶ୍ୱିନି କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେବେ ବକ୍ତବ୍ୟ ରଖିଥିଲେ।ବ୍ଲକ ଅଧକ୍ଷ ମାନସ କୁମାର ଜେନା, ସମାଜସେବୀ ସୁଦର୍ଶନ ଦାସ, ଗବେଷକ ଡ.ଶ୍ରୀକାନ୍ତ ଚରଣ ପାତ୍ର, ସମାଜ ସେବୀ ଶିଶିର ହୁଇ,ଦିଲ୍ଲିପ କୁମାର ଗିରି,ପ୍ରାକ୍ତନ ପ୍ରଫେସର ଶ୍ୟାମ ଚରଣ ଦାସ, ପରିବେଶ ବିତ ଅଶ୍ୱିନି ଦାସ,ଡ.ଅଜିତ କୁମାର ମାହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମାନବ ସମାଜ ସଚେତନ ହେଲେ ବିପଥଗାମୀ ପରିବେଶକୁ ପ୍ରକୃତି ମାର୍ଗକୁ ଫେରି ପାରିବ ବୋଲି ମୂଲ୍ୟବାନ ବକ୍ତବ୍ୟ ପ୍ରଦାନ କରିଥିଲେ।ବାଲେଶ୍ୱର ଜିଲ୍ଲା ରକ୍ତଦାତା ସଙ୍ଘର ସଭାପତି କମଳ ଚକ୍ରବର୍ତ୍ତୀ ମଞ୍ଚ ଆହ୍ୱାନ କରିଥିଲେ।ଲକ୍ଷ୍ମଣନାଥ ପଂଚାୟତର ପ୍ରାକ୍ତନ ସରପଞ୍ଚ କବିତା ରାଉତ,ପ୍ରାକ୍ତନ ପ୍ରଧାନ ଶିକ୍ଷକ ସତ୍ୟରଞ୍ଜନ୍ ଦାସ, ଯୋଗେଶ ଚନ୍ଦ୍ର ରାଉଳ,ସମିତି ସଭ୍ୟ ଜିତେନ୍ଦ୍ର ନାଥ ଦାସ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ମୂରଲୀ ମୋହନ ପ୍ରଧାନ,ସମାଜ ସେବୀ ସଂଗ୍ରାମ ପରିଡ଼ା,ବସନ୍ତ ଦାସ, ତ୍ରିଲୋଚନ ଗିରି,ଅଶୋକ ଜେନା, କାଉନସିଲର ଚନ୍ଦନ ଦାସ,ମିର ଆବାସ ଅଲ୍ଲି ପ୍ରମୁଖ ଅନ୍ୟତମ ଅତିଥି ମାନେ ନିଜ ନିଜର ମତାମତ ରଖିଥିଲେ। ସାମ୍ବାଦିକ ଅମର ଆଚାର୍ଯ୍ୟ, ମନୋଜ କୁମାର ଭୂୟାଁ,ଆଶିଷ ଗିରି, ରଞ୍ଜନ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହିସବୁ କାର୍ଯ୍ୟକ୍ରମ ସମାଜସେବୀ ଗୌର ଗୋପାଳ ରାଉତ (ହରି ଭାଇ) ପରିଚାଳନା କରିଥିବା ବେଳେ ଶେଷରେ ସାମ୍ବାଦିକ ସତ୍ୟବ୍ରତ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବଡ଼ସାହି ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟଠାରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ

ବଡ଼ସାହି , ୧୯/୮ (ନି.ପ୍ର): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବଡସାହି ଶାଖା ତରଫରୁ ପବିତ୍ର ରକ୍ଷାବନ୍ଧନ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବେତନଟୀ ବିଶ୍ୱବିଦ୍ୟାଳୟ ଆଶ୍ରମର ବନିତା ଭଉଣୀ ସଭାକୁ ସଂଚାଳନ କରିବା ସହିତ ରକ୍ଷା ବନ୍ଧନର ମହତ୍ତ୍ୱ ଓ ପବିତ୍ରତା ବିଷୟରେ ସମସ୍ତଙ୍କୁ ଅବଗତ କରାଇ ଥିଲେ। ପରେ ପରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳରୁ ଶତାଧିକ ଭାଇ ଓ ଭଉଣୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିଥିଲେ। ବଡ଼ସାହି ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଦସ୍ୟ ମାନେ ଉପସ୍ଥିତ ରହି ଆଜିର ଦିନରେ ଏ ଜଗତ କେମିତି ନିଶାମୁକ୍ତ ହୋଇ ପାରିବ ସେ ବିଷୟରେ ଆଲୋଚନା କରିଥିଲେ ଓ ନିଶା ସେବନ ନ କରିବା ପାଇଁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ରକ୍ଷାବନ୍ଧନ ଓ ନିଶା ନିବାରଣ ସଂପର୍କରେ ଅବସରପ୍ରାପ୍ତ ଶିକ୍ଷକ ତୋଫାନ ଭାଇ ସରଗର୍ଭକ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ଯାହା ସମସ୍ତଙ୍କ ହୃଦୟକୁ ବେଶ୍ ଗଭିର ରେଖାପାତ କରିଥିଲା କ୍ଷ ମାଉଣ୍ଟଆବୁ ବିଶ୍ୱବିଦ୍ୟାଳୟରୁ ଆସିଥିବା ସୁପ୍ରିୟା ଭଉଣୀ ନିଜର ଅନୁଭବ ଶୁଣାଇଥିଲେ । କାର୍ଯ୍ୟକ୍ରମକୁ ଅନୁ ଭଉଣୀ, ମିନା ଭଉଣୀ, ସଂଜୟ ଭାଇ, ବୀର ଭାଇ, ସତ୍ୟନାରାୟଣ ଭାଇ, ବିଶ୍ୱନାଥ ଭାଇ, ହେମନ୍ତ ଭାଇ, ବିଷ୍ଣୁଭାଇ ଆଦି ପରିଚାଳନା କରିଥିବା ବେଳେ ମଞ୍ଜୁ ଭଉଣୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସରସ୍ୱତୀ ଶିଶୁ ମନ୍ଦିରରେ ରକ୍ଷାବନ୍ଧନ ଉତ୍ସବ



ବାଲେଶ୍ୱର , ୧୯/୮ (ନି.ପ୍ର): ସଦର ବ୍ଲକ୍ ଅନ୍ତର୍ଗତ ରସାଳପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ପବିତ୍ର ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ସମାଜସେବୀ ପଦ୍ମାବତୀ ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଚାଟାର୍ଡ ଆକାଉଣ୍ଟାଣ୍ଟ ସୁଶାନ୍ତ କୁମାର ମଣ୍ଡଳ ଉପସ୍ଥିତ ହୋଇ ରକ୍ଷାବନ୍ଧନ ଉତ୍ସବ ର ସାମାଜିକ ମୂଲ୍ୟବୋଧ ଓ ଆଭିମୁଖ୍ୟ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ସଂପାଦକ ଶମ୍ଭୁନାଥ ଯାଦବ ରକ୍ଷାବନ୍ଧନ ର ବୈଜ୍ଞାନିକତା ସଂପର୍କରେ ବକ୍ତବ୍ୟ ରଖିଥିଲେ।ପର୍ଯ୍ୟାୟ ପ୍ରମୁଖ ଜୟସ୍ମିତା ମୁଦୁଲି ଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଚାର୍ଯ୍ୟା ପ୍ରତିମା ମଲ୍ଲିକ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିବା ବେଳେ ଶୁଭସ୍ମିତା ବାରିକ୍ ପଞ୍ଚାଙ୍ଗ ବୋଲିଥିଲେ। ପ୍ରଜ୍ଞା ଭାରତୀ ପୁଇ ଅମୃତ ବଚନ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବସ୍ମିତା ରାଉତ, ମିତା ରାଣୀ ରାଉତ, ଶ୍ରଦ୍ଧାଞ୍ଜଳି ଦାସ, ଆକାଶ ଚନ୍ଦ୍ର ମଲ୍ଲିକ, ବିନୀତା ମହାନ୍ତି, ମନୀଷା ଦାସ୍, ମମତା ବାରିକ୍, ଝୁନୀ ବାରିକ୍ ଓ ସେବୀକା ରଞ୍ଜୁଲତା ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିଶୁ ଭାଇ-ଭଉଣୀ ମାନେ ଗାଁ ଓ ବଜାରରେ ଘରକୁ ଘର ବୁଲି ରାକ୍ଷୀ ବାନ୍ଧିଥିଲେ। ସ୍ଥାନୀୟ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ରେ ସମସ୍ତ କର୍ମଚାରୀଙ୍କୁ ରାକ୍ଷୀ ବାନ୍ଧିଥିଲେ।ପରେପରେ ସମସ୍ତେ ବୃକ୍ଷ ଦେବତାଙ୍କୁ ଓ ଗୋମାତାଙ୍କୁ ପୂଜାର୍ଚ୍ଚନା କରି ରାକ୍ଷୀ ବାନ୍ଧିଥିଲେ।

## ଦେବୀ ଦେବତା...

(ପୃଷ୍ଠା ୪ର ଅବଶିଷ୍ଟାଂଶ...)

ପିତୃ ଜମି ବାଡ଼ିର ମୁଖ୍ୟ ଅଂଶୀଦାର ମାତ୍ର ଦ୍ୱିତୀୟ ସ୍ତ୍ରୀ ତୃତୀୟ ସ୍ତ୍ରୀର ସନ୍ତାନ। ଏପରି ହେବା ଦାୟ ଭାଗରେ ନାହିଁ। ପ୍ରଥମ ତରଫ ସ୍ୱାମୀ ଓ ଦ୍ୱିତୀୟ ବରର ସ୍ୱାମୀ ଏକ ପ୍ରକାର ଧର୍ମ ଦ୍ୱାରା ପ୍ରଭାବିତ ସ୍ୱାମୀ ନୁହଁନ୍ତି। ଦ୍ୱିତୀୟ ବାର ସ୍ୱାମୀ କାମଚଳା ସ୍ୱାମୀ। ପୂର୍ବେ ଏପରି ପତ୍ନୀ ଗ୍ରହଣ ଦ୍ୱିତୀୟ ବା ଯୁତିଅ ହେବା କୁହାଯାଉଥିଲା। ଇସଲାମ ଧର୍ମରେ ନିକ୍କା କୁହାଯାଏ। ଆଗ ଓ ପଛ ଦେବ ଆଶୀର୍ବାଦ କେମିତି ରହିବ। ବହୁ ଭାବିଚିନ୍ତି କରିବାକୁ ପଡ଼ିବ। ଦେବତା କାହାକୁ ଛାଡ଼ନ୍ତି ନାହିଁ। ଅଶୌଚରେ ମନୁଷ୍ୟରେ ବାରଣ ଅଛି ମାତ୍ର ଦେବ ବାରଣ ନାହିଁ। ପ୍ରତ୍ୟେକ ନାଳରେ ପବନ ପଶୁଛନ୍ତି। ଅଗ୍ନୀରେ ଅନ୍ନ ପାକ ଜଳରେ ବରୁଣ ଗଙ୍ଗା। ଅଶୌଚ ଲୁଗାପଟା ସଫାରେ ସହାୟକ ସ୍ନାନ ଶୌଚରେ ଆବଶ୍ୟକ ସୂର୍ଯ୍ୟ ଦେବତାଙ୍କ କିରଣ ସମସ୍ତଙ୍କ ପରି ତାଙ୍କ ଉପରେ ପଡୁଛି। ଅଶୌଚ ଲୁଗା ସଫାରେ ତାଙ୍କ କିରଣ ପଡୁଛି। ଗୃହରେ ଦେବତା ଅଛନ୍ତି। ଆମର ସେ ପରିବାର ଭାବିଲେ ଆମର ସେ ଅଶୁଦ୍ଧିରେ ଅଶୁଦ୍ଧ ଶୁଦ୍ଧିରେ ଶୁଦ୍ଧି କେତେ ତାଙ୍କୁ ବର୍ଜନ ଠିକ ନୁହଁ। ପୁରୀ ଦଇତାଙ୍କର ଜଗନ୍ନାଥ ଭାଇ ଅଣସର ସମୟ ନବକଳେବର ସମୟରେ ଦଇତାଙ୍କର ଜନ୍ମ ମରଣ ଶୌଚ ଶୌଚରେ ଜଗନ୍ନାଥଙ୍କ ସେବା କେବେ ବନ୍ଦ ହୋଇନାହିଁ। ଘଟଗାଁ ମନ୍ଦିରରେ ଯେଉଁ ଦେହୁରୀ ପରିବାର ଅଛନ୍ତି ତାଙ୍କର ମୃତଶୌଚ ଜନ୍ମ ଶୌଚରେ ଦେବତା ମାଆ ପୂଜା ବନ୍ଦ ହୋଇନଥାଏ। ମନ୍ଦିର ସେବାୟତମାନେ ଶୌଚ ଏକ ୧୪ ଦିନର ହେବା ବେଳେ ପରେ ମନ୍ଦିରର ପୂଜାରେ ସବୁକ୍ଷେତ୍ରରେ ମୁତୟନ ହେଉଛନ୍ତି। ଦ୍ରୌପଦୀ ରାଣୀ ତାଙ୍କର ମାସିକ ସ୍ରାବ ବେଳେ ରାଜସଭାକୁ ଜୁଲମରେ ଆସି ଉଲଗ୍ନ କରାଯାଉଥିବା ବେଳେ ସେ ପରିବେଶରୁ ନିଜର ମାନରକ୍ଷା ପାଇଁ ଭଗବାନଙ୍କୁ କାତରରେ ଡାକିଛନ୍ତି ଭଗବାନ ତାଙ୍କ ଡାକ ଶୁଣି ବହୁ ବସ୍ତ୍ର ଦେଇ ମାନରକ୍ଷା କରିଛନ୍ତି। ଅତଏବ ସାର୍ବଜୀନୀ ମନ୍ଦିରକୁ ନଯାଇ ପାରନ୍ତି ହେଲେ ଗୃହଦେବତାଙ୍କୁ ପୂଜା କରିପାରନ୍ତି। ଗୁରୁ ନାମ କରିପାରନ୍ତି ମାନସ ପୂଜା କରିପାରନ୍ତି। ପଇସା ଓ ସୁବିଧା ଥିଲେ ଦୂର ମନ୍ଦିରକୁ ଯାଆନ୍ତୁ ନଥିଲେ ଦେବତା ବିରକ୍ତ ହେବେ ଏମିତି ନୁହଁ। ଆପଣ ଆତୁରରେ ଡାକନ୍ତୁ ଭକ୍ତିରେ କିଛି ନୈବେଦ୍ୟ ପ୍ରଦାନ କରନ୍ତୁ ନିଶ୍ଚେ ଠାକୁର ଗ୍ରହଣ କରିବେ। ଖୋଦ ଶଙ୍କରାଚାର୍ଯ୍ୟ ମାନସ ପୂଜା ଲେଖିଛନ୍ତି। ତାକୁ ଆବୃତ୍ତି ବାରମ୍ବାର କରନ୍ତୁ। ରାବଣ କେବେ ତାଣ୍ଡବ ରଚନା କରିଛନ୍ତି ଏଥିରେ ଯେଉଁ ୧୨ଟି ମୁଖ୍ୟସ୍ତୋତ୍ର ଅଛି ତାହା ରାଶିଚକ୍ରର ୧୨ ଭାବକୁ ପ୍ରଶମିତ ପାଇଁ ଲେଖା ପାଠ କରନ୍ତୁ ଦେଖନ୍ତୁ କିପରି ଫଳ ମିଳୁଛି।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ
ମୋ: ୯୪୩୭୦୩୧୨୫୩

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ଅଟୋପସି ରିପୋର୍ଟରେ ...

ମହିଳାଙ୍କ ପାଇଁ ସୁରକ୍ଷିତ ନଥିବା କହିବା ସହ ଗୃହମନ୍ତ୍ରୀ ଅମିତ ଶାହା ଓ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କୁ ଭେଟିବାକୁ ସମୟ ମାଗିଥିବା ଜଣାପଡିଛି । କୋଲକାତା ଘଟଣା ସାରା ଦେଶକୁ ଦୋହଲାଇଦେଇଛି । ନ୍ୟାୟ ଦାବି ଓ ଦୋଷୀଙ୍କୁ କଠୋର ଶାସ୍ତି ଏବଂ କାର୍ଯ୍ୟାଳୟରେ ମଜୁଭୁତ ସୁରକ୍ଷା ଦାବି କରି ଜୁନିୟର ଡାକ୍ତରଙ୍କ ଆନ୍ଦୋଳନ ଦିନକୁ ଦିନ ତେଜୁଛି । କୋଲକାତାର ଆକ୍ରୋଶର ନିଆଁ ସାରାଦେଶରେ ଦେଖିବାକୁ ମିଳୁଛି। ଡାକ୍ତରଙ୍କ ଲୋମହର୍ଷଣକାରୀ ଦୁଷ୍କର୍ମ ଓ ହତ୍ୟା ମାମଲା ସହ ଯୋଡି ହୋଇଛି ୨୩ବର୍ଷ ପୁରୁଣା ଆଉ ଏକ ମାମଲା ।୨୦୦୧ରେ ହଷ୍ଟେଲର ଜଣେ ଛାତ୍ରଙ୍କ ଆତ୍ମହତ୍ୟା ଘଟଣା ସେହି ସମୟରେ ଚହଳ ପକାଇଥିଲା ।ସେହି ସମୟରେ ଆରଜି କଲେଜରେ ସେକ୍ସ ରାକେଟ ଚାଲୁଥିବା ଅଭିଯୋଗ ମଧ୍ୟ ହୋଇଥିଲା । ଏବେ ପ୍ରଶ୍ନ ଉଠୁଛି ସେହି ମାମଲା ଆତ୍ମହତ୍ୟା ଥିଲା ହତ୍ୟା ? ଯେଉଁଭଳି ଭାବେ ମହିଳା ଡାକ୍ତରଙ୍କ ମାମଲାକୁ ଆତ୍ମହତ୍ୟା ରୂପ ଦେଇ ପ୍ରଥମେ ଚପାଇବାକୁ ଉଦ୍ୟମ କରାଯାଇଥିଲା ଠିକ ସେଭଳି କିଛି ଘଟିଥିଲା କି ୨୦୦୩ରେ ?

### ସ୍ପଷ୍ଟ କଲେ ଆଇନ୍ ...

କଲେଜ ଇଲେକ୍ସନ ସ୍ଥଗିତ ରହିଛି। ଶେଷଥର ପାଇଁ ୨୦୧୭ ମସିହାରେ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ହୋଇଥିଲା। ତା'ପର ବର୍ଷଠୁ ଅର୍ଥାତ୍ ୨୦୧୮ ପରଠୁ ଆଉ କଲେଜ ଭୋଟ୍ ହୋଇନି। ତା'ସହ ସେବେଠୁ ଛାତ୍ର ନେତା ବାହାରିବା ପ୍ରକ୍ରିୟା ଠପ୍ ହୋଇଯାଇଛି। ଫଳରେ ଛାତ୍ର ରାଜନୀତିରୁ କ୍ୟାରିୟର ଆରମ୍ଭ କରି ଆଗକୁ ନେତା ହେବାର ସ୍ୱପ୍ନ ଦେଖୁଥିବା ଯୁବଗୋଷ୍ଠୀଙ୍କୁ ଝଟକା ଲାଗିଛି। ଏହାଛଡ଼ା ଛାତ୍ର ଜୀବନରେ ଭୋଟର ହୋଇ ନେତା ବାଛିବାର ଅଭିଜ୍ଞତା ଓ ଅନୁଭବ ମଧ୍ୟ ହରାଇଛନ୍ତି କଲେଜ ପିଲା। ଯେହେତୁ ବିଜେଡି ସରକାରର ପତନ ହୋଇଛି ଓ ରାଜ୍ୟର ବିଜେପି ନୂଆ ସରକାର ଗଠନ କରିଛି। ତେଣୁ ଏବର୍ଷ କ୍ୟାଂପସ ପଲିଟିକ୍ସର ଆଶା ବାନ୍ଧିଥିଲେ ବହୁ ଛାତ୍ର ସଂଗଠନ। ସେପଟେ କଲେଜ ନିର୍ବାଚନ ବନ୍ଦ ଘୋଷଣା ଉପରେ ବିଜେଡି ଆକ୍ଷେପ କରି କହିଛି, ହାରିବା ସୁନିଶ୍ଚିତ ଜାଣି ଛାତ୍ର ସଂସଦର ନିର୍ବାଚନରୁ ପଛଘୁଞ୍ଚା ଦେଇଛି ବିଜେପି। ସେହିପରି କଂଗ୍ରେସ ମଧ୍ୟ ରାଜ୍ୟ ସରକାରଙ୍କୁ ଏ ପ୍ରସଙ୍ଗରେ ନିଶାନା କରିଛି। ତେଣେ ଏବିଭିପି କହିଛି, ରାଜ୍ୟର ୩୬୮ କଲେଜରେ ଅଖିଳ ଭାରତୀୟ ଛାତ୍ର ବିଦ୍ୟାର୍ଥୀ ପରିଷଦ ନିର୍ବାଚନ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଯେହେତୁ ଏବର୍ଷର ଶିକ୍ଷା କ୍ୟାଲେଣ୍ଡର ଆସିନାହିଁ, ତେଣୁ ସରକାର କଲେଜ ଇଲେକ୍ସନ ବନ୍ଦ ନକରିବାକୁ ପରିଷଦ ଦାବି ରଖିଛି।

### ଭୁବନେଶ୍ୱର, କଟକ ପରେ...

ବ୍ୟବସାୟ କରୁଥିଲା। ତା' ଭିତରେ ମାଷ୍ଟରମାଇଣ୍ଡ ଆଶାଦ୍ଦୁରକୁ ଭେଟିବା ପରେ ସିମ୍ ବକ୍ସ ଜାଲରେ ପଡ଼ିଥିଲା। ଡିଲ୍ ପରେ ବୈଧ ଭିସାରେ ଗତ ଅକ୍ଟୋବରରେ ଅଗରତାଲା ଦେଇ ଭାରତ ଆସିଥିଲା ଆଶାଦ୍ଦୁର। ପରେ ଡିସେମ୍ବରରେ କଟକ ଓ ଭୁବନେଶ୍ୱର ଆସି ରାଜୁ ନାଁରେ ଘରଭଡ଼ା ନେବା ସହ ସ୍ଥାପନ କରିଥିଲା ସିମବକ୍ସ ନେଟୱର୍କ। ଭୁବନେଶ୍ୱର ଆସିଥିବା ବେଳେ ଆଶାଦ୍ଦୁର ଲିଙ୍ଗରାଜ ହୋଟେଲରେ ରହିଥିଲା। ଏନେଇ ପୁଲିସକୁ ସୂଚନା ଦେଇଛି ରାଜୁ। ଆଜି ଏହି ହୋଟେଲରେ ଛାନଭିନ କରିଛି ପୁଲିସ। ତେବେ ସେଠାରୁ ସେଭଳି କିଛି ତଥ୍ୟ ପାଇନି। ତା'ହେଲେ କ'ଣ ଆତ୍ମଗୋପନ କରି ଏହି ହୋଟେଲରେ ରହୁଥିଲା କି ଆଶାଦ୍ଦୁର ଫେକ୍ ଡକ୍ୟୁମେଣ୍ଟ ଦେଇ ରହୁଥିଲା କି ? କୌଣସି ବିଦେଶୀ ଭାରତ ଆସି ଯଦି ହୋଟେଲ କିମ୍ବା ଯାତ୍ରୀ ନିବାସରେ ରହିବେ, ତେବେ ଫର୍ମ-ସି ଅନୁସାରେ ପୁଲିସକୁ ବିସ୍ତୃତ ତଥ୍ୟ ଦେବେ। ତେବେ କେଉଁ ଆଧାରରେ ଜଣେ ବିଦେଶୀ ହୋଇ ଏଇଠି ରହୁଥିଲା ବାଂଲାଦେଶର ଆଶାଦ୍ଦୁର? ତା' ଭଳି ଆଉ କେହି ବାଂଲାଦେଶୀ ଭୁବନେଶ୍ୱରରେ ଆତ୍ମଗୋପନ କରିଛନ୍ତି କି? ସେ ନେଇ ନାନା ପ୍ରଶ୍ନ ଉଠୁଥିବାବେଳେ ଏହି ହୋଟେଲର ରେଜିଷ୍ଟ୍ରାର, ଲେଜର ବୁକ୍ ସିଜ୍ ସହ ସିସିଟିଭି ଫୁଟେଜ ମାଗି ତଦନ୍ତ କରୁଛି ପୁଲିସ।

### ରକ୍ତରେ ଭିଜିଲା ରାକ୍ଷୀ...

ଶୁଣି ପରିବାର ଲୋକେ ଉପର ମହଲାକୁ ଧାଇଁ ଯାଇଥିଲେ। ସେତେବେଳେ ଚଟାଣରେ ରକ୍ତ ଜୁଡୁବୁଡୁ ହୋଇ ପଡ଼ିଥିଲେ ପ୍ରଯୋକ୍ତା ଓ ଆୟୁଷ୍ମାନ। ଉଭୟଙ୍କ ଶରୀରରେ ବିଭିନ୍ନ ସ୍ଥାନରେ ଛୁରୀ ମାଡ଼ ହୋଇଥିଲା। ହେଲେ ନଥିଲେ ଆଶୁତୋଷ। ସିଏ କୁଆଡ଼େ ଉଉଣୀ ଓ ଭାଇକୁ ଛୁରା ମାଡ଼ କରି ଚମ୍ପଟ ମାରିଛନ୍ତି। ପରିବାର ଲୋକ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପ୍ରଯୋକ୍ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଆୟୁଷ୍ମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଉଦ୍‌ବେଗଜନକ ରହିଛି। ଡାକ୍ତରଙ୍କ ପରାମର୍ଶରେ ଆୟୁଷ୍ମାନଙ୍କୁ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ କରାଯାଇଛି। ଖବର ପାଇ ବଡ଼ବଜାର ଥାନା ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରାକ୍ଷୀ ପୂର୍ଣ୍ଣିମା ପରି ପବିତ୍ର ଦିନରେ କେଉଁ କାରଣରୁ ଛୁରା ମାଡ଼ ହେଲା, ତାହା ଉପରେ ପୁଲିସ୍ ତଦନ୍ତ ଚଳାଇଛି। ସେପଟେ ଛୁରା ମାଡ଼ କରି ଆଶୁତୋଷ ମାରିବାକୁ ଚେଷ୍ଟା କରୁଥିଲା। ହେଲେ ହିଞ୍ଜିଳିକାଟୁ ପୋଚିଲିମା ନିକଟରେ ଏକ ବସ୍ ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଗୁରୁତର ଆହତ ହୋଇ ରାସ୍ତା ପାର୍ଶ୍ୱରେ ପଡ଼ିଥିଲା ଆଶୁତୋଷ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୁଲିସ୍ ତାକୁ ଉଦ୍ଧାର କରି ମେଡ଼ିକାଲ୍‌ରେ ଭର୍ତ୍ତି କରିଛି।

### ବିଲରେ ବାଇକ୍ ସହ...

ଭିତରେ ବାଇକ୍ ଦେଖିଥିଲେ । ଏହାପରେ ପାଣି ଭିତରେ ଖୋଜାଖୋଜି କରିବାରୁ ଦୁଇ ଯୁବକଙ୍କୁ ଦେଖିବାକୁ ପାଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଏ ନେଇ ପୁଲିସ୍ କୁ ଜଣାଇବା ପରେ ଘଟଣା ସ୍ଥଳରେ ପୁଲିସ ଏବଂ ଦମକଳ ବାହିନୀ ପହଞ୍ଚି ଦୁଇ ଯୁବକଙ୍କୁ ମୃତ ଅବସ୍ଥାରେ ପାଣି ଭିତରୁ ଉଦ୍ଧାର କରିଥିଲେ। ଦୁଇ ଯୁବକଙ୍କ ପରିଚୟ ମିଳିପାରିନି। ପାରିପାର୍ଶ୍ୱିକ ସ୍ଥିତିରୁ ଦୁଇ ଯୁବକଙ୍କ ବାଇକ୍ ରାସ୍ତା କଡ଼ରେ ଥିବା ଏକ ଖଜୁରୀ ଗଛରେ ଧକ୍କା ହୋଇ ବିଲକୁ ଛିଟିକି ଥାଇପାରେ ବୋଲି ଅନୁମାନ କରାଯାଉଛି। ଏହାପରେ ଉଭୟ ଯୁବକଦ୍ୱୟ ବିଲ ପାଣିରେ ବୁଡ଼ି ଯାଇଥିବା ବେଳେ ସେଠାରେ ଉଭୟଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ଏହି ଘଟଣା ଗତକାଲି ବିଳମ୍ବିତ ରାତିର ବୋଲି ଅନୁମାନ କରାଯାଉଛି। ପୁଲିସ୍ ଗାଡି ନମ୍ବର ଯାଞ୍ଚ କରି ଦୁଇ ମୃତକଙ୍କ ପରିଚୟ ପାଇବାକୁ ଚେଷ୍ଟା କରୁଛି। ମୃତ ଯୁବକଦ୍ୱୟ ଆଖପାଖ ଅଞ୍ଚଳର ହୋଇ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି।

### ଜମି ଦୁର୍ନୀତି ବିବାଦ: କର୍ଣ୍ଣାଟକା ...

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତରବରିଆ ଭାବେ ନିର୍ଦ୍ଦେଶ ଦେବା ଭଳି ଜଣାପଡୁଥିବା କୋର୍ଟ କହିଛନ୍ତି। ଶୁଣାଣି ବେଳେ ସିଦ୍ଦରମୈୟାଙ୍କ ଓକିଲ ଅଭିଷେକ ମନୁ ସିଙ୍ଘଭୀ କହିଥିଲେ ଯେ ଯେମିତି କୌଣସି ପ୍ରକାରର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ, ତା'ର ନିର୍ଦ୍ଦେଶ ଦିଅନ୍ତୁ। ରାଜ୍ୟପାଳଙ୍କ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଅନୁମତି କର୍ଣ୍ଣାଟକାର ନିର୍ବାଚିତ ସରକାରଙ୍କୁ ଅସ୍ଥିର କରିବା ପାଇଁ ଚାଲିଥିବା ଉଦ୍ୟମର ଅଂଶବିଶେଷ। ୧୨ରୁ ୧୫ଟି ଅଭିଯୋଗ ମଧ୍ୟରୁ ରାଜ୍ୟପାଳ ନିର୍ଦ୍ଦିଷ୍ଟ ଭାବେ ଏହି ଘଟଣାକୁ ବିଚାରକୁ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁମତି ଦେଇଥିବା ସିଙ୍ଘଭୀ ଯୁକ୍ତି ରଖିଥିଲେ। ଏହାକୁ ଶୁଣିବା ପରେ ପରେ କୋର୍ଟ ସିଦ୍ଦରମୈୟାଙ୍କୁ ୨୯ ତାରିଖ ଯାଏ ଆଶ୍ୱସ୍ତି ଦେଇଛନ୍ତି। କର୍ଣ୍ଣାଟକରେ ମହୀଶୂର ନଗର ଉନ୍ନୟନ ପ୍ରାଧିକରଣ (ମୁଦା) ଦ୍ୱାରା ଜମି ଆବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ ରହିଛି। ଏହି ଅନିୟମିତତାରୁ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟାଙ୍କ ପତ୍ନୀ ପାର୍ବତୀ ଫାଇଦା ପାଇଛନ୍ତି। ୨୦୨୧ ମସିହାରେ ମୁଦା ବିକାଶ ପାଇଁ ମହୀଶୂରର କେସାରେ ଗାଁରେ ପାର୍ବତୀଙ୍କର ୩ ଏକର ଜମି ଅଧିଗ୍ରହଣ କରିଥିଲା। ପ୍ରତିବଦଳରେ ତାଙ୍କୁ ଦକ୍ଷିଣ ମହୀଶୂରର ଅଧିକ ଉନ୍ନତ ବିଜୟନଗର ଅଞ୍ଚଳରେ ଅନ୍ୟାନ୍ୟ ପ୍ଲଟ୍ ଦିଆଯାଇ ଥିଲା। ବିଜୟନଗର ପ୍ଲଟଗୁଡ଼ିକର ବଜାର ମୂଲ୍ୟ କେସାରେଠାରେ ଥିବା ମୂଳ ଜମି ତୁଳନାରେ ଯଥେଷ୍ଟ ଅଧିକ। ଏନେଇ କର୍ଣ୍ଣାଟକ ଦୁର୍ନୀତି ନିବାରଣ ଓ ପରିବେଶ ଫୋରମର ସଭାପତି ଟିଜେ ଆବ୍ରାହମ ରାଜ୍ୟପାଳଙ୍କ ନିକଟରେ ଅଭିଯୋଗ ଦାଖଲ କରିଥିଲେ।

### ଆଳୁ ପରେ ପିଆଜ...

ସାଧାରଣ ଖାଉଟିଙ୍କୁ ଚିନ୍ତାରେ ପକାଇଲାଣି ଏହି ଦର । ହାଟରେ ବା ଛୋଟ ଛୋଟ ଦୋକାନରେ ପିଆଜ କିଲୋ ପିଛା ୫୦ ରୁ ୫୫ ଟଙ୍କା ବିକ୍ରି ହେଉଥିବାବେଳେ ଗୋଦାମରେ ପିଆଜ କିଲୋ ମାତ୍ର ୩୭ଟଙ୍କା ରହିଛି । ଏହି ଦର ହେଉଛି ଭୁବନେଶ୍ୱର ଆଇଗିଣିଆ ଗୋଦାମର । ଭୁବନେଶ୍ୱର ଏକ ନମ୍ବର ହାଟକୁ ଏହି ଗୋଦାମରୁ ଯାଉଛି ପିଆଜ । ଆଇଗିଣିଆରୁ ଏକ ନମ୍ବର ହାଟର ଦୂରତା ମାତ୍ର ୧୨ କିଲୋମିଟର ହୋଇଥିବାବେଳେ ପିଆଜ କିଲୋ ପିଛା ୧୩ ଟଙ୍କାରୁ ଅଧିକ ନେଉଛନ୍ତି ଖୁଚୁରା ବ୍ୟବସାୟୀ। ଆଳୁ ଦର ବଢ଼ିଲାବେଳକୁ ରାଜ୍ୟରେ ହେଲା ତୁମ୍ବି ତୋଫାନ । ଚର୍ଚ୍ଚା ବଢ଼ିଲାବେଳକୁ ଖାଦ୍ୟ ଓ ଯୋଗାଣ ବିଭାଗବି ଚଢାଉ କଲେ । କିନ୍ତୁ ଏହାରି ଭିତରେ ବଢ଼ିଗଲାଣି ପିଆଜ ଦର । ଆଳୁ ଏବେ ବଜାରରେ ଚାଳିଶ ଟଙ୍କା ଥିବାବେଳେ ପିଆଜ ଦର ଗ୍ରାହକଙ୍କୁ କନ୍ଦାଇବା ଆରମ୍ଭ କଲାଣି। ପ୍ରଶ୍ନ ଉଠୁଛି, ଅତ୍ୟାବଶ୍ୟକ ସାମଗ୍ରୀ ଆଳୁ , ପିଆଜ ପାଇଁ କେତେ ଦିନ କାନ୍ଦିବେ ଲୋକେ ।

### ଯୁଦ୍ଧ ଭିତରେ ପ୍ରଥମଥର...

ଦେଶକୁ ଯାଉଥିବା ଲାଲ ସୂଚନା ଦେଇଛନ୍ତି। ୟୁକ୍ରେନରେ ସେ ଜେଲନସ୍କିଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ। ରୁଷର ଘନଘନ ଆକ୍ରମଣ ସତ୍ତ୍ୱେ ଭାରତ କେଉଁ ଭଳି ୟୁକ୍ରେନକୁ ମାନବୀୟ ସହାୟତା ଯୋଗାଇ ଆସୁଛି ଓ ଆଗକୁ ମଧ୍ୟ ନୂଆଦିଲ୍ଲୀ କ'ଣ ସବୁ ସହାୟତା କରିବ, ସେ ବିଷୟରେ ମୋଦି ରାଷ୍ଟ୍ରପତି ଜେଲେନସ୍କିଙ୍କ କଥା ହେବେ। ରୁଷ ସେନା ୨୦୨୨ରୁ ୟୁକ୍ରେନ ଉପରେ ଆକ୍ରମଣ ଜାରି ରଖିଛି। ୟୁକ୍ରେନ ଗୋଟିଏ ଛୋଟିଆ ଦେଶ ହୋଇଥିଲେ ମଧ୍ୟ ଅଢ଼େଇ ବର୍ଷ ହେଲାଣି ରୁଷର ମୁକାବିଲା କରି ଚାଲିଛି। ରୁଷ ଆକ୍ରମଣ କରୁଥିବାରୁ ପଶ୍ଚିମ ଦେଶ ଗୁଡ଼ିକ ମସ୍କୋ ସହ ସବୁ ପ୍ରକାରର କଟକଣା ଲଗାଇଛନ୍ତି। କିନ୍ତୁ ଭାରତ ଓ ଚାଇନା ଭଳି ଦେଶ ରୁଷ ସହ କୌଣସି ପ୍ରକାରର ବ୍ୟବସାୟ ବନ୍ଦ କରି ନାହାନ୍ତି। ସେହିପରି ଯୁଦ୍ଧ ପାଇଁ ଭାରତ କେବେ ହେଲେ ସିଧାସଳଖ ରୁଷକୁ ଦାୟି କରିନାହିଁ।

ମଙ୍ଗଳବାର, ୨୦ ଅଗଷ୍ଟ , ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଦିନମଜୁରିଆଙ୍କୁ ଆଡ଼ ଆଖି: ୫ କିଗ୍ରା ଚାଉଳକୁ ୫ ସଦସ୍ୟ, ପଲିଥିନ ତଳେ ବିତୁଛି ରାତି

ଉଦଳା, ୧୯/୮ (ନି.ପ୍ର): ଉଦଳା ବ୍ଲକର ବହୁବନ୍ଧ ପଂଚାୟତ ଅନ୍ତର୍ଗତ ନାବରା କଲୋନି ଗ୍ରାମର ଦୃଶ୍ୟ। ଉକ୍ତ ଗ୍ରାମର ବାସିନ୍ଦା ରବିନ୍ଦ୍ର ନାଥ ପରିଡ଼ା ଓ ତାଙ୍କର ସହଧର୍ମିଣୀ ମମତା ପରିଡ଼ା ଦିନମଜୁରିଆ ଭାବରେ କାମ କରି ନିଜ ପରିବାରର ଦୈନନ୍ଦିନର ଗୁଜୁରାଣ ମେଂଟାଉଛନ୍ତି । ଆବାସ ଯୋଜନାରେ ଘର ମିଳିନଥିବାରୁ ପୁରୁଣା ଘରେ ପଲିଥିନ ପକାଇ ରାତି ବିତାଉଛନ୍ତି । ପିଲା ମାନଙ୍କୁ ମିଶାଇ ପରିବାରର ମୋଟ ସଦସ୍ୟ ୫ ଜଣ ହୋଇଥିବା ବେଳେ ରାସନ କାର୍ଡ଼ରେ ମାସକୁ ମାତ୍ର ୫ କିଗ୍ରା ଚାଉଳ ମିଳୁଛି । ସରକାର ମୁଣ୍ଡପିଛା ୫ କିଗ୍ରା ଚାଉଳ ପ୍ରଦାନ କରୁଥିବା ବେଳେ ଏହି ପରିବାରକୁ ମାସିକ ମୋଟ ୨୫ କିଗ୍ରା ଚାଉଳ ମିଳିବା କଥା । ପରିବାରର ସମସ୍ତଙ୍କର ଆଧାର କାର୍ଡ଼ ଥିବା ସତ୍ୱେ ଏହି ପରିବାରଟି କାହିଁକି ଚାଉଳ ପାଇବାରୁ ବଂଚିତ ହେଉଛି ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଦିନେ କାମକୁ ନଗଲେ ଘରେ ଚୁଲି ଜଳୁନଥିବା ଏହିଭଳି ଏକ ଗରିବ ପରିବାରକୁ ଚାଉଳ ତୁରନ୍ତ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବାର କଥା ପରିବାରର ଲୋକେ ଜଣାଇଛନ୍ତି ।



# ମହାନଦୀ କୋଲଫିଲ୍ଡସ ଲିମିଟେଡ୍ ଦେଶଭକ୍ତିର ଭାବନା ଏବଂ ଉତ୍ସାହ ସହିତ ୭୮ତମ ସ୍ୱାଧିନତା ଦିବସ ପାଳିତ

ଭୁବନେଶ୍ୱର, ୧୯/୮ (ନି.ପ୍ର): ଏମସିଏଲର ଅଧ୍ୟକ୍ଷ ସହ ପ୍ରବନ୍ଧନିର୍ଦ୍ଦେଶ ଶ୍ରୀ ଉଦୟ ଅନନ୍ତ କାଓ୍ୱଲେ ପତାକା ଉତୋଳନ କରି ସୁରକ୍ଷା କର୍ମୀ, ଏନସିସି, ସ୍କାଉଟ ଏବଂ ଗାଇଡ୍ ଓ ବିଭିନ୍ନ ବିଦ୍ୟାଳୟ ର ୧୭ ମାର୍ଚ୍ଚିଙ୍ଗ କଂଟିଜେଂଟ୍ ତରଫରୁ ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ଶ୍ରୀ କେଶବ ରାଓ, ନିର୍ଦ୍ଦେଶକ (କାର୍ମିକ), ଶ୍ରୀ ପି କେ ପଟେଲ, ମୁଖ୍ୟ ସତର୍କତା ଅଧିକାରୀ, ଶ୍ରୀ ଜେ କେ ବୋରା, ନିର୍ଦ୍ଦେଶକ (ଟେକନିକ/ସଂଚାଳନ), ଶ୍ରୀ ଏ କେ ବେହୁରା, ନିର୍ଦ୍ଦେଶକ (ଅର୍ଥ) ଏବଂ ଶ୍ରୀ ଏ ଏସ ବାପଟ, ନିର୍ଦ୍ଦେଶକ (ଟେକନିକ/ଯୋଜନା ଏବଂ ପରିଯୋଜନା) ଉପସ୍ଥିତ ଥିଲେ । ଏହି ସ୍ୱତନ୍ତ୍ରତା ଦିବସ ଅବସରରେ ଶ୍ରୀ କାଓ୍ୱଲେ, ସିଏମଡି ସ୍ୱାଧିନତା ସେନାମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ଏବଂ ମାନନୀୟ ଜନପ୍ରତିନିଧି, ରାଜ୍ୟ ପ୍ରଶାସନ, ପ୍ରେସ/ମେଡିଆ, ଠିକାଦାର ଓ ଶ୍ରମିକ ଏବଂ ପାଖ ଗାଁ ର ଲୋକ ମାନଙ୍କୁ ଶୁଭକାମନା ଜଣାଇଥିଲେ । ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଦେଶଭକ୍ତି ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ରଂଗ ଭରି ଦେଇଥିଲା । ଶ୍ରୀ କାଓ୍ୱଲେ, ସିଏମଡି ବିଶ୍ୱ ପାର୍ଯ୍ୟାବରଣ ଦିବସ ଅବସରସରେ 'ଆୱାର ଲେଣ୍ଡ, ଆୱାର ଫ୍ୟୁଚର। ଉଇ ଆର ଜେନେରେସନ ରିଷ୍ଟୋରେସନ' ନିମ୍ନ ଗଛ ବୃକ୍ଷରୋପଣ ଅଭିଯାନ ର ଶୁଭାରମ୍ଭ କରିଥିଲେ ଓ ଏହାର ମହତ୍ୱ କହିଥିଲେ ।




# ସରକାର ଗ୍ରାମାଞ୍ଚଳରେ କରତକଳ ପାଇଁ ଅନୁମତି ଦେବା ଦାବି ଜୋର ଧରିଲା

ଲଙ୍ଗଳେଶ୍ୱର, ୧୯/୮ (ନି.ପ୍ର): ବାଲିଆପାଳ ବ୍ଲକରେ ସରକାରୀ ସ୍ୱୀକୃତି ପ୍ରାପ୍ତ କରତକଳ ନ ଥିବାରୁ ନିଜ ଗୃହ କାର୍ଯ୍ୟ ପାଇଁ ହେଉ କି ଝିଅ ବାହାଘର ପାଇଁ କାଠ ପାଇବା ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅଭିଯୋଗ ହେଉଛି। ସରକାରୀ କରତକଳ ନ ଥିବାରୁ କେତେକ ସ୍ଥାନରେ ଚୋରାରେ କରତକଳ ମାନ ସ୍ଥାପନ ହୋଇଥିଲା। ଯାହାଫଳରେ ଲୋକମାନେ କିଛି ମାତ୍ରାରେ କାର୍ଯ୍ୟ ଚଳାଇ ପାରୁଥିଲେ। ମାତ୍ର ବେଆଇ କରତକଳ ଗୋଡିକୁ ଚଢାଓ କରି ଫରେଷ୍ଟ ବିଭାଗ ତାଙ୍କ ସମସ୍ତ ଯନ୍ତ୍ରପାତିକୁ ସିଜ କରିନେବା ଫଳରେ ଆଉ କେହି ବିନା ଅନୁମତିରେ କରତକଳ କରିବାକୁ ସାହସ ଜୁଟାଇ ପାରୁ ନାହାନ୍ତି।କାରଣ ବ୍ୟୟ ବହୁଳ କରତକଳର ଥରେ ଯନ୍ତ୍ରପାତି ସିଜ ହେଲାବେଳକୁ ସେମାନଙ୍କ ମେରୁଦଣ୍ଡ ଭାଙ୍ଗି ପଡୁଛି। ଯାହା ଫଳରେ ଆଉକେହି କରତକଳ ବସାଇବାକୁ ଇଚ୍ଛା ପ୍ରକାଶ କରୁ ନାହାନ୍ତି।ଲୋକଙ୍କ ନୂତନ ଗୃହ କାମ ପାଇଁ କବାଟ, ଝରକା,ଚଉକାଟ ବନ୍ଧ ଏପରିକି କାଠ ଫର୍ଣ୍ଣିଚର ପାଇଁ କାଠର ଆବଶ୍ୟକତା ଜରୁରୀ।ସେହିପରି ଝିଅ ବାହାଘର ପାଇଁ ପଲଙ୍କ,ଆଲନା,ଡ୍ରେସିଂ ଟେବୁଲ ଇତ୍ୟାଦି ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକମାନେ। ଯଦି ସରକାର ବେଆଇନ କରତକଳ ସିଜ କରୁଛନ୍ତି ତାହା ସ୍ୱାଗତଯୋଗ୍ୟ ପଦକ୍ଷେପ। ସରକାର କେତେକ ଗଛ ନ କାଟିବା ପାଇଁ ନିୟମ କରିଛନ୍ତି।ମାତ୍ର ଯେଉଁ ଗଛ କାଟିବା ପାଇଁ ଅନୁମତି ଅଛି ସେ ଗଛ ଗୋଡିକ ଲୋକମାନେ କିପରି କାଟିବେ।ଏଥିପାଇଁ ଗୁରୁତର ଭାବରେ ବିଚାର କରିବାର ଆବଶ୍ୟକତା ରହିଛି ବୋଲି ଦାବୀ ହେଉଛି। ଏଦିଗରେ ସରକାରୀ ସ୍ୱୀକୃତି ପ୍ରାପ୍ତ କରତକଳ ବସାନ୍ତୁ ବୋଲି ସରକାରଙ୍କ ଠାରେ ବାଲିଆପାଳ ଅଞ୍ଚଳର ଜନ ସାଧାରଣ ଦାବୀ କରିଛନ୍ତି। ସରକାର ଏ ଦିଗରେ ପଦକ୍ଷେପ ନ ନେଲେ ଜନ ସାଧାରଣ ରାଜରାସ୍ତାକୁ ଓହ୍ଲାଇବେ ବୋଲି ନରୋତ୍ତମ ଦାସ,ଦିବ୍ୟନାଥ ଜେନା, ରସିଦ ସାହା,ସୁରଜ ସାନ୍ତରା, ପ୍ରଶନ୍ନ ବେହେରା, ବୁଦ୍ଧିଆ ସାନ୍ତରା, ସନ୍ୟାସୀ ସାହୁ, ବୁଲୁ ସାନ୍ତରା, ରାଜକିଶୋର ପାଳ, ଗନ୍ଧରୁଦ୍ଧନ ସାହା, ଇନ୍ଦୁରୁଦ୍ଧନ ସାହା, ପ୍ରମୁଖ ଚେତାବନୀ ଦେଇଛନ୍ତି।



# ଭାଇ ଭଉଣୀ ସଂପର୍କର ସେତୁ ରାକ୍ଷୀ



ଲଙ୍ଗଳେଶ୍ୱର, ୧୯/୮ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିର ରେ ଆଜି ସକାଳୁ ଶିଶୁ ମନ୍ଦିରର ଛାତ୍ରଛାତ୍ରୀ, ଗୁରୁଜୀ, ଗୁରୁ ମା, ଅତିଥି ମାନଙ୍କୁ ନେଇ ରକ୍ଷା ବନ୍ଧନ ଉତ୍ସବ ଅତି ଆନନ୍ଦ ଉଲ୍ଲାସରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଆମ ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଅନୁଯାୟୀ ସମସ୍ତ ଛାତ୍ରୀ ସେମାନଙ୍କ ର ଭାତୃ ତୁଲ୍ୟ ଛାତ୍ର ମାନଙ୍କ ହାତରେ ଭକ୍ତିର ସହିତ ରକ୍ଷାବନ୍ଧନ କରିଥିଲେ। ଏହି ଉତ୍ସବ ଟି କେବଳ ଭାଇ ଭଉଣୀ ର ପବିତ୍ର ସ୍ନେହର ବନ୍ଧନ ନୁହେଁ, ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧି ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଭଗବାନଙ୍କ ଠାରେ ପ୍ରାର୍ଥନା କରିଥାଏ। ପ୍ରତିବଦଳରେ ଭାଇ ତା'ର ଭଉଣୀ କୁ ପ୍ରତ୍ୟେକ ବିପଦରୁ ଉଦ୍ଧାର କରିବା ପାଇଁ ପ୍ରତିଶୃତି ବଦ୍ଧ ହୋଇଥାଏ। ଉତ୍ସବ ରେ ମୁଖ୍ୟ ଅତିଥି ଭାବରେ ସିଆରସିସି ବସନ୍ତ କୁମାର ରାଉତ, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ, ଗୁରୁଜୀ ଗଦାଧର ବେହେରା, ନିଆସି ରଣଜିତ,ସାମ୍ବାଦିକା ପ୍ରତିମା ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ବେହେରା ଉତ୍ସବ ରେ ସଭାପତିତ୍ୱ କରିଥିଲେ। ଶିଶୁ ମନ୍ଦିରର ସମ୍ପାଦକ ରଞ୍ଜନ କୁମାର ବେହେରା ନିଜ ବକ୍ତବ୍ୟରେ କହିଥିଲେ ରାକ୍ଷୀ ହେଉଛି ଭାଇ ଭଉଣୀ ର ପବିତ୍ର ସମ୍ପର୍କର ସାକ୍ଷୀ। ଗୁରୁଜୀ ପରମାନନ୍ଦ ପରିଡ଼ା, ଧରଣୀଧର ନାୟକ ଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ପରିଚାଳନା ହୋଇଥିଲା। ଗୁରୁଜୀ ଗୁରୁ ମା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବଜ୍ରପାତରେ ପ୍ରାଣ ହରାଇଲେ ଶ୍ରମିକ

ଖଇରା, ୧୯/୮ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ସାଇଁ ଗ୍ରାମ ନିକଟରେ ବିଲରେ କାମ କରୁଥିବା ବେଳେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ନାମ ଡୁରେକ ଜାରିକା । ଘର ମୟୁରଭଞ୍ଜ ଜିଲାର ଡାହିସାହି ଗ୍ରାମରେ । ସେ ସୋମବାର କାମ କରିବାକୁ ସଇଁ ଆସିଥିବା ବେଳେ ବଜ୍ରପାତରେ ଗୁରୁତର ହୋଇ ପଡିଥିଲେ । ଆମ୍ବୁଲାନ୍ସ ଯୋଗେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ ।

# ପୁଣି ଦେଖା ଦେଇପାରେ ଆଳୁ ସଂକଟ

ଭୁବନେଶ୍ୱର, ୧୯/୮ (ନି.ପ୍ର): ରାଜ୍ୟରେ ପୁଣି ଦେଖା ଦେଇପାରେ ଆଳୁ ସଂକଟ । ବ୍ୟବସାୟୀ ମହାସଂଘ ସାଧାରଣ ସମ୍ପାଦକ ସୁଧାକର ପଣ୍ଡା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ବର୍ତ୍ତମାନ ଗଚ୍ଛିତ ଥିବା ଆଳୁ ଆଗାମୀ ୩ ଦିନ ମଧ୍ୟରେ ସରିଯିବ । ପଶ୍ଚିମ ବଙ୍ଗ ଆଳୁ ବ୍ୟବସାୟୀ ଓ ଶୀତଳଭଣ୍ଡାର ମାଲିକ ଧର୍ମଘଟ ଧମକ ଦେଇଛନ୍ତି । କାଲି ସୁଦ୍ଧା ସମାଧାନ ନ ହେଲେ ଆଳୁ ଆସିବା ବନ୍ଦ ହୋଇଯିବ । ଅନ୍ୟପଟେ ଗତକାଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ ଉତରପ୍ରଦେଶରୁ ଟ୍ରେନ୍ ଯୋଗେ ଓଡ଼ିଶା ଆଳୁ ଆସିବ।

# ଶାନ୍ତିକାନନରେ ସ୍ୱଭାବକବି ଗଙ୍ଗାଧର ମେହେର ଜୟନ୍ତୀ ପାଳନ

ବାଲେଶ୍ୱର, ୧୯/୮ (ନି.ପ୍ର): ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଫକୀରମୋହନ ସାହିତ୍ୟ ପରିଷଦ ମିଳିତ ଆନୁକୂଲ୍ୟରେ ସୋମବାର ସନ୍ଧ୍ୟାରେ କବିତୀର୍ଥ ଶାନ୍ତିକାନନଠାରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ସୁସାହିତ୍ୟିକା ତଥା 'ପରିଚୟ' ପତ୍ରିକାର ସଂପାଦିକା ସୁଶ୍ରୀ ଅରୁଣା ରାୟ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅତିଥିମାନଙ୍କ ସମେତ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ପରିଷଦର ମହିଳା ସଦସ୍ୟାମାନେ ରକ୍ଷାବନ୍ଧନ କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଡକ୍ଟର ଦେବାଶିଷ ପାତ୍ର ଓ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡ. ସନ୍ତୋଷ କୁମାର ନାୟକ ବରେଣ୍ୟ ବକ୍ତା ଭାବେ ଯୋଗ ଦେଇ ସ୍ୱଭାବକବିଙ୍କ ସାହିତ୍ୟକୃତି ଓ କଥାସମ୍ରାଟ ଫକୀରମୋହନଙ୍କ ସହିତ ତାଙ୍କର ନିବିଡ଼ ସଂପର୍କ ସଂପର୍କରେ ଆଲୋଚନା କରିବା ସହିତ ଗଙ୍ଗାଧର ଲୋକଜୀବନର ମହାର୍ଘ ଚେତନାକୁ ସାଉଁଟି ଆଣି ତାକୁ ଶବ୍ଦର ତାରକସି କର୍ମରେ ରୂପାୟିତ କରିବାରେ ଅନନ୍ୟ ଥିଲେ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ପ୍ରଫେସର ଇନ୍ଦିରା ଦତ୍ତଙ୍କ ପ୍ରଦତ୍ତ ତଥା ଚିତ୍ରଶିଳ୍ପୀ ନିତ୍ୟାନନ୍ଦ ସାହୁଙ୍କଦ୍ୱାରା ପ୍ରସ୍ତୁତ ଗଙ୍ଗାଧର ମେହେରଙ୍କ ତୈଳଚିତ୍ରକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପରିଷଦର ସଂପାଦକ ଦୀପକ ବୋଷ ପ୍ରାକ୍‌ବକ୍ତବ୍ୟ ରଖିଥିଲେ। କଲ୍ୟାଣୀ ନନ୍ଦ ଗଙ୍ଗାଧର ସଙ୍ଗୀତ ଗାନ କରିଥିଲେ। ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବାବେଳେ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ସହରର ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।



# ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ ପାଳିତ

ନୀଳଗିରି, ୧୯/୮ (ନି.ପ୍ର): ନୀଳଗିରି ଏନଏସି ୨ ନମ୍ବର ୱାର୍ଡ ଘାଟଘର ସାହିରେ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ସ୍ଥାନୀୟ ବାସିନ୍ଦାଙ୍କ ସହିତ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ପାଳନ କରାଯାଇଛି। ସେମାନଙ୍କୁ ନିଶା ନିବାରଣ,ହିନ୍ଦୁତ୍ୱ ଗଠନ, ଗୋସେବା ସହ ରାକ୍ଷୀ ପୂର୍ଣ୍ଣମାର ମହତ୍ୱ ସମ୍ପର୍କରେ ବୁଝାଯାଇଥିଲା। ଶେଷରେ ଉପସ୍ଥିତ ସମସ୍ତ ଭାଇ ଭଉଣୀ ମାନଙ୍କୁ ରାକ୍ଷୀ ବାନ୍ଧିବା ସହିତ ମିଷ୍ଟାନ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦର ଏନଏସି ସଭାପତି ସୁଭାଶିନୀ ଜୀ,ବ୍ଲକ ସମ୍ପାଦକ ଦେବାଶିଷ ଷଡଙ୍ଗୀ,ବ୍ଲକ ସଭାପତି ଉତ୍ତମ କୁମାର ବିଶ୍ୱାଳ, ଏନଏସି ସମ୍ପାଦକ ଜୟନ୍ତୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



# ରାକ୍ଷୀ ପୂର୍ଣ୍ଣିମାରେ ସାଂସଦଙ୍କ ରକ୍ଷା ବନ୍ଧନ



ବାଲେଶ୍ୱର, ୧୯/୮ (ନି.ପ୍ର): ଆଜି ପବିତ୍ର ରକ୍ଷାବନ୍ଧନ ଉତ୍ସବକୁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପ୍ରତିବର୍ଷ ଭଳି ତାଙ୍କ ଚିରାଚରିତ ଢ଼ଙ୍ଗରେ ପାଳନ କରିଛନ୍ତି। ନିଳଗିରି ଡ଼ାକ୍ତରଖାନା, ନିଳଗିରି ଉପଖଣ୍ଡ କାରାଗାର, ବାଲେଶ୍ୱର ଉତ୍କଳ ବାଳାଶ୍ରମ, ରାଣୀପାଟଣା ଅନ୍ଧମୂକବଧିର ବିଦ୍ୟାଳୟ, ଟେଣ୍ଡା କନ୍ୟାଶ୍ରମ, ଟେଣ୍ଡା ସେବାଶ୍ରମ, ବାଙ୍କୀଶୁଳ ଆଶ୍ରମ ବିଦ୍ୟାଳୟ, ତେଲିପାଳ ଆଶ୍ରମ ବିଦ୍ୟାଳୟ, କସ୍ତୁରବା ଆଶ୍ରମ ବିଦ୍ୟାଳୟ, ତରତରୀ ବାଳିକା ବିଦ୍ୟାଳୟ, ବଣଭୂଇଁ ଆଶ୍ରମ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅନ୍ତେବାସୀଙ୍କ ହାତରେ ରାକ୍ଷୀ ବାନ୍ଧି ମିଷ୍ଟାନ୍ନ ବଣ୍ଟନ କରିଥିଲେ। ରକ୍ଷା ବନ୍ଧନ ସମୟରେ ସମବେତ ରାକ୍ଷୀ ଗୀତ ଗାଇ ସମସ୍ତଙ୍କ ସହିତ ଆନନ୍ଦ ଉଲ୍ଲାସର ବାତାବରଣ ସୃଷ୍ଟି ହେଉଥିଲା। ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ମାଧ୍ୟମରେ ସାମାଜିକ ଏକତା ଓ ପରସ୍ପରକୁ ଭଲପାଇବାର ସମ୍ଭାବନା ଆଣିଦେଇଥାଏ ବୋଲି ସେ କହିଥିଲେ। ଉତ୍କଳ ବାଳାଶ୍ରମରେ ରକ୍ଷାବନ୍ଧନ ସମୟରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ଜିଲ୍ଲା ସଭାପତି ଲମ୍ବୋଦର ନାୟକ, ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଉପସଭାପତି କମଳଲୋଚନ ଦାସ, ସମ୍ପାଦକ ବିଜୟ ସାହୁ, ମହୁଆ ପ୍ରଧାନ, ସସ୍ମିତା ଚାନ୍ଦ, ଆଶିଷ ଘୋଷ, ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ସହସଂଯୋଜକ ରଣଜିତ ପୃଷ୍ଟି, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ବାଳାଶ୍ରମ ଅଧିକାରୀ ସୁବ୍ରତ ମହାପାତ୍ର ଏବଂ ସେଠାକାର ସମସ୍ତ କର୍ମଚାରୀ ରକ୍ଷାବନ୍ଧନରେ ଅଂଶଗ୍ରହଣ କରିଥିଲେ ପରସ୍ପରଙ୍କ ହାତରେ ରାକ୍ଷୀ ବାନ୍ଧି ମିଠା ଖୁଆଇ ଥିଲେ।

# ବୁଲେଟ ଗାଡ଼ି ପାଇଁ ବାପା ଟଙ୍କା ନ ଦେବାରୁ ପୁଅର ଆତ୍ମହତ୍ୟା

ବସ୍ତା, ୧୯।୮(ନିପ୍ର):ଆଜିକାଲି ଡିଜିଟାଲ ଯୁଗରେ ଯୁବକଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବଢ଼ି ଚାଲିଛି। କଥା କଥା କେ ଆତ୍ମହତ୍ୟା କରିବା ଏକ ମାମୁଲି ଘଟଣା ହୋଇଯାଇଛି।ରବିବାର ରାତିରେ ଏହିଭଳି ଘଟଣା ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ୍ ବାହାର୍ଦ୍ଧା ପଞ୍ଚାୟତ ପଳାସିଆ ଗାଁରେ ହୋଇଛି। ସୂଚନାରୁ ପ୍ରକାଶ ଯେ ପଦ୍ମନାଭ ଭକ୍ତାଙ୍କ ପୁଅ ଭବାନୀ ଶଙ୍କର ଏକ ବୁଲେଟ ବାଇକ୍ କିଣିବା ପାଇଁ ବାପାଙ୍କୁ କହିଥିଲେ ଏବଂ ଏଥିପାଇଁ ଜିଦ୍ ଧରି ଥିଲେ। ଏଥିରେ ବାପା ଅରାଜି ହେବାରୁ ସମସ୍ତ ଙ୍କ ଅଜାଣତ ରେ ଭବାନୀ ଶଙ୍କର (୧୯ ବର୍ଷ) ଘର ଗ୍ରିଲରେ ଲୁଗାରେ ଫାଶୀ ଦେଇ ଆତ୍ମ ହତ୍ୟା କରିଥିବା ଜଣା ଯାଇଛି। ସେ ଯୁକ୍ତ ଦୁଇ ପରେ ବସ୍ତା ରେ ଆଇ ଟି ଆଇ (ଇଲେକ୍ଟ୍ରିସିଆନ୍)ରେ ପଢୁଥିଲା। ଖବର ପାଇ ବସ୍ତା ପୁଲିସ ଏ ସମ୍ପର୍କରେ ସୋମବାର ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇଛି ଓ ତଦନ୍ତ ଜାରି ରଖିଛି।

# ଲାୟନ୍ସ କ୍ଲବ୍ ଭଦ୍ରକାଳୀ ଡିଭାଇନ୍ ପକ୍ଷରୁ ମେଗା ବୃକ୍ଷରୋପଣ

ଭଦ୍ରକ, ୧୯/୮ (ନି.ପ୍ର): ସମଗ୍ର ବିଶ୍ୱରେ ବୃକ୍ଷ କ୍ଷୟ ଯୋଗୁଁ ମାନବ ସମାଜ ଧ୍ୱଂସ ହେବାଭଳି ଅଭାବନୀୟ ପରିସ୍ଥିତି ଏବେ ଦେଖାଦେଇଛି। ଆମେ ସିନା ଏବେ କେବଳ କୋଠାବାଡି ନିର୍ମାଣ କରି କଂକ୍ରିଟ୍ ଜଂଗଲ ରୂପୀ ସହରୀକରଣ କରିଚାଲିଛୁ, କିନ୍ତୁ ହାରାହାରି ୩ ସିଲିଣ୍ଡର ଅକ୍ସିଜାନ ଦେଉଥିବା ବୃକ୍ଷଟିକୁ ନାଶ କରୁଛୁ। ଯେଉଁ ଅକ୍ସିଜାନ ଆମେ ନିଶ୍ୱାସରେ ନେଇ ପ୍ରାଣ ସଂଚାର କରୁଛୁ। ଏଣୁ ଏଭଳି ଏକ ଅଭାବନୀୟ ଘଡିସନ୍ଧି ମୁହୂର୍ତରେ ଲାୟନ୍ସ କ୍ଲବ୍ ଭଦ୍ରକାଳୀ ଡିଭାଇନ ବୃକ୍ଷରୋପଣକୁ ନିଜର ମେଗା ପ୍ରୋଜେକ୍ଟ ଭାବେ ଗ୍ରହଣ କରି ପରିବେଶର ସନ୍ତୁଳନ ରକ୍ଷା ନିମନ୍ତେ ଆଜି ପବିତ୍ର ଗହ୍ମାପୂର୍ଣ୍ଣୀ ତଥା ରକ୍ଷାବନ୍ଧନ ଅବସରରେ ବରପଦାସ୍ଥିତ ସତ୍ୟନାରାୟଣ ମନ୍ଦିର ପରିସରରେ ଶତାଧିକ ବୃକ୍ଷରୋପଣ କରିଛି। ଏଥି ଉପଲକ୍ଷେ ଏକ ସଚେତନତା ସଭା ମନ୍ଦିର ପରିସରରେ ସଭାପତି ପଦ୍ମନ କୁମାର ରାୟଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ଏବଂ ଏଭଳି ଏକ ମହତ୍ କାର୍ଯ୍ୟ କ୍ଲବ୍ ପକ୍ଷରୁ ବର୍ଷସାରା ଜାରି ରହିବ ବୋଲି ବରିଷ୍ଠ ଲାୟନ୍ସ ଆଇନ୍‌ଜୀବୀ ପର୍ଶୁରାମ ଦ୍ୱିବେଦୀ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କ୍ଲବ୍‌ର ସଂପାଦକ ବୈଲୋଚନ ବେହୁରିଆ, କୋଷାଧ୍ୟକ୍ଷ ଡ. ନାରାୟଣ ଚନ୍ଦ୍ର ମିଶ୍ର , ପୂର୍ବତନ ସଭାପତି ସତ୍ୟେନ୍ଦୁ କୁମାର ରାୟ ମହାପାତ୍ର, ବରିଷ୍ଠ ଲାୟନ ଆଇନ୍‌ଜୀବୀ ପର୍ଶୁରାମ ଦ୍ୱିବେଦୀ, ସନ୍ତୋଷ ପତି, ସଦସ୍ୟ ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟ, ଗୀତାଞ୍ଜଳି ଦ୍ୱିବେଦୀ, ପ୍ରଦୀପ କୁମାର ସାବତ, ଅମର ମହାନ୍ତି, କବିତା ପତି, ବର୍ଷା ମଙ୍ଗଳ ସନ୍ଧ୍ୟା, ଲାୟନ୍ସ ପ୍ରତାପ କୁମାର ନାୟକ, ଇଂ ଅକ୍ଷୟ ଘଡେଇ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ବୃକ୍ଷରୋପଣ କରିଥିଲେ।



# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରକ୍ଷା ବନ୍ଧନ ଉତ୍ସବ

ବାଲିଆପାଳ ୧୯/୮( ନି ପ୍ର ) ବାଲିଆପାଳ ବ୍ଲକ ବଡ଼ ସିମୁଳିଆ ସ୍ଥିତ ନୂଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସୋମବାର ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇ ଯାଇଛି। ଏହି ଉତ୍ସବରେ ବରିଷ୍ଠ ଶିକ୍ଷାବିତ ଅଧ୍ୟାପକ ଡ଼ଃ ସୁକାନ୍ତ କୁମାର ଗିରି, ପରିଚାଳନା କମିଟି ସଭାପତି ଇଂ ସୁଶାନ୍ତ କୁମାର ଚକ୍ରବର୍ତ୍ତୀ, ଛାତ୍ର ଅଭିଭାବକ ଯଜ୍ଞେଶ୍ୱର ବେହେରା, ମନୋଜ କୁମାର ବାରିକ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ରକ୍ଷା ବନ୍ଧନର ପରମ୍ପରା, ବଳରାମ ଜୟନ୍ତ, ଗୋ ପୂଜନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପରସ୍ପର ମଧ୍ୟରେ ରକ୍ଷୀ ବନ୍ଧା ପର୍ବ ଅନୁଷ୍ଠିତ ହୋଇ ଥିଲା। ଏ ସମ୍ପର୍କିତ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇ ଥିଲା।ପ୍ରଧାନ ଆଚାର୍ଯ୍ୟା ସଞ୍ଜୁଲତା ପାତ୍ର, ସୁମିତା ମଣ୍ଡଳ, ମନିତ ରାଜ, ସସ୍ମିତା ପ୍ରଧାନ, ନିବେଦିତା ସାହୁ, ସସ୍ମିତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ।



❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo